ବର୍ଷ-୨୫, ସଂଖ୍ୟା-୧୮
ଭୁବନେଶ୍ୱର
୧୮, ଜାନୁଆରୀ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 18
Bhubaneswar
18 January, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୫୦ ବର୍ଷ ବୟସରେ ଗ୍ରାଜୁଏଟ୍ ହୋଇଥିଲେ ଟ୍ୱିଙ୍କଲ୍ ଖାନ୍ନା

# ସିଙ୍ଗାପୁର ସହ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି

ଭୁବନେଶ୍ୱର, ୧୭।୧ (ମହାଭାରତ): ଓଡିଶା ଗସ୍ତରେ ଏବେ ସିଙ୍ଗାପୁର ରାଷ୍ଟ୍ରପତି ଥିବାବେଳେ ତାଙ୍କ ଉପସ୍ଥିତିରେ ରାଜ୍ୟ ସରକାର ଆଜି ୮ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଓଡ଼ିଶାର ଦକ୍ଷତା ଓ ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଏହାଦ୍ୱାରା ଓଡ଼ିଶାରେ ପୁଞ୍ଜି ନିବେଶ ହେବା ସହ ସହରାଞ୍ଚଳ ଯୋଜନା, ବନ୍ଦର ପରିଚାଳନା, ଲଜିଷ୍ଟିକ୍ସ, ସବୁଜ ଶକ୍ତି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅଧିକ ସହଯୋଗର ସମ୍ଭାବନା ସୃଷ୍ଟି ହେବ।

ରାଜ୍ୟ ଶକ୍ତି ବିଭାଗ, ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭରସିଟି (ଏନଟିୟୁ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ସହିତ ଆନୁଷ୍ଠାନିକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ସିଙ୍ଗାପୁରର ମହାମହିମ ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମ୍ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ସହଯୋଗାତ୍ମକ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି। ନୂତନ ଏବଂ ଅକ୍ଷୟ ଶକ୍ତି ସମ୍ବନ୍ଧୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଅକ୍ଷୟ ଶକ୍ତି ବିକାଶ ଦିଗରେ ଏହି ଏମଓୟୁ ଏକ ପରିବର୍ତ୍ତନକାରୀ



ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହି ସହଭାଗିତା ବଳରେ ଓଡ଼ିଶାକୁ କାର୍ବନ ମୁକ୍ତ କରିବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ୨୦୭୦ ମସିହା ସୁଦ୍ଧା ଦେଶର ନେଟ୍-ଜିରୋ ଲକ୍ଷ୍ୟ ସାଧନ ଅଧିକ ସହଜ ହେବ। ଅକ୍ଷୟ ଶକ୍ତିରେ କୁଶଳୀ ମାନବ ସମ୍ବଳ ଏବଂ ଉଚ୍ଚସ୍ତରୀୟ ବିଶେଷଜ୍ଞ ସୃଷ୍ଟି କରିବା ଦିଗରେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଜଣାପଡିଛି। ଏଥିସହିତ ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ ପାଇଛି। ଏହି ସହଭାଗୀତାର ଉଦ୍ଦେଶ୍ୟ ହେଉଛି ଅକ୍ଷୟ ଶକ୍ତି ଉତ୍ସ ଯଥା ସୌର, ପବନ, ଜଳ ବିଦ୍ୟୁତ, ଏବଂ ଜୈବିକ ଶକ୍ତି ଆଦି କ୍ଷେତ୍ରରେ ଆବଶ୍ୟକ ହେଉଥିବା ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି ଆଣିବା ସହିତ ଅତ୍ୟାଧୁନିକ, ଦକ୍ଷ ଏବଂ ସ୍ଥାୟୀ ଶକ୍ତି ସମାଧାନର ବିକାଶ କରିବା ଏହା ଶିଳ୍ପ ଏବଂ ଦୈନନ୍ଦିନ ଜୀବନରେ ସୁରକ୍ଷା, ଦକ୍ଷତା ଏବଂ ବାସ୍ତବ ପ୍ରୟୋଗ ଉପରେ ଧ୍ୟାନ ଦେଇ ବ୍ୟାଟେରୀ ଶକ୍ତି ଷ୍ଟୋରେଜ୍ ସିଷ୍ଟମ୍ (ବିଇଏସ୍ଏସ୍), ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ (ପିଏସପି) ଏବଂ ହାଇଡ୍ରୋଜେନ୍ ଟେକ୍ନୋଲୋଜି ଷ୍ଟୋରେଜ୍ ଭଳି ନୂତନ ତଥା ସୃଜନାତ୍ମକ ଦିଗର ବିକାଶରେ ସହାୟକ ହେବ।ଏହି ମିଳିତ ରାଜିନାମା ବଳରେ ମାଇକ୍ରୋ ଗ୍ରିଡ୍ ଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା, ଅକ୍ଷୟ ଶକ୍ତି ଏକୀକରଣ ପାଇଁ ଗ୍ରୀଡ୍ ପରିଚାଳନା ରଣନୀତିର ପ୍ରସ୍ତୁତି ଏବଂ ଜଳବାୟୁ ତଥା ପରିବେଶ ବିଜ୍ଞାନ କ୍ଷେତ୍ରରେ ଅଧିକ ଅଧ୍ୟୟନ ସମ୍ଭବପର ହେବ। ଏହି ସହଯୋଗ ଶକ୍ତି କ୍ଷେତ୍ରରେ ପେସାଦାର ମାନବସମ୍ବଳ ସୃଷ୍ଟି ଦିଗରେ ମଧ୍ୟ ଅଧିକ ସହାୟକ ହେବ ଏବଂ ଏହା ଅକ୍ଷୟ ଶକ୍ତି ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ଏକ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବ। ଏହି ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସିଙ୍ଗାପୁର ପରିବହନ ଏବଂ ଉପ-ଅର୍ଥମନ୍ତ୍ରୀ ଚି ହଙ୍ଗ୍ ଟାଟ୍, ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡ଼ାଙ୍କ ସହ ଏନଟିୟୁ, ସିଙ୍ଗାପୁର, ଆଇଆଇଟି, ଭୁବନେଶ୍ୱର ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଖୁବଶୀଘ୍ର ରାଜ୍ୟବାସୀ ପାଇବେ ଆୟୁଷ୍ମାନ ଭାରତ

ଭୁବନେଶ୍ୱର, ୧୭।୧ (ମହାଭାରତ): ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଚୁକ୍ତିନାମା ଜାନୁଆରୀ ୧୩ ତାରିଖରେ ସ୍ୱାକ୍ଷରିତ ହେବା ପରେ ଓଡ଼ିଶାବାସୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସୁଫଳ କିପରି ଯଥାଶୀଘ୍ର ପାଇପାରିବେ ସେ ନେଇ ବିଭାଗ ବିଭିନ୍ନ ପ୍ରସ୍ତୁତି ଓ ପ୍ରଶିକ୍ଷଣ ଆରମ୍ଭ କରିଛି। ଏହି ସମନ୍ୱିତ ଯୋଜନା ଦ୍ୱାରା ରାଜ୍ୟବାସୀ ଦେଶର ପ୍ରାୟ ୩୦ ହଜାର ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ । ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିବ ଯୁଗାନ୍ତକାରୀ ପରିବର୍ତ୍ତନ ।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ସମନ୍ୱିତ କରି ଜନସାଧାରଣଙ୍କୁ ଅତିଶୀଘ୍ର ସ୍ୱାସ୍ଥ୍ୟସେବାର ସୁଫଳ ଦେବା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆଜିଠାରୁ ଯୋଜନା ସହ ସଂପୃକ୍ତ ବିଭିନ୍ନ ଅଂଶୀଦାର ଏବଂ ପ୍ରଧାନମନ୍ତ୍ରୀ ଆରୋଗ୍ୟମିତ୍ରଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୬୦ଟି ଚିକିତ୍ସାଳୟର ୧୮୦ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସମ୍ପର୍କିତ ଆଇଟି ପ୍ଲାଟଫର୍ମର ବିବିଧ ବ୍ୟବହାର, ଟ୍ରାନଜେକସନ ମ୍ୟାନେଜମେଂଟ ସିଷ୍ଟମ୍, ଅଭିଯୋଗ ସମାଧାନ ପ୍ରକ୍ରିୟା ଓ ଅନ୍ୟାନ୍ୟ ସମ୍ବନ୍ଧରେ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷିତ କରିଥିଲେ । ପର୍ଯ୍ୟାୟକ୍ରମେ ଓଡ଼ିଶାର ସମସ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟର ଅଂଶୀଦାର ଏବଂ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶ୍ରୁତି ସମିତି (ସାସ)ର ସିଇଓ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡ଼ିଶା)ର ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ଡି., ଡା. ବିଷ୍ଣୁପ୍ରସାଦ ମହାପାତ୍ର, ଡା. ରଶ୍ମିରଞ୍ଜନ ମହାପାତ୍ର, ଡା. ଅରୁଣ ମହାପାତ୍ର, ଶରତ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।

## ସରକାରଙ୍କ ତୀକ୍ଷ୍ଣ ଦୃଷ୍ଟିରେ ବାହାର ରାଜ୍ୟର ଧାନ ଗାଡ଼ି

ଭୁବନେଶ୍ୱର, ୧୭।୧ (ମହାଭାରତ): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ସରକାର ଯଥୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି । ପଞ୍ଜିକୃତ ଚାଷୀ ସେମାନଙ୍କ ଧାନକୁ ସରକାରୀ ସ୍ତରରେ ବିକ୍ରୟ କରିପାରିବେ ଏଥିନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ବାହାର ରାଜ୍ୟରୁ ଯେଭଳି ଧାନ ଆସି ରାଜ୍ୟରେ ବିକ୍ରୟ ନହୁଏ ଏହା ଉପରେ ମଧ୍ୟ କଡା ନଜର ରଖାଇଯାଇଛି । ବିଶେଷକରି ରାଜ୍ୟର ସୀମାନ୍ତ ଅଂଚଳରେ ଏହି ବ୍ୟବସ୍ଥାକୁ କଡାକଡି କରାଯାଇଛି ।

ଏହି ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ୨୧୭ଟି ଏନଫୋର୍ସମେଂଟ ଟିମକୁ ମୁତୟନ ହୋଇଛନ୍ତି । ଆବଶ୍ୟକତା ଅନୁଯାୟୀ ଏହି ଟିମ ଗୁଡିକ ମୁତୟନ ହେବା ସହ ବାହାର ରାଜ୍ୟର ଧାନ ଗାଡି ସମ୍ପର୍କିତ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ସେମାନେ ବିଶେଷ କରି ସୀମାବର୍ତ୍ତୀ ରାଜ୍ୟରୁ ଧାନନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡି ଉପରେ ନଜର ରଖୁଛନ୍ତ । କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡିକୁ ଜବତ କରିବାକୁ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ ଏ ସଂକ୍ରାନ୍ତରେ କଡା ନିର୍ଦ୍ଦେଶ ଦେବା ସହ ଆବଶ୍ୟକତା ଅନୁଯାୟୀ ଇନଫୋର୍ସମେଂଟ ମୁତୟନ କରିଛନ୍ତି । ଏ କ୍ଷେତ୍ରରେ ଜିଲ୍ଲା ଯୋଗାଣ ଅଧିକାରୀ ମାନେ ମଧ୍ୟ ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି ।

## ହମାସର କଠୋର ସର୍ତ୍ତ

**ଗାଜା, ୧୭।୧ (ଏଜେନ୍ସି):** ଗାଜାରେ ଶାନ୍ତି ଘୋଷଣା କରାଯାଇଛି। ଇସ୍ରାଏଲ ଓ ହମାସ ଯୁଦ୍ଧ ଶେଷ କରିବାକୁ ରାଜି ହୋଇଛନ୍ତି । କତାର ରାଜଧାନୀରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଛ। କିନ୍ତୁ ହମାସ ସହ ହୋଇଥିବା ଚୁକ୍ତି ପାଇଁ ଇସ୍ରାଏଲକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ । ଶାନ୍ତି ଚୁକ୍ତି ଅଧୀନରେ ସ୍ଥିର ହୋଇଥିବା ଫର୍ମୁଲାରୁ ସ୍ପଷ୍ଟ ହେଉଛି ଯେ ଇସ୍ରାଏଲ ନିଜ ନାଗରିକଙ୍କୁ ବଞ୍ଚାଇବା ପାଇଁ ସବୁକିଛି ବାଜି ଲଗାଇଛି। ଜଣେ ୨ ବର୍ଷର ଇସ୍ରାଏଲ ବାଳକ ବଦଳରେ ୩୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ହାମାସ ଦାବି କରିଛି । ସେହିପରି ଜଣେ ମା' ଓ ତାଙ୍କ ପିଲାଙ୍କ ବଦଳରେ ୧୦୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ କୁହାଯାଇଛି ।

## କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି

**ଭୁବନେଶ୍ୱର, ୧୭।୧** (ମହାଭାରତ): ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନେ ଜୁନିଅର ଟିଚର (ସ୍କିମାଟିକ) ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ମାସିକ ୧୧,୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବର୍ଗର ଶିକ୍ଷକ ମାନଙ୍କର ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଶିକ୍ଷକ ମାନଙ୍କ ମାସିକ ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ବୃଦ୍ଧି ପାଇ ୧୬,୦୦୦ ଟଙ୍କା କରାଯାଇଛି। ଏହାସହିତ ଏହି ବର୍ଗର ଶିକ୍ଷକ ମାନଙ୍କ ଇପିଏଫ ପରିମାଣ ମଧ୍ୟ ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ପ୍ରତ୍ୟେକ ସ୍କିମାଟିକ କନିଷ୍ଠ ଶିକ୍ଷକଙ୍କ ପାଇଁ ପୂର୍ବରୁ ୧୨,୫୪୩ ଟଙ୍କା ପ୍ରଦାନ କରୁଥିବା ବେଳେ, ଏବେ ମାସକୁ ୧୭,୯୫୦ ଟଙ୍କା ପ୍ରଦାନ କରିବେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୧୩,୭୪୦ ଜଣ ସ୍କିମାଟିକ କନିଷ୍ଠ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୮୯.୧୫ କୋଟି ଟଙ୍କା ବହନ କରିବେ। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ୧୬,୦୦୦ ରୁ ଅଧିକ କନିଷ୍ଠ ଶିକ୍ଷକ ନିଯୁକ୍ତି କରାଯାଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହାଦ୍ୱାରା ଏହି ବର୍ଗର କନିଷ୍ଠ ଶିକ୍ଷକମାନେ ଉପକୃତ ହେବେ ଏବଂ ଏହାଦ୍ୱାରା ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ।

## ୮ ଲକ୍ଷ ପୁରସ୍କାର ଘୋଷିତ ମାଓ କମାଣ୍ଡର ଗିରଫ

ମାଲକାନଗିରି, ୧୭।୧ (ମହାଭାରତ): ମାଲକାନଗିରି ସୀମାନ୍ତରେ ଆଜି ପୁଣି ନକ୍ସଲ ପୁଲିସ ଗୁଳିବିନିମୟ ଘଟିଛି କାଂକେର ଜିଲ୍ଲା ଅନ୍ତର୍ଗତ ଛୋଟେବେଠିଅ। ଥାନା ଅଂଚଳର ସୀତାରାମ ଜଂଗଲରେ ଡିଆରଜି ,ବିଏସଏଫ ଯବାନ ଏବଂ ନକ୍ସଲ ମଧ୍ୟରେ ଗୁଳିବିନିମୟ ଘଟିଛି ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଦୁହିଁଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ ତେବେ ଯବାନ ନକ୍ସଲଙ୍କୁ ପିଛା କରି ସର୍ଚ୍ଚ ଅପରେସନ କରୁଥିବା ବେଳେ ମିଲିଟ୍ରି କମ୍ପାନୀ ୫ର ପ୍ଲାଟୁନ ନମ୍ବର-୨ର କମାଣ୍ଡର ମୋତିରାମ ଓରଫ ରାକେଶ ଉସେଣ୍ଡି(୩୯)କୁ ଯବାନ ଗିରଫ କରିଥିଲେ। ମୋତିରାମ ନାମରେ ସରକାର ୮ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ। ଘଟଣାସ୍ଥଳରୁ ଯବାନ ଗୋଟିଏ ବନ୍ଧୁକ,ବିସ୍ଫୋରକ ସମେତ ବହୁ ମାତ୍ରାରେ ମାଓ ସାମଗ୍ରୀ ଜବତ କରିଛି ପୁଲିସ ମୋତିରାମକୁ ଧରି ପଚରାଉଚରା କରୁଛି ମୋତିରାମ ଠାରୁ ପୁଲିସ ବହୁ ତଥ୍ୟ ହାସଲ କରିବ ବୋଲି ଜଣାପଡିଛି। ଅନ୍ୟପଟେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ଲଗାତାର ପୁଲିସକୁ ମାଓ ଦମନରେ ସଫଳତା ମିଳୁଥିଲେ ମଧ୍ୟ ନକ୍ସଲ ନିଜର ହିଂସାତ୍ମକ ପନ୍ଥା ଛାଡୁନାହାନ୍ତି।

## ନବ ଦାସଙ୍କ ଭାଇ ଘରେ ଆୟକର ଚଢ଼ଉ

ସମ୍ବଲପୁର, ୧୭।୧ (ମହାଭାରତ): ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଭାଇ ବ୍ରଜକିଶୋର ଦାସଙ୍କ ଘରେ ଆଜି ସକାଳୁ ଆୟକର ବିଭାଗ ପକ୍ଷରୁ ଚଢ ଚାଲିଛି। ଟିକସ ଫାଙ୍କିବା ଅଭିଯୋଗରେ ସୁପରକ୍ଲାସ ଠିକାଦାର ବ୍ରଜକିଶୋର ଦାସଙ୍କ ଧନକଉଡ଼ା ଘରେ ଆୟକର ଟିମ୍ ଚଢ କରୁଥିବାର ସୂଚନା ରହିଛି। ଉଭୟ ଭୁବନେଶ୍ୱର ଓ ଛତିଶଗଡ଼ ଆୟକର ଟିମ୍ ପକ୍ଷରୁ ମିଳିତ ଚଢ଼ଉ କରାଯାଉଛି। ଏକାସାଙ୍ଗେ ୧୦ଟି ଗାଡ଼ିରେ ୨୦ଜଣିଆ। ଟିମ୍ ଏହି ଚଢରେ ସାମିଲ ଥିବା ଜଣାଯାଇଛି।

ଟିକସ ଫାଙ୍କିବା ଅଭିଯୋଗରେ ସୁପରକ୍ଲାସ ଠିକାଦାର ବ୍ରଜକିଶୋର ଦାସଙ୍କ ଧନକଉଡ଼ା ଘରେ ଆୟକର ଟିମ୍ ଚଢ କରୁଥିବାର ସୂଚନା ରହିଛିୟ ଉଭୟ ଭୁବନେଶ୍ୱର ଓ ଛତିଶଗଡ଼ ଆୟକର ଟିମ୍ ପକ୍ଷରୁ ମିଳିତ ଚଢ଼ଉ କରାଯାଉଛି। ଏକାସାଙ୍ଗେ ୧୦ଟି ଗାଡ଼ିରେ ୨୦ଜଣିଆ। ଟିମ୍ ଏହି ଚଢରେ ସାମିଲ ଥିବା ଜଣାପାଇଛି। ସ୍ୱର୍ଗତ ନବ ଦାସଙ୍କ ଭାଇ ବ୍ରଜକିଶୋର ଦାସଙ୍କ ଘରୁ ମର୍ସିଡିଜ, ରେଞ୍ଜରୋଭର, କିଆଠୁ ଆରମ୍ଭ କରି ବିଭିନ୍ନ ଦାମୀ କାର ଜବତ ହୋଇଥିବା କୁହାଯାଉଛି। ସ୍ୱର୍ଗତ ନବ ଦାସଙ୍କ ଭାଇ ବ୍ରଜକିଶୋର ଦାସଙ୍କ ଘରୁ ମର୍ସିଡିଜ, ରେଞ୍ଜରୋଭର, କିଆଠୁ ଆରମ୍ଭ କରି ବିଭିନ୍ନ ଦାମୀ କାର ଜବତ ହୋଇଥିବା କୁହାଯାଉଛି। ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଉଛି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, ୧୭।୧ (ମହାଭାରତ): ଆପଣମାନେ ଯେପରି ଖୁସି ମନରେ ତୀର୍ଥଯାତ୍ରା କରିବାକୁ ଯାଉଛନ୍ତି, ସେହିଭଳି ସୁସ୍ଥ ଓ ନିରାପଦ ଭାବେ ତୀର୍ଥଯାତ୍ରା ସମ୍ପନ୍ନ କରି ଅଶେଷ ପୁଣ୍ୟ ଅର୍ଜନ କରି ଘରକୁ ଫେରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଉଦ୍ବୋଧନ ଦେଇ କହିଛନ୍ତି।



ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାର ୮୦୦ ଜଣ ବରିଷ୍ଠ ନାଗରିକ ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥଳୀ ସିରିଡି ଓ ନାସିକ ଦର୍ଶନ ପାଇଁ ଆଜି ଯାତ୍ରା ଆରମ୍ଭ କରିଛନ୍ତ। ମୁଖ୍ୟମନ୍ତ୍ରୀ ପାରମ୍ପରିକ ପୂଜା ସହିତ ପତକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥି ସହିତ ଟ୍ରେନ ଭିତରେ ବୁଲି ବୁଲି ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ।

ସୂଚନାଯୋଗ୍ୟ ଯେ, ରାଜ୍ୟର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ଆଧ୍ୟାତ୍ମିକ ଓ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି। ଚଳିତ ବର୍ଷ ରାଜ୍ୟର ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ୧୦ଟି ପର୍ଯ୍ୟାୟରେ ସିରିଡି, ନାସିକ, କୋଲକତା ଦକ୍ଷିଣକାଳୀ, କାମାକ୍ଷା, ଅଯୋଧ୍ୟା, ବାରଣସୀ ଆଦି ତୀର୍ଥସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାୟଗଡା ଓ ବାଲେଶ୍ୱର ଷ୍ଟେସନରୁ ଦୁଇଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଟ୍ରେନ ଚଳାଚଳ କରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ସନାତନ ପରମ୍ପରା ଅନୁଯାୟୀ, ଜୀବନକାଳ ମଧ୍ୟରେ କିଛି କିଛି ଧର୍ମସ୍ଥଳୀ ଦର୍ଶନ କରି ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ସମସ୍ତଙ୍କ ଇଚ୍ଛା ଥାଏ। କୌଣସି କାରଣ ବଶତଃ ଏହା ସମ୍ଭବ ହୋଇନଥାଏ। ଖୁସିର କଥା ଆପଣମାନଙ୍କ ପାଇଁ ବାବା ଭୋଲେନାଥ ଓ ସିରିଡି ସାଇଙ୍କ ଦରବାରକୁ ଡୋର ଲାଗିଛି ଏବଂ ଆପଣମାନେ ତାଙ୍କ ଦର୍ଶନ ପାଇଁ ଯାଉଛନ୍ତି। ନିଜର ଓ ନିଜ ପରିବାରର ମଙ୍ଗଳ କାମନା କରିବା ସହିତ ରାଜ୍ୟର ସମୃଦ୍ଧି ଓ ଉନ୍ନତି ପାଇଁ ମଧ୍ୟ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବେ।

ସେ ଆହୁରି କହିଥିଲେ ଯେ, ଭାରତୀୟ ସଂସ୍କୃତିକୁ ଏକ ସୂତ୍ରରେ ବାନ୍ଧି ରଖିଛି ଆମ ମନ୍ଦିର ପରମ୍ପରା। ଅତୀତରେ ମନ୍ଦିର ପରମ୍ପରା ଆମ ସାଂସ୍କୃତିକ ଭାବ ବିନିମୟର କେନ୍ଦ୍ର ଥିଲା । ଆମ ଐତିହ୍ୟ, କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ଅର୍ଥନୀତିର ସମନ୍ୱୟ ପୀଠ ଥିଲା ମନ୍ଦିର। ସେଥିପାଇଁ ପ୍ରତ୍ୟେକ ଭାରତୀୟମାନେ ତୀର୍ଥସ୍ଥଳୀ ଓ ମନ୍ଦିର ପରିଦର୍ଶନ କରିବା ପାଇଁ ମନ ଭିତରେ ସବୁ ବେଳେ ଆଶା ରଖିଥାନ୍ତି।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ସିଙ୍ଗାପୁର ରାଷ୍ଟ୍ରପତି

ଭୁବନେଶ୍ୱର, ୧୭।୧ (ମହାଭାରତ): ସିଙ୍ଗାପୁରର ରାଷ୍ଟ୍ରପତି ମହାମହିମ ଥର୍ମନ୍ ଶଙ୍ଗାଗରନ୍ମ୍ ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ସିଙ୍ଗାପୁର ଏବଂ ଓଡିଶା ରାଜ୍ୟ ମଧ୍ୟରେ ବଢୁଥିଶବା ଭାଗିଦାରୀରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଚିହ୍ନିତ କରିଛନ୍ତି। ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କ ସହିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଶୁଭ ଅବସରରେ ଯୋଗ ଦେଇ ମହାମହିମଙ୍କୁ ସମ୍ବର୍ଧନା ଜଣାଇ ଥିଲେ । ସମ୍ପର୍କ ଗଭୀର ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହ ବ୍ୟକ୍ତ କରି କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡିଶା ମଧ୍ୟରେ ସହଯୋଗ ପାଇଁ ଅପାର ସମ୍ଭାବନା ରହିଛି। ଦକ୍ଷତା ବିକାଶ, ଶିଳ୍ପ ପାର୍କ, ମାଷ୍ଟର ପ୍ଲାନିଂ, ବନ୍ଦର ଏବଂ ପାରାଦୀପ, ଅକ୍ଷୟ ଶକ୍ତି, ସେମିକଣ୍ଡକ୍ଟର, ସୂଚନା ପ୍ରଯୁକ୍ତିବିଦ୍ୟା, ତଥ୍ୟ କେନ୍ଦ୍ର, ସଂସ୍କୃତି ଏବଂ ସଂଯୋଗୀକରଣ ଭଳି ମୁଖ୍ୟ ବିଷୟବସ୍ତୁକୁ ଓଡ଼ିଶାର ମୁଖ୍ୟ ସଚିବ ମନୋଜ ଆହୁଜା ଉପସ୍ଥାପନ କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ସିଙ୍ଗାପୁର ସହ ସହଯୋଗ ପାଇଁ ଓଡିଶାର ପଦକ୍ଷେପ ଏବଂ ସୁଯୋଗକୁ ଉପସ୍ଥାପନ କରାଯାଇଥିଲା ।



ଏହି ଗସ୍ତ ସମୟରେ ମହାମହିମ ଶ୍ରୀ ଥର୍ମନ୍ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଭର୍ଟିକାଲ୍ ଟ୍ରାନ୍ସପୋର୍ଟ ଲ୍ୟାବ ଏବଂ ଟ୍ରାଭେଲେଟର ଲ୍ୟାବ ପରିଦର୍ଶନ କରିଥିଲେ ଏବଂ ବୈଷୟିକ ଶିକ୍ଷା ଏବଂ ନବସୃଜନ ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଦର୍ଶାଇ ଛାତ୍ର ଓ ପ୍ରଶିକ୍ଷକଙ୍କ ସହ କଥାବାର୍ତ୍ତା କରିଥିଲେ।

ଓଡ଼ିଶାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, କମିଶନର- ତଥା-ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ମଜବୁତ କରିବା ପାଇଁ ଓଡିଶା ସରକାର ଏବଂ ବିଭିନ୍ନ ସିଙ୍ଗାପୁରର ସଂସ୍ଥାଗୁଡ଼ିକ ମଧ୍ୟରେ ହୋଇଥିବା ଚୁକ୍ତିନାମା ମଧ୍ୟରେ ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା: ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର, ଇଣ୍ଡଷ୍ଟ୍ରିଆଲ୍ ପାର୍କ୍: ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର, ନୂତନ ସହରର ବିକାଶ: ବିଡିଏ ଏବଂ ସୁରଚନ ଜୁରୋଙ୍ଗ, ସିଙ୍ଗାପୁର, ଗ୍ରୀନ ହାଇଡ୍ରୋଜେନ୍ ଜରିର୍ଚ ଇପିକଲ ଏବଂ ସେମ୍ବକର୍ପ, ସିଙ୍ଗାପୁର, ପେଟ୍ରୋଲିୟମ୍, କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ ନିବେଶ କ୍ଷେତ୍ର (ପିସିପିଆଇଆର): ଇଡକୋ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକାରଣ: ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଡିଏଫ୍ ଟିଏନ୍. ସିଙ୍ଗାପୁର, ଭବିଷ୍ୟତ ପାଇଁ ଦକ୍ଷତା ବିକାଶ: ଓଡ଼ିଶାରେ ଏହି କ୍ଷେତ୍ରର ବ୍ୟାପକତା ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର, ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ: ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍ଟ ସିଙ୍ଗାପୁରଥର୍ମନ୍ ପ୍ରଶଂସା କରିଥିଲେ ।

ଦକ୍ଷତା ବିକାଶ ତଥା ନବସୃଜନକୁ ପ୍ରୋତ୍ସାହିତ କରିବାରେ ଓଡିଶାର ଉଦ୍ୟମକୁ ମହାମହିମ ଶ୍ରୀ ମୁଖ୍ୟମନ୍ତ୍ରୀ ଓଡିଶା ଏବଂ ସିଙ୍ଗାପୁର ମଧ୍ୟରେ ଚାଲିଥିବା ସହଭାଗୀତାର ପ୍ରତୀକ ଉତ୍ତରୀୟ ଏବଂ ସ୍ମାରକୀ ପ୍ରଦାନ କରିଥିଲେ। ନିର୍ଦ୍ଦେଶିକା ଦକ୍ଷତା ବିକାଶ ଏବଂ ନିୟୋଜନ ତଥା ରଶ୍ମିତା ପଣ୍ଡାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପ୍ରଦାନ କରାଯାଇଥିକବା ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା, ଯାହା ସିଙ୍ଗାପୁର ଏବଂ ଭାରତ ମଧ୍ୟରେ ସମ୍ପର୍କକୁ ଆହୁରି ଗଭୀର କରିଥାଏ।

## ଜଷ୍ଟିସ ଅରିନ୍ଦମ ସିହ୍ନା ହେବେ ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୧୭।୧ (ମହାଭାରତ): ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ନିଯୁକ୍ତି ମିଳିଛି । ସେ ଆସନ୍ତା ୨୦ତାରିଖରୁ ଏହି ନୂଆ ଦାୟିତ୍ୱ ସମ୍ଭାଳିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ନିଯୁକ୍ତି ମିଳିବା ପରେ ଆଜି ଏନେଇ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି ।



ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ. ୧୯୬୫ ସେପ୍ଟେମ୍ବର ୨୨ରେ ଜନ୍ମିତ ଜଷ୍ଟିସ ସିହ୍ନା ୧୯୯୧ ମସିହା ମାର୍ଚ୍ଚ ମାସରେ ଓକିଲ ଭାବେ ପଞ୍ଜିକୃତ ହୋଇଥିଲେ । କୋଲାକାତା ହାଇକୋର୍ଟରେ ପ୍ରାୟ ୨୨ବର୍ଷ ଧରି ପ୍ରାକ୍ଟିସ କରିବା ପରେ ତାଙ୍କୁ ୨୦୧୩ ଅକ୍ଟୋବର ୩୦ତାରିଖରେ ଅତିରିକ୍ତ ଜଜ୍ ଭାବେ ନିଯୁକ୍ତି ମିଳିଥିଲା । ୨୦୧୬ ମାର୍ଚ୍ଚ ୧୪ରେ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ୨୦୨୧ ଅକ୍ଟୋବର ୮ତାରିଖରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ ।

## ଜାନୁଆରି ୩୧ରୁ ସଂସଦର ବଜେଟ୍ ଅଧିବେଶନ

ନୂଆଦିଲ୍ଲୀ, ୧୭।୧ (ମହାଭାରତ): ସଂସଦର ବଜେଟ୍ ଅଧିବେଶନ ଜାନୁଆରି ୩୧ରୁ ଆରମ୍ଭ ହେବ ପ୍ରଥମ ଦିନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ହେବ ଏବଂ ଫେବ୍ରୁଆରି ପହିଲାରେ ବଜେଟ୍ ଉପସ୍ଥାପନ ହେବ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରି ୩୧ରୁ ଫେବ୍ରୁଆରି ୧୩ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ୨୦୨୦-୨୧ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ ପ୍ରତିଥର ଭଳି ଏଥର ମଧ୍ୟ ଅର୍ଥମନ୍ତ୍ରୀ ଫେବ୍ରୁଆରି ପହିଲାରେ ସାଧାରଣ ବଜେଟ୍ ଉପସ୍ଥାପନ କରିବେ

ସଂସଦର ଉଭୟ ଗୃହର ମିଳିତ ଅଧିବେଶନ ପରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ ଏହି ଅଧିବେଶନରେ ଦିଲ୍ଲୀ ନିର୍ବାଚନ ଦିନ ସଂସଦର କୌଣସି କାର୍ଯ୍ୟକଳାପ ହେବ ନାହିଁ ଫେବ୍ରୁଆରି ୩ ତାରିଖରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହେବ।

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

## ଦୀର୍ଘଦିନ ପରେ ଆକ୍ସନ ଅବତାରରେ ଶାହିଦ, ଆସିଲା 'ଦେବା' ଟ୍ରେଲର




ଶାହିଦ କପୁର ଅଭିନୀତ ଚଳଚ୍ଚିତ୍ର 'ଦେବା'ର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଛି ।ଟ୍ରେଲରରେ ଶାହିଦ ଜବରଦସ୍ତ ଆକ୍ସନ କରୁଥିବା ଦେଖିବାକୁ ମିଳିଛି । ଫିଲ୍ମରେ ସେ ଜଣେ ପୁଲିସ ଅଧିକାରୀ ସାଜିଛନ୍ତି । ନିକଟରେ ଚଳଚ୍ଚିତ୍ରର ଟିଜର ରିଲିଜ୍ ହୋଇଥିଲା ଏବଂ ଏହାପରେ ପ୍ରଶଂସକ ଟ୍ରେଲରକୁ ଉତ୍ସାହର ସହ ଅପେକ୍ଷା କରି ରହିଥିଲେ ।ଏଥିରେ ପୂଜା ହେଗଡ଼େ ଶାହିଦଙ୍କ ନାୟିକା ସାଜିଛନ୍ତି । ଟ୍ରେଲରରେ ତାଙ୍କ ଝଲକ୍ ମଧ୍ୟ ନଜର ଆସିଛି । ଏମାନଙ୍କ ବ୍ୟତୀତ ପାଭେଲ ଗୁଲାଟୀ, ପ୍ରବେଶ ରାଣା ଓ କୁବରା ସୈତ ପ୍ରମୁଖ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳିତ ବର୍ଷ ଜାନୁଆରୀ ୩୧ ତାରିଖରେ ମୁକ୍ତିଲାଭ କରିବ 'ଦେବା' ।

## ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

☐ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ଦେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

☐ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ୍ୟ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

☐ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ୍ୟ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

# ଅବିନାଶୀ ଆତ୍ମା



ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ।" ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ୍ୟ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ? ଅର୍ଜୁନ କ'ଣ ଅନ୍ୟକୌଣସି ଶରୀରଧାରୀ ଥିଲେ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ'ଣ ଥିଲେ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ୍ୟ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।

# ନଟରାଜ



ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତି ବିଷୟକ ଧାରଣା "ଆନନ୍ଦମ୍ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ୍ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବ ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

## ପିଲାଙ୍କ ଷ୍ଟଡି ରୁମରେ ଥିବା ଜିନିଷ ପ୍ରତି ରଖନ୍ତୁ ଧ୍ୟାନ



ବାସ୍ତୁ ଶାସ୍ତ୍ର ଅନୁସାରେ ପାଠପଢ଼ାରେ ମନ ଲଗାଇବା ଏବଂ କ୍ୟାରିୟର ବନାଇବା ପାଇଁ ଧ୍ୟାନ କେନ୍ଦ୍ରିତ କରିବା ସବୁଠୁ ଅଧିକ ଜରୁରୀ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଠପଢ଼ା ରୁମ୍ ଅର୍ଥାତ୍ ଷ୍ଟଡି ରୁମ୍ ଠିକ ଭାବେ ବ୍ୟବସ୍ଥିତ କରିବା ଉଚିତ୍। ଘରେ ବାସ୍ତୁ ଦୋଷ ହେବା ଦ୍ୱାରା ନକରାତ୍ମକତା ବଢ଼ିଥାଏ ଏବଂ ମନର ଏକାଗ୍ରତା ବଜାୟ ରହିପାରେ ନାହିଁ। ଯାହା ଦ୍ୱାରା ମାନସିକ ଚିନ୍ତା ବଢ଼ିଥାଏ ଏବଂ ପାଠପଢ଼ାରେ ଆଗ୍ରହ ବଢ଼ିଥାଏ। ବାସ୍ତୁ ଅନୁସାରେ ଷ୍ଟଡି ରୁମରେ କିଛି କଥା ପ୍ରତି ଧ୍ୟାନ ରଖି ପାଠପଢ଼ାରେ ମନ ଲଗାଯାଇପାରିବ।

ବାସ୍ତୁ ଅନୁସାରେ ପିଲାଙ୍କ ଷ୍ଟଡି ରୁମ୍ ଉତ୍ତର, ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ହେବା ଉଚିତ୍।

ଷ୍ଟଡି ରୁମରେ ବହି ଆଲମାରି ପୂର୍ବ କିମ୍ବା ଉତ୍ତର ଦିଗରେ ହେବା ଉଚିତ୍। ଯଦି ଜାଗା ଅଭାବରେ ବେଡରୁମରେ ପାଠ ପଢ଼ିବାର ଅଛି ତେବେ ପଢ଼ିବା ସମୟରେ ପୂର୍ବ କିମ୍ବା ଉତ୍ତର ଦିଗରେ ମୁହଁ କରିବା ଉଚିତ୍।

ବାସ୍ତୁ ଅନୁସାରେ ପାଠପଢ଼ା ସମୟରେ ଦକ୍ଷିଣ ଆଡ଼କୁ ମୁହଁ କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ଅଗ୍ନି ତତ୍ତ୍ୱର ପ୍ରାଧାନ୍ୟ ହେବା ଦ୍ୱାରା ପିଲା ଅନୁଶାସନହୀନ ହୋଇପାରନ୍ତି।

ଷ୍ଟଡି ଟେବୁଲରେ ଗ୍ଲୋବ୍ କିମ୍ବା ତମ୍ବାର ପିରାମିଡ ରଖିବା ଦ୍ୱାରା ଲାଭ ହୋଇଥାଏ। ଏହା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ ଏବଂ ପାଠପଢ଼ା ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ।

ଷ୍ଟଡି ରୁମରେ ଟିଭି, ଭିଡିଓ ଗେମ୍ ଏବଂ ସିଡି ପ୍ଲେୟର ଭଳି ବସ୍ତୁ ନ ରଖିବା ଉଚିତ୍। ଏହି ଜିନିଷଗୁଡ଼ିକ ଦ୍ୱାରା ପାଠପଢ଼ା ପ୍ରତି ଆଗ୍ରହ କମିଥାଏ।

ଷ୍ଟଡି ରୁମରେ ପାନୀୟ ଜଳ, ଘଣ୍ଟା ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ୍।

ଷ୍ଟଡି ରୁମରେ ଗଣେଶ ଏବଂ ମାତା ସରସ୍ୱତୀଙ୍କ ଫଟୋ ମଧ୍ୟ ଲଗାଇବା ଉଚିତ୍।

ଯେଉଁ ପିଲାଙ୍କ ପାଠପଢ଼ାରେ ମନ ଲାଗିନଥାଏ ସେମାନଙ୍କ ରୁମରେ ମୟୁର ପଙ୍ଖ ରଖନ୍ତୁ।

# ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଆଲୋଚନା

ଭୁବନେଶ୍ୱର ୧୭/୦୧ (ମହାଭାରତ) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଭୁବନେଶ୍ୱରରେ ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନମୁଗୁରତ୍ନମଙ୍କୁ ଭେଟି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ହେଉଥିବା ସକାରାତ୍ମକ ପରିବର୍ତ୍ତନ ଏବଂ ପରିବର୍ତ୍ତିତ ଶିକ୍ଷା ଦୃଶ୍ୟପଟ୍ଟରେ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା ଉପରେ ଆଲୋଚନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଏହା ପରେ ଏକ ଦ୍ୱିପାକ୍ଷିକ ସାକ୍ଷାତ୍ ଆଲୋଚନାରେ ଶ୍ରୀ ପ୍ରଧାନ ଭାରତର ଶିକ୍ଷା ବ୍ୟବସ୍ଥା, ସିଙ୍ଗାପୁର ସହିତ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଉଭୟ ପକ୍ଷର ସହଯୋଗକୁ ସୁଦୃଢ଼ କରିବା ଏବଂ ଜ୍ଞାନ ସେତୁକୁ ସୁଦୃଢ଼ କରିବା ଉପରେ ଫଳପ୍ରଦ ବିଚାରବିମର୍ଶ କରିଥିଲେ। ଆଉ ଏକ ପୃଥକ ବୈଠକରେ ଓଡ଼ିଶାର



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, ସିଙ୍ଗାପୁରର ରାଷ୍ଟ୍ରପତି ଓ ପ୍ରତିନିଧିମଣ୍ଡଳୀଙ୍କ ଉପସ୍ଥିତିରେ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା।

ଏମଓୟୁ ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ଆଜି ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ଏବଂ ସିଙ୍ଗାପୁର ମଧ୍ୟରେ ଏମଓୟୁ ଦ୍ୱାରା ଅନ୍ତର୍ଜାତୀୟ ସହଭାଗିତାର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଏହି ଏମଓୟୁଗୁଡିକ ଓଡ଼ିଶାର ଦକ୍ଷତା ପରିସଂସ୍ଥାନ, ଏକବିଂଶ ଶତାବ୍ଦୀର ଦକ୍ଷତା ମାଧ୍ୟମରେ ଓଡ଼ିଶାର ମାନବ ପୁଞ୍ଜିକୁ ଅଧିକ ସଶକ୍ତ କରିବ। ଶିଳ୍ପ କ୍ଷେତ୍ରକୁ ସୁଦୃଢ଼ କରିବା ସହ ଗବେଷଣା, ନବସୃଜନ କ୍ଷେତ୍ରକୁ ମଜଭୁତ କରିବ। ଓଡ଼ିଶାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ଏହା ଏକ ସ୍ୱାଗତଯୋଗ୍ୟ ବୁଝାମଣା। ଏହା ଦ୍ୱାରା ଓଡ଼ିଶାର ଦକ୍ଷତା ଇକୋସିଷ୍ଟମ ସୁଦୃଢ଼ ହେବ। ରାଜ୍ୟର ଶିଳ୍ପ ଏବଂ ସାମାଜିକ-ଅର୍ଥନୈତିକ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଭାରତ-ସିଙ୍ଗାପୁର ବ୍ୟାପକ ରଣନୈତିକ ଭାଗିଦାରୀକୁ ଉଚ୍ଚ ସ୍ତରକୁ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ଶ୍ରୀ ପ୍ରଧାନ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଷ୍ଟ୍ରପତି ଥର୍ମନଙ୍କ ଦୁଇ ଦିନିଆ ଗସ୍ତ ଓଡ଼ିଶା ସହ ସିଙ୍ଗାପୁରର ସମ୍ପର୍କରେ ନୂତନ ଦିଗ ଯୋଡ଼ିବା ସହ ଭାରତ-ସିଙ୍ଗାପୁର ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ଗଭୀର କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ମାନ୍ୟବର ରାଷ୍ଟ୍ରପତିଙ୍କ ସହ ଭୁବନେଶ୍ୱର ସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମଧ୍ୟ ପରିଦର୍ଶନ କରିଥିଲେ।

# ଓଡ଼ିଶା ହେବ ଯୌତୁକ ମୁକ୍ତ ରାଜ୍ୟ : ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା

ଭୁବନେଶ୍ୱର,୧୭।୧(ମହାଭାରତ): ଯୌତୁକ ଏକ ପରମ୍ପରା ନୁହେଁ, ସଂସ୍କୃତି ନୁହେଁ କି ବ୍ୟକ୍ତିଗତ ବ୍ୟାପାର ନୁହେଁ – ଏହା ଏକ ସାମାଜିକ ବ୍ୟାଧି । ଯୌତୁକ ନିଷେଧ ଆଇନ ୧୯୬୧ ପ୍ରଣୟନର ୬୦ ବର୍ଷ ପରେ ମଧ୍ୟ ସମାଜରେ ଏବେ ବି ଯୌତୁକ ଦିଆନିଆ ହଉଛି ବୋଲି ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପ ଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମରେ ଦୃଢ଼ ମତ ରଖିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ।



ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନର କନଭେନସେନ ସେଂଟରରେ ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପ-ଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାକୁ ଏକ ଯୌତୁକମୁକ୍ତ ରାଜ୍ୟ ଭାବେ ପରିପ୍ରକାଶ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ତୃଣମୂଳସ୍ତରରେ ଏହି ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନା ହେବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଛନ୍ତି ।

ଆମର ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନଗୁଡିକ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ । ତେଣୁ ଉପ-ଜିଲ୍ଲାପାଳ ଭାବରେ, ଏହି ଯୌତୁକ ନିଷେଧ ଅଧିନିୟମ, ୧୯୬୧ ଆଇନକୁ କଡାକଡି ଭାବେ କାର୍ଯ୍ୟକରି କରିବା ସହିତ ଏହି ଆଇନର ଦୁରୁପଯୋଗକୁ ରୋକିବାରେ ଉପ- ଜିଲ୍ଲାପାଳଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ଓଡ଼ିଶାରେ ଉପ-ଜିଲ୍ଲାପାଳ ତଥା ସବ-ଡିଭିଜନାଲ ମାଜିଷ୍ଟ୍ରେଟମାନଙ୍କୁ ଯୌତୁକ ନିଷେଧ ଅଧିକାରୀ ଭାବେ ଘୋଷଣା କରାଯାଇଛି । ଏହି ଆଇନ ଅନୁଯାୟୀ ଯୌତୁକ ନିଷେଧ ଅଧିକାରୀମାନଙ୍କୁ ଯୌତୁକ ମାମଲାରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା, ଅନୁସନ୍ଧାନ କରିବା ଏବଂ ପ୍ରମାଣ ସଂଗ୍ରହ କରିବାକୁ କ୍ଷମତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଅଧିନିୟମର ସଫଳତା ସଠିକ ଓ ସମୟୋଚିତ କାର୍ଯ୍ୟକାରିତା ତଥା ବ୍ୟାପକ ଜନସଚେତନତା ଉପରେ ନିର୍ଭର କରେ। ଆଜିର ଡିଜିଟାଲ ଯୁଗରେ ସୋସିଆଲ ମିଡିଆ ମାଧ୍ୟମରେ ଯୌତୁକ ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ସେ ଉପ-ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାମାନଙ୍କ ସମ୍ମାନ ପାଇଁ ଏହା ଏକ ବଡ ପଦକ୍ଷେପ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ଉପ-ଜିଲ୍ଲାପାଳ ମାନେ ଯୋଗ ଦେବା ସହ ମୁଖ୍ୟ ବକ୍ତା ଭାବେ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଶ୍ରୀ ଦୀପକ ନରେନ୍ଦ୍ର ଯୋଗ ଦେଇଥିଲେ ।

# ଭାଙ୍ଗିଲା ବୈକୁଣ୍ଠ ଧାମ ଆଶ୍ରମ




ଭୁବନେଶ୍ୱର, ୧୭।୧ (ମହାଭାରତ) : ଆଜି ଖଣ୍ଡଗିରି ସ୍ଥିତ ବୈକୁଣ୍ଠଧାମ ଆଶ୍ରମ ମାଟିରେ ମିଶିଛି। ବିଡିଏ ପକ୍ଷରୁ ବୁଲଡୋଜର୍ ଚଢ଼ାଇ ଠିକ୍ ମଧ୍ୟାହ୍ନ ୧୨ଟା ସମୟରେ ବୈକୁଣ୍ଠଧାମ ଆଶ୍ରମକୁ ଭଙ୍ଗାଯାଇଛି। ସରକାରୀ ଜମିରେ ବେଆଇନ୍ ନିର୍ମାଣ ହେତୁ ଏହାକୁ ଭଙ୍ଗାଯାଇଥିବା ବିଡିଏ କର୍ତ୍ତୃପକ୍ଷ କହିଛନ୍ତି। ଆଜି ଏହାକୁ ଭଙ୍ଗାଯିବ ବୋଲି ବିଡ଼ିଏ ପକ୍ଷରୁ ଗତକାଲି ଏନେଇ ଘୋଷଣା କରାଯାଇଥିଲା। ସରକାରୀ ଜମି ଜବର ଦଖଲ କରି ବୈକୁଣ୍ଠଧାମ ତିଆରି ହୋଇଥିବା ବିଡ଼ିଏ ପକ୍ଷରୁ କୁହାଯାଇଥିଲା। ଯଥାଶୀଘ୍ର ସେହି ଜମି ଖାଲି କରିବାକୁ ବିଡ଼ିଏ କହିଥିଲା। ଏହାପରେ ବିଡ଼ିଏ ବୁଲଡୋଜର ଆଶ୍ରମରେ ଚାଲିଛି।

ଜବର ଦଖଲ ହଟାଯିବା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ପ୍ରଶାସନ ଅବା ବିଡ଼ିଏ ଦାୟୀ ରହିବେ ନାହିଁ ବୋଲି ଘୋଷଣା କରାଯାଇଥିଲା। ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ଜବର ଦଖଲ ହଟାଇବାକୁ ଲକ୍ଷ୍ୟ ରଖାଯାଇଥିବା ବିଡ଼ିଏ ପକ୍ଷରୁ ସୂଚନା ଜାରି ହୋଇଥିଲା। ଆଶ୍ରମ ଖାଲି କରାଯିବା ପରେ ବିଡ଼ିଏ ଏହି ଆଶ୍ରମକୁ ଭାଙ୍ଗିଛି।

ହାଇକୋର୍ଟଙ୍କ ସମ୍ମୁଖରେ ମିଥ୍ୟା ସତ୍ୟପାଠ କରି ଆଶ୍ରମ କର୍ତ୍ତୃପକ୍ଷ ବିଭ୍ରାନ୍ତ କରୁଥିବା ଅଭିଯୋଗ ହୋଇଥିଲା। ତେଣୁ ହାଇକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ରହିତାଦେଶକୁ ହଟାଇ ଦିଆଯାଇଥିଲା। ଗୁରୁବାର ବୈକୁଣ୍ଠ ଧାମ ଆଶ୍ରମ ଭାଙ୍ଗିବା ପାଇଁ ବିଡିଏ ନିର୍ଦ୍ଦେଶ ଦେଇଥିଲା।

୨୦୨୫ ଜାନୁଆରି ୧୦ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଜବର ଦଖଲ ହଟାଇବା ନେଇ ବିଡ଼ିଏ ଉପରେ ଲାଗୁ ହୋଇଥିବା ରହିତାଦେଶକୁ ହଟାଇ ଦେଇଥିଲେ। ଏହାପରେ ବିଡ଼ିଏ ପକ୍ଷରୁ ଜବର ଦଖଲ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ଓଡ଼ିଶା ଗସ୍ତରେ କର୍ଣ୍ଣାଟକ ବିଧାନ ପରିଷଦର ସ୍ୱାଧିକାର କମିଟିର ପ୍ରତିନିଧି ମଣ୍ଡଳି

ଭୁବନେଶ୍ୱର, ୧୭।୧ (ମହାଭାରତ) କର୍ଣ୍ଣାଟକ ବିଧାନ ପରିଷଦର ସ୍ୱାଧିକାର କମିଟିର ଏକ ପ୍ରତିନିଧି ମଣ୍ଡଳି ଶ୍ରୀ ଏମ୍. ନାଗାରାଜୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଆଜି ଓଡ଼ିଶା ବିଧାନସଭାଠାରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ପ୍ରତିନିଧି ମଣ୍ଡଳି ଓଡ଼ିଶା ବିଧାନସଭାର ସ୍ୱାଧିକାର କମିଟିର କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ସମ୍ପର୍କରେ ବିଶଦ ଭାବେ ପଚାରି ବୁଝିବା ସହ ବାଚସ୍ପତିଙ୍କୁ ମଧ୍ୟ କର୍ଣ୍ଣାଟକ ବିଧାନ ପରିଷଦର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ । ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ପରମ୍ପରାର ଖୁବ୍ ଉଚ୍ଚକୋଟୀର ବୋଲି ମତଦେବା ସହ ଓଡ଼ିଶାର ଅତିଥିପରାୟଣତାର ସେ ଭୂୟସୀ ପ୍ରଶଂସା କରିଥିଲେ । ଏହି ଆଲୋଚନା ସମୟରେ ବିଧାନସଭା ସଚିବ ଶ୍ରୀ ଦାଶରଥି ଶତପଥୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି ପ୍ରତିନିଧି ମଣ୍ଡଳି ଆଜି ସକାଳେ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରି ପୁରୀ ଓ କୋଣାର୍କ ଗସ୍ତରେ ଯାଇଛନ୍ତି । ଆସନ୍ତାକାଲି ଚିଲିକା ଓ ଅନ୍ୟାନ୍ୟ ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି ।

# ବିଶ୍ୱ ଦରବାରରେ ପରିଚିତ କରାଇବା ହେଉଛି ବିଶ୍ୱ ଓଡିଆ ପରିବାରର ମୂଳ ଲକ୍ଷ୍ୟ

ଭୁବନେଶ୍ୱର,୧୭।୧(ମହାଭାରତ): ଗୌରବମୟ ଐତିହ୍ୟ, ଭାଷା, କଳା, ସଂସ୍କୃତି, ଆଧ୍ୟାତ୍ମିକତା, ପରଂପରା, ପ୍ରାକୃତିକ ସଂପଦ, ଖାଦ୍ୟ, ବେଶଭୁଷାକୁ ନେଇ ଓଡିଶାର ସ୍ୱତନ୍ତ୍ର ସ୍ଥାନ ରହିଆସିଛି । ଯାହାକି ଓଡିଶାର ପୁରୁଣା ଐତିହ୍ୟ ଓ ସ୍ଥାପତ୍ୟରେ ସ୍ପଷ୍ଟ ପରିଲକ୍ଷିତ ହେଉଛି । ସେହିପରି ଆମ ବାଣିଜ୍ୟ ବେପାର ସର୍ବ ପୁରାତନ । ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଖୋଦିତ ଏକ କଳାକୃତି ଏହାକୁ ସ୍ପଷ୍ଟ ପ୍ରମାଣିତ କରୁଛି । (ହାତୀ ପିଠିରେ ବସିଥିବା ଆମ ରାଜାଙ୍କୁ ଆଫ୍ରିକା ମହାଦେଶରେ ଉପଲବ୍ଧ ଥିବା ଜିରାଫ ପ୍ରଦାନ କରାଯାଉଛି) । 'ବସୁଧୈବ କୁଟୁମ୍ବକମ', 'ଅତିଥି ଦେବୋ ଭବଃ' ଆମ ସମସ୍ତଙ୍କ ମୂଳ ଭାବନା ହୋଇଥିବାବେଳେ "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତେ ଉଦ୍ଧାର ହେଉ" ହେଉଛି ବିଶ୍ୱବାସୀଙ୍କୁ ଓଡିଶାର ମୂଳ ବାର୍ତ୍ତା । ଅନେକ ଓଡିଆ ପୁଅ ଆଜି ଦେଶ ତଥା ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ବାସ କରୁଛନ୍ତି । ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । କେବଳ ସେତକ ନୁହେଁ, ବରଂ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ଓଡିଶା ତଥା ପ୍ରତ୍ୟେକ ଓଡିଆଙ୍କୁ ଗୌରବାନ୍ୱିତ କରି ପାରିଛନ୍ତି । ରାଜ୍ୟ ବାହାରେ ଥିବା ଓଡିଆ ଭାଇଭଉଣୀଙ୍କୁ ସଂଗଠିତ କରି ୨୦୩୬ ସୁଦ୍ଧା 'ବିକଶିତ ଓଡିଶା ଗଠନ'ରେ ସେମାନଙ୍କ ସହଯୋଗି ଭାବରେ ସରକାରଙ୍କ କାନ୍ଧରେ କାନ୍ଧ ମିଳାଇ ଆଗେଇ ଆସିବା ନିମନ୍ତେ ଆହ୍ୱାନ କରୁଛୁ ବୋଲି ବିଶ୍ୱ ଓଡିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା କହିଛନ୍ତି ।

ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇ ଶ୍ରୀ ଶର୍ମା କହିଛନ୍ତି ଯେ; ଆମ ମାଟି, ଆମ ରାଜ୍ୟ, ଆମ ଦେଶ ପାଇଁ କାର୍ଯ୍ୟ କରି ମାତୃଭୂମି ପ୍ରତି ଆମ କର୍ତବ୍ୟ ପାଳନ କରିବା ଆଜି ସମୟ ଆସିଛି । ଆଧୁନିକ ବିଶ୍ୱରେ ଓଡିଆ ପରଂପରାର ମୂଲ୍ୟବୋଧ ଓ ସ୍ପନ୍ଦନକୁ ପ୍ରୋତ୍ସାହିତ କରିବା ସହିତ ଓଡିଆଙ୍କ ମଧ୍ୟରେ ଆତ୍ମୀୟତା ଓ ସୌହାର୍ଦ୍ଦ୍ୟ ଭାବନାର ପୋଷଣ କରିବା ହେଉଛି ବିଶ୍ୱ ଓଡିଆ ପରିବାରର ମୂଳ ଲକ୍ଷ୍ୟ । ବିଶ୍ୱ ଓଡିଆ ପରିବାର ତରଫରୁ "ଆମ ଆତିଥ୍ୟ, ଆମ ପରିଚୟ"କୁ ମୂଳମନ୍ତ୍ର କରାଯାଇଛି । ୨୦୩୬ ସୁଦ୍ଧା ବିକଶିତ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କ୍ଷେତ୍ରରେ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ବିଶ୍ୱ ଓଡିଆ ପରିବାର ଏହି ଅଭିଯାନରେ ନିଜକୁ ସାମିଲ କରିଛି ।

ଭାଷା ଓ ସାହିତ୍ୟ, ଓଡିଆ ଅସ୍ମିତାର ପ୍ରଚାର, ସାଂସ୍କୃତିକ ସଂପଦ ସଂରକ୍ଷଣ, ଓଡିଆ ପାରମ୍ପରିକ ଖାଦ୍ୟର ପ୍ରଚାର, "ଆମ ଆତିଥ୍ୟ, ଆମ ପରିଚୟ"ର ପାଳନ, କର୍ମଶାଳା ଏବଂ ତାଲିମ ଆୟୋଜନ, କଳା ଓ କଳାକାରମାନଙ୍କୁ ସମ୍ମାନିତ କରିବା, ବିଦେଶରେ ବସବାସ କରି ସୁନାମ ଅର୍ଜନ କରିଥିବା ଓଡିଆ ଭାଇଭଉଣୀମାନଙ୍କୁ ଓଡିଶା ଅଧିବାସୀଙ୍କ ସହିତ ପରିଚିତ କରାଇବା ଏବଂ ପ୍ରତିଷ୍ଠିତ ଓଡିଆ ଭାଇଭଉଣୀମାନଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇବା ହେଉଛି ବିଶ୍ୱ ଓଡିଆ ପରିବାରର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବୋଲି ଶ୍ରୀ ଶର୍ମା ସୁଚନା ଦେଇଛନ୍ତି ।

ଭୁବନେଶ୍ୱରଠାରେ ସଦ୍ୟ ସମାପ୍ତ ହୋଇଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ ଅବସରରେ ପାଖାପାଖି ୪୦୦୦ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ମୂଳ ସମ୍ମିଳନୀ ସ୍ଥାନ ଜନତା ମଇଦାନ ସମେତ ଭୁବନେଶ୍ୱରର ୫ଟି ସ୍ଥାନ (ରବିନ୍ଦ୍ର ମଣ୍ଡପ, ରାଜ୍ୟ ସଂଗ୍ରହାଳୟ, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର)ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦେଶ ବିଦେଶରୁ ସମୁଦାୟ ୧୦୦୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଏବଂ ତାଙ୍କ ପରିବାର ସଦସ୍ୟ, ବିଶିଷ୍ଟ ବ୍ୟକ୍ତିବିଶେଷ ତଥା ଉଚ୍ଚ ପଦାଧିକାରୀଗଣ ଓଡିଶା ଆଗମନ କରିଥିଲେ । ଅତିଥିମାନେ ଭୁବନେଶ୍ୱର ସମେତ ପୁରୀ, କୋଣାର୍କ, କଟକ ଆଦି ପର୍ଯ୍ୟଟନ ସ୍ଥଳୀ ବୁଲି ଦେଖିଥିଲେ । ଏହି ଅବସରରେ ଦେଶ ବିଦେଶରୁ ଆସିଥିବା ଅତିଥିମାନଙ୍କୁ ବିଶ୍ୱ ଓଡିଆ ପରିବାର ତରଫରୁ "ଆମ ଆତିଥ୍ୟ, ଆମ ପରିଚୟ'କୁ ଗୁରୁତ୍ୱ ଦିଆଯାଇ ସ୍ୱାଗତ କରାଯାଇଥିଲା । ସମସ୍ତ ଅତିଥିଙ୍କୁ ଆମ ପାରଂପାରିକ ଖାଦ୍ୟ 'ପିଠା ଓ ମିଠା' ପରସା ଯାଇଥିଲା । ମଣ୍ଡା, ଆରିସା, ଏଣ୍ଡୁରୀ, ଚକୁଳି, ଚିତଉ, ପୋଡପିଠା ଆଦି ପିଠା ସମେତ ରସଗୋଲା, ମଗଜ ଲଡୁ, ଛେନା ଝିଲୀ, ଛେନାପୋଡ, ପାଳୁଅ ଲଡୁ ଆଦି ମିଠା ପରସା ଯାଇଥିଲା । ଓଡିଶାର ଗୌରବମୟ ଐତିହ୍ୟ, ମନ୍ଦିର, ଭାଷା, କଳା, ସ୍ଥାପତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା, ପରଂପରା, ଆୟୁର୍ବେଦ, ପ୍ରାକୃତିକ ସଂପଦ, ଖାଦ୍ୟ, ବେଶଭୁଷା, ଅଳଂକାରକୁ ନେଇ ଇଂରାଜୀ ଭାଷାରେ "ଗୌରବମୟ ଓଡିଶା" (ଗ୍ଲୋରିୟସ ଓଡିଶା) ପୁସ୍ତିକା ସମସ୍ତ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା ।

# ରାଜ୍ୟପାଳଙ୍କୁ ଭେଟିଲେ ସ୍କାଉଟସ୍ ଆଣ୍ଡ ଗାଇଡସ୍‌ର ଉପସଭାପତି

ଭୁବନେଶ୍ୱର,୧୭।୧ (ମହାଭାରତ): ଆଜି ଦିନ ୧୧.୦୦ ଘଟିକା ସମୟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କୁ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ରାଜଭବନ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ରାଜ୍ୟପାଳଙ୍କୁ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପୂର୍ବରୁ କରୁଥିବାର ବିଭିନ୍ନ କାର୍ଯ୍ୟ ଏବଂ ଆଗକୁ ଥିବା କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ମୁଖ୍ୟ ପୃଷ୍ଠପୋଷକ ହୋଇଥିବାରୁ ସମ୍ମାନନୀୟ ରାଜ୍ୟପାଳ ମହୋଦୟ ଆଗକୁ ଏ ସଂସ୍ଥା କିପରି ଆହୁରି ଅଗ୍ରଗତି କରିପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ମାନ୍ୟବର ରାଜ୍ୟପାଳଙ୍କୁ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଏକ ସ୍ମୃତି ଫଳକ ରାଜ୍ୟ ମୁଖ୍ୟ କମିଶନର ଡ. ମିଶ୍ର ପ୍ରଦାନ କରିଥିଲେ । ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକ, ରାଜ୍ୟ ତାଲିମ କମିଶନର ଶ୍ରୀଯୁକ୍ତ ସୁରଜିତ୍ ସେନ୍ ଏବଂ ସହାୟକ ସଂଗଠନ କମିଶନର ଶ୍ରୀଯୁକ୍ତ ଚନ୍ଦନ ଦାଶ ଉପସ୍ଥିତ ଥିଲେ ।

# ନବୀନଙ୍କ କାମକୁ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି କୁହାଯାଉଛି : ବିଜେଡି

ଭୁବନେଶ୍ୱର,୧୭।୧ (ମହାଭାରତ) : ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡିଶା ଆଗମନକୁ ବିଜୁ ଜନତା ଦଳ ସ୍ୱାଗତ କରିଥିବା ବେଳେ ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ସିଙ୍ଗାପୁର ରାଷ୍ଟ୍ର ସହ ସହଭାଗିତା ଆରମ୍ଭ ହୋଇଥିଲା ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ, ନବୀନଙ୍କ ଚବିଶ ବର୍ଷର ଶାସନ କାଳରେ ଓଡ଼ିଶାରେ କିଛି ହୋଇନାହିଁ ବୋଲି କହୁଥିବା ବିଜେପି ବାସ୍ତବରେ କେବଳ ନବୀନଙ୍କ କାମକୁ ରଙ୍ଗ ଦେଇ ନିଜର କହି ବାହାଦୁରି ନେବାକୁ ଚେଷ୍ଟା କରୁଛି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଆଗମନକୁ ନେଇ ବିଜେପି ତରଫରୁ ଦିଆଯାଇଥିବା ବିଜ୍ଞାପନକୁ ଦେଖାଇ ଡ଼ ମହାନ୍ତି କହିଥିଲେ, ଏହି ବିଜ୍ଞାପନ ଅଧା ଅଛି । ବିଜ୍ଞାପନରେ ଏକ ନୂତନ ଯାତ୍ରାର ଆରମ୍ଭ ବୋଲି କୁହାଯାଇଥିଲା ବେଳେ, ବାସ୍ତବରେ ଏହା ନବୀନଙ୍କ ଦ୍ୱାରା ପ୍ରସ୍ତୁତ ରାସ୍ତାରେ ଏହି ନୂତନ ଯାତ୍ରାର ଆରମ୍ଭ । ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଓଡିଶା ଓ ସିଙ୍ଗାପୁର ଭିତରେ ଦକ୍ଷତା ବିକାଶ ପାଇଁ ଏମଓୟୁ ସ୍ୱାକ୍ଷର ହୋଇଥିଲା । ଭୁବନେଶ୍ୱର ଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର ରାଜ୍ୟ ସରକାରଙ୍କ ନିଜସ୍ୱ ଉଦ୍ୟମରେ ୧୨୦୦ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଥିଲା । କେନ୍ଦ୍ର ସରକାର ଏଥିପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିନାହାନ୍ତି । କେବଳ ସେତିକି ନୁହେଁ, ରାଜ୍ୟର ଆଇଟିଆଇ ଗୁଡିକର ଅଧ୍ୟକ୍ଷ ଓ ଅଧିକାରୀ ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହା ଫଳରେ ବିଶ୍ୱର ଶ୍ରେଷ୍ଠ ଦଶଟି ଆଇଟିଆଇ ଭିତରେ, କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ଆଇଟିଆଇ ସ୍ଥାନ ପାଇପାରିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଭାରତ ବାୟୋଟେକ ଭାକସିନ୍ ପ୍ରମୁଖ ସ୍ଥାନ ରହିଛି । ଏହି ଦୁଇଟି କୃତୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ହୋଇଥିଲା । ସେ ଆହୁରି କହିଥିଲେ, ଡବଲ୍ ଇଞ୍ଜିନ ଡବଲ ବିକାଶର ନାରା ଏବେ ଡବଲ୍ ଧୋକାରେ ପରିଣତ ହୋଇଛି । ଡବଲ୍ ଇଞ୍ଜିନ୍ ସରକାରଙ୍କ ଦ୍ୱାରା ଏ ପର୍ଯ୍ୟନ୍ତ ଗୋଟିଏ କାର୍ଯ୍ୟ କରାଯାଇ ନାହିଁ । କେବଳ ନବୀନ ସରକାରଙ୍କ ସମୟର କାମକୁ ରଙ୍ଗ ବଦଳେଇ ନିଜର କାମ ବୋଲି କୁହାଯାଉଛି । ଡବଲ୍ ଡେକର ବସ୍ ପ୍ରଥମ ଦିନରୁ ହିଁ ଧୋକାରେ ପରିଣତ ହୋଇଛି । ଡବଲ୍ ଇଞ୍ଜିନ୍ ଫେଲ ହେଲା ପରି ଡବଲ୍ ଡେକର ବସ୍ ମଧ୍ୟ ମୁହଁମାଡି ପଡିଛି ବୋଲି ଡ଼ ମହାନ୍ତି କହିଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ ନୟାଗଡ଼ରୁ ନେପାଳକୁ ସଫ୍ଟ ବିଲେଟ୍ ରପ୍ତାନି

ନୟାଗଡ଼/କେନ୍ଦୁଝର(ମହାଭାରତ): ପୂର୍ବତଟ ରେଳପଥ ପକ୍ଷରୁ ପ୍ରଥମ ଥର ପାଇଁ କେନ୍ଦୁଝର ଜିଲ୍ଲାର ନୟାଗଡ଼ରୁ ନେପାଳକୁ ସଫ୍ଟ ବିଲେଟ୍ ରପ୍ତାନି କରି ଏକ ନୂତନ ବାଣିଜ୍ୟିକ ମାର୍ଗ ସୃଷ୍ଟି କରିଛି ଯାହାଦ୍ୱାରା ବିଏସଆରଏମ ଷ୍ଟିଲ୍ ପୁନଃ ରୋଲିଂ ମିଲ୍ସ ପାଇଁ ଏହି ନୂତନ ରପ୍ତାନି ପଦକ୍ଷେପକୁ ସଫଳତାର ସହ ସକ୍ଷମ କରିଛି । ଆଜି ପ୍ରଥମ ରେକ୍ କେନ୍ଦୁଝର ଜିଲ୍ଲାର ନୟାଗଡ଼ରୁ ସଫ୍ଟ ବିଲେଟ୍ ବୋଝେଇ ଯାହା ଏହି ଗୁରୁତ୍ୱପୂର୍ଣ୍ଣ ପରିବହନ ସଂଯୋଗର ଆରମ୍ଭକୁ ସଙ୍କେତ ଦେଇ ପ୍ରତି ମାସରେ ତିନିଟି ରେକ୍ ରପ୍ତାନି କରିବାର ଲକ୍ଷ ରଖିଛି ।ଏହି ବିକାଶମୂଳକ ପଦକ୍ଷେପ ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ ର ଏକ ଅଂଶ, ଯାହା ନେପାଳ ଭଳି ପଡ଼ୋଶୀ ଦେଶଗୁଡ଼ିକୁ ଆଂଚଳିକ ବାଣିଜ୍ୟକୁ ବୃଦ୍ଧି କରିବା ଏବଂ ପଣ୍ୟ ପରିବହନ ପାଇଁ ସଂଯୋଗୀକରଣ କରିପାରିଛି ବିଶେଷକରି ଇସ୍ପାତ ଉତ୍ପାଦ ପାଇଁ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଢାଂଚା ତିଆରି କରାଯାଇଛି । ଏହି ନୂତନ ଉଦ୍ୟମରେ ରେଳପଥର ରଣନୈତିକ ଭୂମିକା / ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା ଏବଂ ଏହି ଅଂଚଳରୁ ବର୍ଦ୍ଧିତ ରପ୍ତାନି ଚାହିଦା ପୂରଣ କରିବାରେ ରେଳପଥ ଦ୍ୱାରା ପରିବହନର ଗୁରୁତ୍ୱକୁ ଦୃଷ୍ଟି ଦେଉଅଛି । ଏହି ରପ୍ତାନି ଉଦ୍ୟମକୁ ସରଳ କରିବାରେ ରେଳବାଇର ଭୂମିକା ଶିଳ୍ପ ବିକାଶକୁ ସମର୍ଥନ କରିବା ଏବଂ ସୀମାପାର ସାମଗ୍ରୀର ପରିବହନକୁ ବୃଦ୍ଧି କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଅଛି ।

# ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୧୭।୧(ମହାଭାରତ): -ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ନେଇ ଏକ ଦିବସୀୟ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନର ଅଡିଟୋରିୟମରେ ଆୟୋଜନ କରାଯାଇଛି । ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୦ ଜଣ ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୦ ଜଣ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ନେଇ ଏହି ଦକ୍ଷତା ବିକାଶ କର୍ମଶାଳା ଆୟୋଜନ କରାଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ କାଳିପ୍ରସନ୍ନ ମହାପାତ୍ର ଯୋଗଦେଇ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କୁ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରିବା ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି । ଉଦଘାଟନୀ ସମାବେଶରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ରଘୁରାମ୍ ଆର୍ ଆୟାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱଜିତ ଘୋଷ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି ମଧ୍ୟ ଉପସ୍ଥିତ ଥିଲେ ।

ଏହି ଅବସରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଛନ୍ତି, ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ବୃଦ୍ଧି ପାଇଛି, ଡ୍ରପ୍ ଆଉଟ୍ ହାର କମିବା ସହ ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଛି । ରାଜ୍ୟର ବିକାଶରେ ଛାତ୍ରଛାତ୍ରୀମାନଙ୍କ ଅଂଶୀଦାରକୁ ବୃଦ୍ଧି କରିବା ନିମନ୍ତେ ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ଜରୁରୀ, ଏଥି ନିମନ୍ତେ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ବେଶ୍ ଭୂମିକା ରହିଛି । ସେ ଅଧ୍ୟକ୍ଷମାନଙ୍କୁ ସମ୍ବୋଧିତ କରି ବିଦ୍ୟାଳୟର ଶିକ୍ଷାର ମାନକୁ ବୃଦ୍ଧି କରିବା ପାଇଁ ଆହ୍ୱାନ କରିଥିଲେ । ଏଥିସହ ଭଲ କରୁଥିବା ବିଦ୍ୟାଳୟଗୁଡ଼ିକୁ ଉତ୍ସାହିତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶକୁ ଅଧ୍ୟକ୍ଷମାନେ ଧ୍ୟାନ ଦିଅନ୍ତୁ ବୋଲି ସେ ମତ ପ୍ରକାଶ କରିଥିଲେ । ସେହିପରି ଅତିରିକ୍ତ ଶାସନ ସଚିବ ଶ୍ରୀମତି ନନ୍ଦ କହିଛନ୍ତି, ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଶିକ୍ଷଣ ପ୍ରଣାଳୀକୁ ବିକଶିତ କରିବାର ଆବଶ୍ୟକତା ରହିଛି । ନିଷ୍ଠାପରତା, ଧ୍ୟାନ ଓ ପାରଦର୍ଶିତା ସହ ରାଜ୍ୟ ସରକାରଙ୍କ ସମସ୍ତ ଶିକ୍ଷା ଯୋଜନାକୁ ତୃଣମୂଳସ୍ତରରେ ପହଂଚାଇବା ପାଇଁ ସେ ଅଧ୍ୟକ୍ଷମାନଙ୍କୁ ଆହ୍ୱାନ କରିଥିଲେ ।

ଉଦଘାଟନୀ ସଭାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ଆୟାର୍ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କୁ ସୂଚନା ଦେଇଥିଲେ । ଏଥିସହ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଶୈକ୍ଷିକ ସମୀକ୍ଷା କରିଛନ୍ତି । ଏହି ଏକ ଦିବସୀୟ କର୍ମଶାଳାରେ ବିଭିନ୍ନ ଅଧିବେଶନ ଯଥା- ଶୈକ୍ଷିକ ସମୀକ୍ଷା, ପରୀକ୍ଷା ପରିଚାଳନା, ଇ-ଆଡମିଶନ ପ୍ରକ୍ରିୟା, ଅନୁଦାନର ବ୍ୟବହାର, ଭିତ୍ତିଭୂମିର ବିକାଶ, ୟୁଡିଆଇଏସଇ ଓ ଆପାର୍ ଆଇଡିର ବ୍ୟବହାର, ଅନଲାଇନ୍ ଏକାଡେମିକ୍ ସପୋର୍ଟ ସିଷ୍ଟମ୍, କ୍ୟାରିୟର ପରାମର୍ଶ ଓ ଧନ୍ଦାମୂଳକ ଶିକ୍ଷା ଆଦି ବିଷୟବସ୍ତୁକୁ ନେଇ ଅଧିବେଶନର ଆୟୋଜନ କରାଯାଇଥିଲା ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଭାରପାତ୍ର ଅଧ୍ୟକ୍ଷମାନଙ୍କୁ ପରୀକ୍ଷା ପରିଚାଳନା ନିମିତ୍ତ ସମସ୍ତ ପ୍ରକ୍ରିୟା ଓ ସୂଚନା ପ୍ରଦାନ କରିଥିଲେ କ୍ଷ ଡ. ଉମାକାନ୍ତ ସେଠି ଅନଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ନାମ ଲେଖା ପ୍ରକ୍ରିୟା ଓ ସାମ୍ସ ସମ୍ବନ୍ଧିୟ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ ଓ ୟୁନିସେଫ୍ ର ତୃପ୍ତି କୌର କ୍ୟାରିୟର ପରାମର୍ଶ ବିଷୟରେ ଅବଗତ କରିଥିବା ବେଳେ ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଜୁଲି ମଙ୍ଗରାଜ ଓ ଧନ୍ଦାମୂଳକ ଶିକ୍ଷାର ଗବେଷଣା ସହାୟିକା ଶ୍ରୀମତୀ ସ୍ମିତା ରେଖା ମହାନ୍ତି ଧନ୍ଦାମୂଳକ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ କ୍ଷ ଓସେପା ପକ୍ଷରୁ ଶ୍ରୀମତୀ ସ୍ମିତା ମହାନ୍ତି ଓ ଶ୍ରୀମତୀ ନମିତା ପଣ୍ଡା ଅପଡେଟ୍ ଓ ଆପାର ଆଇଡି ପରିଚାଳନା ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ କ୍ଷ ନିର୍ଦ୍ଦେଶାଳୟ ତରଫରୁ ଅନଲାଇନ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ ବିଷୟରେ ଡ. ପ୍ରମୋଦ କୁମାର ରାୟ ଓ ଏଏସପି ପରାମର୍ଶଦାତା ଶ୍ରୀ ଆଶୁତୋଷ ଦାସ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ତଥ୍ୟ ପ୍ରଦାନ କରିଥିଲେ ।

## ଶୁଭ ସଂକେତ

ସ୍ୱାସ୍ଥ୍ୟ ଗବେଷକମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଗତ କିଛି ବର୍ଷ ଧରି ପଞ୍ଜିକୃତ ନବଜାତକଙ୍କ ମଧ୍ୟରେ ପୁତ୍ର ସନ୍ତାନଙ୍କ ଅଂଶ ହ୍ରାସ ପାଇବାରେ ଲାଗିଛି। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଗଲା ଚାରି ଦଶନ୍ଧି ମଧ୍ୟରେ ପୁତ୍ର ସନ୍ତାନଙ୍କ ଅଂଶ ୫୪ ପ୍ରତିଶତରୁ ୫୧.୨ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ଏକ ସ୍ୱାଗତଯୋଗ୍ୟ ଖବର ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ,ଲିଙ୍ଗଗତ ତାରତମ୍ୟ ଗତ କିଛି ବର୍ଷ ହେଲା ଭାରତ ପାଇଁ ମୁଣ୍ଡବ୍ୟାଥାର କାରଣ ହୋଇଛି। ପିଉ ରିସର୍ଚ୍ଚ ସେଂଟର ପକ୍ଷରୁ ନବଜାତକ ଲିଙ୍ଗଗତ ହାର ନେଇ ପ୍ରକାଶିତ ୨୦୨୨ ରିପୋର୍ଟରେ କୁହାଯାଇଛି ଯେ, ଗତ ଦୁଇ ଦଶନ୍ଧିରେ ଦେଶରେ ପ୍ରତି ୧୧୦ ବାଳକରେ ବାଳିକାଙ୍କ ସଂଖ୍ୟା ୧୦୦ଥିଲା, କିନ୍ତୁ ୨୦୨୪ରେ ଦେଶରେ ମୋଟ ଜନସଂଖ୍ୟା ଲିଙ୍ଗଗତ ଅନୁପାତ ପ୍ରତି ୧୦୬.୫୦୬ ପୁରୁଷରେ ମହିଳାଙ୍କ ସଂଖ୍ୟା ୧୦୦ ରହିଛି। ଯାହାକି ଆଶ୍ୱସ୍ତି ଆଣି ଦେଇଛି। କହିବା ବାହୁଲ୍ୟ ଯେ, ଗତ ୨୦୧୧ ଜନଗଣନାରେ ଦେଶରେ ଲିଙ୍ଗଗତ ଅନୁପାତ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ୯୪୩ ଥିଲା। ତେବେ ଏହି ନୂତନ ରିପୋର୍ଟରେ ଆତ୍ମସନ୍ତୋଷ ହେବା ଉଚିତ ନୁହେଁ। କାରଣ ଏହା ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ରହିଛି। ଉଦାହରଣ ସ୍ୱରୁପ ନବଜାତକ ଶିଶୁପୁତ୍ରରେ ପର୍ସେଂଟେଜ ହ୍ରାସ ସମାନ ନୁହେଁ। ବିଶେଷ କରି ସମସ୍ତ ବର୍ଗ ଓ ଧର୍ମ କ୍ଷେତ୍ରରେ। କହିବା ବାହୁଲ୍ୟ ଯେ, ୨୦୧୨ରୁ ୨୦୨୧ ମଧ୍ୟରେ ମୋଟ ନବଜାତଙ୍କ ମଧ୍ୟରେ ଧନୀକ ପରିବାରର ପର୍ସେଂଟେଜ ୫୨.୮ ଥିବାବେଳେ ଏହି ସମୟ ଅବଧି ମଧ୍ୟରେ ମଧ୍ୟବର୍ତୀ ପରିବାର ଏବଂ ଗରିବ ପରିବାରରେ ନବଜାତକଙ୍କ ସଂଖ୍ୟା ଯଥାକ୍ରମେ ୫୨.୧ ପ୍ରତିଶତ ଏବଂ ୫୧.୧ ପ୍ରତିଶତ ଥିଲା। ଏହି ଅନୁଧ୍ୟାନ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶର ଉତରାଚଂଳ ବିଶେଷ କରି ପଞ୍ଜାବ ଓ ହରିଆନାରେ ଏବେ ବି ପୁତ୍ର ସନ୍ତାନ ଉପରେ ବିଶେଷ ଜରୁତ୍ୱ ଦିଆଯାଉଛି। ପୁରୁଷ ପ୍ରଧାନ ସମାଜରେ ଏହି ଧାରଣା ବା ମତ କାହିଁ କେଉଁ ପୁରାତନ କାଳରୁ ରହିଆସିଛି ଭୃଣ ଲିଙ୍ଗ ନିରୁପଣ ଏବଂ କନ୍ୟା ଭୃଣ ହତ୍ୟା ଯୋଗୁଁ ଆମ ଦେଶରେ କନ୍ୟା ସନ୍ତାନଙ୍କ ସଂଖ୍ୟା ହ୍ରାସ ପାଉଥିଲା। ଲିଙ୍ଗ ପରୀକ୍ଷା ଏବଂ କନ୍ୟାଭୃଣ ହତ୍ୟାକୁ ଆମ ଦେଶରେ ନିଷିଦ୍ଧ କରାଯାଇଛି। ଏହା ସତ୍ୱେ କେତେକ ଅର୍ଥଲୋଭୀ ଗୋପନରେ ଲିଙ୍ଗ ପରୀକ୍ଷା ସହ କନ୍ୟା ଭୃଣ ହତ୍ୟା ଲାଗି ଘୃଣା ପ୍ରଥା ଚାଲୁ ରଖିଛନ୍ତି। ଯାହାର ପରିଣତି ସ୍ୱରୁପ ଦେଶରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଥିଲା। ଏବେ ଏହି ତାରତମ୍ୟ ହ୍ରାସ ପାଇବା ଖୁସିର ବିଷୟ। କିନ୍ତୁ ଉଦ୍‌ବେଗର ପ୍ରସଙ୍ଗ ଏହା ଯେ, ବିଶ୍ୱରେ ଭାରତ ସର୍ବବୃତ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଥିବା ସତ୍ୱେ ଜନସଂଖ୍ୟା ନିୟନ୍ତ୍ରଣ ନୀତି ଏବେ ଦେଶର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦେଶରେ ଏବେ "ଆମେ ଦୁଇ-ଆମର ଦୁଇ" ଏବଂ "ଅମେ ଦୁଇ-ଆମର ଏକ" ସନ୍ତାନ ନୀତି ବଳବତର ରହିଛି। ଏହି ନୀତି ଯୋଗୁଁ ଦେଶରେ ଯୁବଶକ୍ତି ହ୍ରାସ ପାଉଥିବାବେଳେ ଆଉ ମାତ୍ର କିଛି ଦଶନ୍ଧି ପରେ ଭାରତ କେବଳ ବୟସ୍କ(ପୌଢ)ଙ୍କ ରାଷ୍ଟ୍ରରେ ପରିଣତ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ଏକ ସଭାରେ ଅଧିକରୁ ଅଧିକ ଶିଶୁ ପ୍ରସବ ଉପରେ ଗୁରୁତ୍ୱ ଦେଇଥିଲେ। ଏବେ ରାଜନୈତିକ ଦଳଗୁଡିକ ଦେଶରେ ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ବହୁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ସହ ଆର୍ଥୀକ ସହାୟତା ଦେଉଥିବା ଏବଂ ଦେବା ପାଇଁ ପ୍ରତିଶ୍ରୁତି ଦେଉଥିବା ବେଳେ କନ୍ୟା ସନ୍ତାନ ହ୍ରାସ ନେଇ କେହି ଚିନ୍ତିତ ନଥିବା ମନେହୁଏ। ସରକାର ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ବାଳିକା ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରିବା ସହ 'ବେଟି ବଂଚାଓ ଓ ବେଟି ପଢାଓ' ଯୋଜନା ପ୍ରଣୟନ କରିଛନ୍ତି। ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ଯୋଗୁଁ ବିହାର ଓ ହରିଆନାର କେତେକ ଗ୍ରାମରେ ଝିଅ ଅଭାବରୁ ପୁଅମାନେ ବିବାହ କରିନପାରି ଅବିବାହିତ ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ଏପରିକି ନିର୍ବାଚନ ସମୟରେ ଯୁବକମାନେ ସେମାନଙ୍କ ବିବାହ ପାଇଁ କନ୍ୟା ଯୋଗାଣ କରିବାକୁ ପ୍ରାର୍ଥୀମାନଙ୍କ ନିକଟରେ ଦାବି କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହା ନିସନ୍ଦେହ ଯେ, ଦେଶରେ ପୁଅଙ୍କ ସଂଖ୍ୟା ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ଭବିଷ୍ୟତରେ ଏହା ବହୁ ଚ୍ୟାଲେଞ୍ଜ ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଲିଙ୍ଗଗତ ଭାରସାମ୍ୟ ରକ୍ଷା ଏକ ପ୍ରାକୃତିକ ପ୍ରକ୍ରୀୟା। ଏଥିରେ ମାନବିକ ହସ୍ତକ୍ଷେପ ରହିଲେ ମାନବ ସମାଜ ପ୍ରତି ବିପଦ ସୃଷ୍ଟି ହେବା ସ୍ୱାଭାବିକ। ଏଥିପ୍ରତି ସମାଜ, ପରିବାର ଓ ପିତାମାତା ସତର୍କ ଓ ସଚେତନ ହେବା ଆବଶ୍ୟକ।

# ଅଫିସର୍ ଅର୍ଥ ଅଧିକାରୀ ନୁହେଁ

**ପଙ୍କଜ କୁମାର ପାଣିଗ୍ରାହୀ।**

ଇଂରେଜ ଛାଡି ଚାଲିଗଲେ। ଦେଶ ସ୍ୱାଧୀନ ହୋଇଗଲା। ସ୍ୱାଧୀନତା ଦିବସ ପାଳନ ହେଉଛି ପ୍ରତିବର୍ଷ। ଦେଶରେ ସ୍ୱରାଜ ଶାସନ ଲାଗୁ ହେଲା। ସ୍ୱରାଜ ଶାସନ ପାଇଁ ଅନେକ ଦଳ ଗଠନ ହେଲା। ବିଭିନ୍ନ ଦଳ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲା ଯେ ଦେଶ ଶାସନ କରିବ କିଏ ? ଭିନ୍ନ ଭିନ୍ନ ଦଳ ଗୁଡିକ ସାଧାରଣ ଲୋକଙ୍କୁ ନିଜ ନିଜର ଦକ୍ଷତା ବଖାଣିଲେ। ଦେଶରେ ନିର୍ବାଚନ ମାଧ୍ୟମରେ ଗଠନ ହେଲା ସ୍ୱରାଜ ସରକାର। ଦୀର୍ଘ ୭୭ ବର୍ଷ ବିତିଗଲା। ଗୋଟିଏ ପରେ ଗୋଟିଏ ଶାସକ ଦଳର ଆବିର୍ଭାବ ହୋଇ ଚାଲିଲା ଦେଶର ଶାସନ ବ୍ୟବସ୍ଥା। ସାଧାରଣ ଲୋକେ ପ୍ରତିଥର ବିଚାର କଲେ ଯେ କିଏ ଆମକୁ ସୁଶାସନ ଦେଇ ପାରିବ ?! ଲୋକଙ୍କ ବିଚାରକୁ ନେଇ ନିର୍ବାଚନୀ ବିଜୟ ପରେ ଶାସକ ଆରମ୍ଭ କଲେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ। ଅଦ୍ୟାବଧି ଅନେକ ଦଳ ଆମକୁ ଶାସନ କରି ଆସୁଛନ୍ତି ଯାହା ସବୁ ଆମେ ଦେଖୁଛେ। ହେଲେ ଏପର୍ଯ୍ୟନ୍ତ କୌଣସି ଗୋଟିଏ ହେଲେ ଦଳ ବିଚାର କଲେ ନାହିଁ କି ଦେଶ ଚାଲୁଛି କେମିତି ?! ଦେଶର ସାଧାରଣ ନାଗରିକ ଭଲରେ ଅଛନ୍ତି ନା କିଛି ସଂସ୍କାର, ସୁଧାରର ଆବଶ୍ୟକତା ରହିଛି ଆମ ଆଇନ, କାନୁନ, ନିୟମ ଗୁଡିକ ଉପରେ ?!!

ଦେଶର ଶାସନ, ପ୍ରଶାସନ ଏବଂ ନ୍ୟାୟାଳୟ ଏହି ତିନୋଟି ବ୍ୟବସ୍ଥା ମାଧ୍ୟମରେ ଚାଲିଛି ଆମ ଦେଶ ଶାସନ। ଏହି ତିନୋଟିର କାର୍ଯ୍ୟଧାରାକୁ ସର୍ବସମ୍ମୁଖରେ ପ୍ରତିପାଦନ କରୁଛି ଆଉ ଏକ ବ୍ୟବସ୍ଥା ଯାହାକୁ କୁହାଯାଏ ଗଣମାଧ୍ୟମ। ପ୍ରଥମ ତିନିଟି ବ୍ୟବସ୍ଥା ମଧ୍ୟରେ ସମ୍ପର୍କର ନିବିଡ଼ତା ଏକ ଜଟିଳ ମାଧ୍ୟମ ଦେଇ ଗତି କରୁଥିବା ବେଳେ ତାହା ଅନେକ ଆଇନ କାନୁନ ମଧ୍ୟରେ ବନ୍ଧା ହୋଇ ରହିଛି। ଚତୁର୍ଥଟି ଏକ ସ୍ୱେଚ୍ଛାସେବୀ ବ୍ୟବସ୍ଥା ଭଳି କାର୍ଯ୍ୟ କରିଥାଏ। କି'ନ୍ତୁ ସେମାନଙ୍କୁ ମଧ୍ୟ ନିୟନ୍ତ୍ରିତ ସୀମାରେଖା ମଧ୍ୟରେ କେତେକ ଆଇନ ଦ୍ୱାରା ବାନ୍ଧି ରଖି, ଚାଲିଛି ଆମ ସମାଜ। କହିବାକୁ ଗଲେ ଚାରୋଟି ସଂସ୍ଥା ଅଳ୍ପ ବହୁତେ କେତେକ ସାମ୍ବିଧାନିକ ଆଇନ ଦ୍ୱାରା ହିଁ ପରିଚାଳିତ ହେଉଛନ୍ତି ଆମ ସମାଜରେ। ପ୍ରଥମ ତିନୋଟି ବ୍ୟବସ୍ଥାରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ସର୍ବଜନ ସରକାରୀ ପାଣ୍ଠିରୁ ନିଜର ପାରିଶ୍ରମିକ ନେଇଥା'ନ୍ତି। ଚତୁର୍ଥଟି ପାଇଁ କେତେବେଳେ କିଂଚିତ ଅନୁଦାନ ବ୍ୟବସ୍ଥା ରହିଥିଲେ ମଧ୍ୟ ପ୍ରାୟତଃ ସେମାନେ ନିଜସ୍ୱ ପାଣ୍ଠିରୁ ହିଁ ଚଳାଉଛନ୍ତି ସେମାନଙ୍କ ସଂସ୍ଥା।

ବର୍ତ୍ତମାନ ବିଚାର କରାଯିବା ବିଷୟ ଏହା କି, ଯେ ଦେଶ ଶାସନ ପାଇଁ ଲେଖାଯାଇଥିବା ସାମ୍ବିଧାନିକ ଆଇନ ଗୁଡିକ ଲେଖାଯାଇ ଅଛି କେମିତି ?! ଆମ ଦେଶର ସାମ୍ବିଧାନିକ ଆଇନ ଗୁଡିକ ପୂର୍ବ ଭାରତୀୟ ସଂସ୍କାର, ସଂସ୍କୃତି, ଦାର୍ଶନିକ ତତ୍ତ୍ୱ, ମାନବିକ ମନୋଭାବ ଜନିତ ଶୃଙ୍ଖଳା ଆଧାରିତ ନା ଆଉ କିଛି ? ଯେଉଁ ସବୁ ଆଇନ ବିଭିନ୍ନ ବ୍ୟବସ୍ଥା ଗୁଡିକ ପାଇଁ ଲେଖାଯାଇ ଅଛି ସେଗୁଡିକ ସମ୍ପୂର୍ଣ୍ଣ ଭାରତୀୟ ମନୋଭାବ ଆଧାରିତ ନା ଆଉ କ'ଣ ? ଏମିତି ଅନେକ ପ୍ରସ୍ନ ଉଙ୍କି ମାରୁଛି ମନରେ ଯେତେବେଳେ ଆମକୁ କେତେକ ଆଇନ ସଠିକ ମର୍ଯ୍ୟାଦା ଦେଇପାରୁ ନାହିଁ ଜଣେ ସ୍ୱତନ୍ତ୍ର ନିରପେକ୍ଷ ରାଷ୍ଟ୍ରୀୟ ନାଗରିକ ହିସାବରେ। ଦେଖିବାକୁ ଗଲେ ପ୍ରାୟତଃ ସମସ୍ତ ଆଇନ କେବଳ ଇଂରେଜ ମନୋଭାବ ଜନିତ ଲେଖାଯାଇ ଅଛି ଯାହା ସାଧାରଣ ଭାରତୀୟ ନାଗରିକ ଆଜି ପର୍ଯ୍ୟନ୍ତ ବୁଝି ପାରୁନାହାନ୍ତି। ରାଷ୍ଟ୍ରୀୟ ପରିଚାଳନା ବ୍ୟବସ୍ଥାରେ ରହିଥିବା ଆଇନ କାନୁନ ଏବଂ ନିୟମ ଗୁଡିକ ବିଦେଶୀ ଢାଞ୍ଚାରେ ଲିପିବଦ୍ଧ ହୋଇ ରହିଛି ! ସେଗୁଡ଼ିକ ମଧ୍ୟରେ ଆଦୌ ଭାରତୀୟ ଭାଷାତତ୍ତ୍ୱ କିମ୍ବା ଦର୍ଶନ ତତ୍ତ୍ୱ ଦେଖିବାକୁ ମିଳିବ ନାହିଁ ସମୀକ୍ଷା କରାଗଲେ। ଏମିତିକି ଆମ ନ୍ୟାୟିକ ବ୍ୟବସ୍ଥାରେ ଲିପିବଦ୍ଧ ରହିଥିବା ଆଇନ ଗୁଡିକ ଜଣେ ସାଧାରଣ ମଣିଷ ତ ବହୁତ ଦୂର ଉଚ୍ଚ ଶିକ୍ଷିତ ମାନେ ମଧ୍ୟ ବୁଝିବା କଷ୍ଟକର ! ଇତି ମଧ୍ୟରେ ସେହି ସବୁ ଇଂରେଜ / ପାଶ୍ଚାତ୍ୟ ମାନସିକତାରେ ଲିଖିତ ଆଇନ ଓ ନିୟମ ଗୁଡିକ ମଧ୍ୟରେ କେତେକ ସାଙ୍ଘାତିକ ତ୍ରୁଟିପୂର୍ଣ୍ଣ ଭାଷାତତ୍ତ୍ୱ ବ୍ୟବହୃତ ହେଉଛି ଅଦ୍ୟାବଧି ଯାହା ଆମ ସମାଜକୁ ଇଂରେଜ ଶାସିତ କରି ରଖିଛି ଯାହା ସେମାନଙ୍କ ମୁଖ୍ୟ ଷଡ଼ଯନ୍ତ୍ର ଥିଲା !

ଏହି ପ୍ରସଙ୍ଗରେ ଦେଖିଲେ ଜାଣିହେବ ଯେ ଇଂରେଜମାନେ ଦେଶ ବ୍ୟାପି ବିଭିନ୍ନ ନିୟନ୍ତ୍ରଣ କାର୍ଯ୍ୟାଳୟ ସ୍ଥାପିତ କରି ଚଳାଇଥିଲେ ସେମାନଙ୍କ ରାଜୁତି। ସେମାନଙ୍କ ଅଧିନରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଯଥେଷ୍ଟ ଅଖଣ୍ଡ କ୍ଷମତା ପ୍ରଦାନ କରିଥିଲେ ସ୍ଥାନୀୟ ଲୋକଙ୍କ ଉପରେ ଅତ୍ୟାଚାର କରି ସାଧାରଣ ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଦମନ କରି ରଖିବା ପାଇଁ। ତଦନୁଯାୟୀ ଇଂରେଜ ମାନେ ତାଙ୍କ କର୍ମଚାରୀ ମାନଙ୍କ ବିଭିନ୍ନ ଉପାଧି ନିର୍ଦ୍ଧାରିତ କରିଥିଲେ ଯାହା ଲୋକଙ୍କୁ ଭୟାତୁର କରି ରଖୁଥିଲା। ଏବଂ ସେମାନେ ମଧ୍ୟ ଲୋକଙ୍କ ଉପରେ ନିଜର କ୍ଷମତା, ଦକ୍ଷତା ସାବ୍ୟସ୍ତ କରି ଦମନଲୀଳା ଚଳାଉଥିଲେ। ଆଜି ମଧ୍ୟ ଆମ ଦେଶରେ ସମାନ ଢଙ୍ଗରେ ପ୍ରଚଳିତ ଆମ ଶାସନ ବ୍ୟବସ୍ଥା ସାଧରଣ ଲୋକଙ୍କୁ ସେହିଭଳି ଇଂରେଜର କ୍ରିତଦାସ ଭଳି କରି ରଖିଛି ! ତଦ୍ୱାରା ଶାସନ କ୍ଷମତାରେ ରହୁଥିବା ସରକାରୀ କଳ ସେମାନଙ୍କ ମାଧ୍ୟମରେ ନିୟନ୍ତ୍ରଣାଧିନ କରି ରଖିଛନ୍ତି ସାଧାରଣ ନିରୀହ ଜନତାଙ୍କୁ ! ଏହି ପ୍ରସଙ୍ଗରେ ଅତ୍ୟନ୍ତ ଗମ୍ଭୀର ଅମାନୁଷିକ ବିଚାର ସୃଷ୍ଟି ହୁଏ ମନରେ ସେମାନଙ୍କର ଯେଉଁମାନେ କାର୍ଯ୍ୟରତ ସରକାରୀ ପ୍ରଶାସନିକ ବ୍ୟବସ୍ଥାରେ। କେମିତି, ବିଚାର କରି ଦେଖିବା...

ଆମ ଦେଶ ଯଦି ଗୋଟିଏ ଗଣତନ୍ତ୍ର ରାଷ୍ଟ ତା ଅର୍ଥ ହେଉଛି ସରକାର ଏବଂ ଦେଶର ଶାସନ କଳର ମାଲିକ ହେଉଛନ୍ତି ସର୍ବସାଧାରଣ ଜନତା। ସେମାନଙ୍କ ପାଇଁ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ସେମାନଙ୍କ ସାମୁହିକ ଅର୍ଥରୁ ନିଜର ପାରିଶ୍ରମିକ ପାଉଥିବା କାରଣରୁ ସେମାନେ ହୁଅନ୍ତି ସରକାରୀ ଚାକିରିଆ ଅର୍ଥ ଚାକର ! ଏହା ଏକ ସତ୍ୟ ବଚନ। କି'ନ୍ତୁ ଆମ ଦେଶରେ ସେମିତି ହେଉଛି କି ?! ଆଦୌ ନୁହେଁ ! କାରଣ ଶାସନ, ପ୍ରଶାସନ ବ୍ୟବସ୍ଥା ପାଇଁ ଅବସ୍ଥାପିତ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ସରକାରଙ୍କ କର୍ମକର୍ତ୍ତା ଚାକର। ସେମାନେ ସାଧାରଣ ଲୋକ ଅର୍ଥାତ ଜନସାଧାରଣଙ୍କୁ ସରକାରୀ ଅଧିକାରୀର ମର୍ଯ୍ୟାଦା ଦେବା କଥା। ଆମ ଦେଶରେ କି'ନ୍ତୁ ତା'ର ବିପରୀତରେ କାର୍ଯ୍ୟ ଚାଲୁଥିବା କିଏ ନଜାଣନ୍ତି ?! ଏମିତି ହେବାର ମୁଖ୍ୟ କାରଣ ହେଉଛି ଆମେ ସେହି ଇଂରେଜ ପ୍ରଣୋଦିତ ମାନ୍ୟତା ଦେଇ ଆସୁଅଛେ ଆମର ସବୁ ବର୍ଗର ଚାକରଙ୍କୁ ! ଇଂରେଜ ମାନ୍ୟତା ଅନୁଯାୟୀ କେବଳ ସେମାନଙ୍କ ନିଜ ଲୋକ ବ୍ୟତୀତ ଅନ୍ୟ ସମସ୍ତ ଭାରତୀୟ କର୍ମକର୍ତ୍ତାଙ୍କୁ ଅଫିସର ବୋଲି ସେମାନେ କହୁଥିଲେ। ସେମାନେ ତାଙ୍କ ଭାଷା ଇଂରେଜରେ ଯାହା କହୁଥିଲେ ତାର ଅର୍ଥ ହେଉଛି କାର୍ଯ୍ୟାଳୟ କର୍ମକର୍ତ୍ତା। କି'ନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ ଅଫିସର ଅର୍ଥାତ ଭାରତୀୟ ଭାଷାରେ ସେମାନଙ୍କୁ ଅଧିକାରୀ ବୋଲି ଆମେ କହିବାର ତାତ୍ପର୍ଯ୍ୟ କ'ଣ ?! ଅଫିସ ଅର୍ଥ ହେଉଛି କାର୍ଯ୍ୟାଳୟ। ସେହି ଅଫିସ ବା କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଲୋକଙ୍କୁ କର୍ମଚାରୀ କୁହାଯିବ। ଯଦି ସେହି କାର୍ଯ୍ୟାଳୟର ଜଣେ ମୁଖ୍ୟ କର୍ମକର୍ତ୍ତା ନିଯୁକ୍ତି ହୁଅନ୍ତି ତାହେଲେ ତାଙ୍କୁ ସେହି କାର୍ଯ୍ୟାଳୟ ମୁଖ୍ୟ କର୍ମଚାରୀ ବୋଲି କୁହାଯାଇ ପାରିବ। କି'ନ୍ତୁ ସେମାନଙ୍କୁ ଅଧିକାରୀ ବୋଲି କହିବା ଉଦ୍ଦେଶ୍ୟ ଆମର କ'ଣ ?! ଅଧିକାରୀ ଶବ୍ଦର ଭାରତୀୟ ଭାଷା ଅର୍ଥ ହେଉଛି ମାଲିକ। ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣ ଅଧିକାରୀ ବା ମାଲିକ ହୋଇଥିବା ବେଳେ ସେମାନେ ସାମାନ୍ୟ କର୍ମଚାରୀ ହୋଇଥା'ନ୍ତି। ସେମାନେ ଅଧିକାରୀ ବା ମାଲିକ ହେଲେ କେମିତି ବୁଝିବା ଅତ୍ୟନ୍ତ କଷ୍ଟ ! ତେଣୁ ସେମାନଙ୍କୁ ଅଧିକାରୀ ବୋଲି ପଦବାଚ୍ୟ ଏମିତି ଏକ ସ୍ତରକୁ ଆଣି ପହଂଚାଇ ଦେଉଛି ଯେ ସେମାନେ ନିଜକୁ ମାଲିକ ବୋଲି ଭାବି, ଅର୍ଥାତ ଜନସାଧାରଣଙ୍କୁ ନିଜ ପାଦ ତଳର ଚାକର ବା କ୍ରୀତଦାସ ଭଳି ଅନୁଭବ ଓ ବ୍ୟବହାର କରିବାକୁ ପଛଘୁଂଚା ଦେଉନାହାନ୍ତି ! ଏହି କ୍ରମରେ ଗଣତନ୍ତ୍ରର ପ୍ରକୃତ ମାଲିକ ଅର୍ଥାତ ସାଧାରଣ ଜନତା ସେମାନଙ୍କ ଚାକର ଅର୍ଥାତ ସରକାରୀ କର୍ମଚାରୀଙ୍କୁ ଅନୁରୋଧ ପତ୍ର ଲେଖିବାକୁ ପଡୁଛି ଯାହା ଭାରତୀୟ ମନୋଭାବରେ ଏକ ସାଙ୍ଘାତିକ ବିଡମ୍ବନା !

ତେଣୁ ଏଠାରେ ଗୋଟିଏ ସନ୍ଦେଶ ଦିଆଯିବା ବିଷୟ ଏହାକି ଯେ ସରକାର ସେମାନଙ୍କୁ ସରକାରୀ ଅଧିକାରୀ ଶବ୍ଦର ବ୍ୟବହାର କରିବା ବନ୍ଦ କରନ୍ତୁ ଏବଂ ଲୋକଙ୍କୁ ନିଜର ସ୍ୱତନ୍ତ୍ର ଅଧିକାର ସାବ୍ୟସ୍ତ କରିବା ସୁଯୋଗ ଦିଅନ୍ତୁ ଯଦି ଆମ ଦେଶକୁ ଗଣତନ୍ତ୍ର ଦେଶ ବୋଲି କୁହାଯାଉ ଅଛି। ଅଥବା ଏହା ଏକ ଇଂରେଜ ଶାସିତ ଅବା ରାଜତନ୍ତ୍ରିକ ରାଷ୍ଟ ବୋଲି ଘୋଷଣା କରି ଲୋକଙ୍କ ଭ୍ରାନ୍ତି ଦୂର କରିବା ଅନିବାର୍ଯ୍ୟ। ଯଦି ଆମ ଦେଶ ପ୍ରକୃତରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରୁଛି ରାଷ୍ଟ୍ରର ନାଗରିକଙ୍କୁ ତାହେଲେ ସରକାରୀ କର୍ମଚାରୀଙ୍କ ଉପାଧିରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି ଯାହା ସେମାନଙ୍କୁ କେବଳ କର୍ମଚାରୀ ବୋଲି କୁହାଯାଉ କି'ନ୍ତୁ ଅଧିକାରୀ ନୁହନ୍ତି। ତଦ୍ୱାରା ଦେଶର ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ ଧରଣର ପରିବର୍ତ୍ତନ ସମ୍ଭବ ହେବ ଯାହା ସାଧାରଣ ଲୋକଙ୍କୁ ଏକ ଗଣତନ୍ତ୍ର ରାଷ୍ଟ୍ରର ଅନୁଭୂତି ପ୍ରଦାନ କରିବାରେ ସମର୍ଥ ହେବ। ଅନ୍ୟଥା ଏହା ଏକ କ୍ରୁର ଶାସନ ତନ୍ତ୍ର ବ୍ୟତୀତ ଆଉ କିଛି ହୋଇ ନପାରେ ଯେତେବେଳ ପର୍ଯ୍ୟନ୍ତ ଘରର ଚାକରକୁ ଅଧିକାରୀ ବା ମାଲିକର ମାନ୍ୟତା ଦେଇ ପ୍ରକୃତ ମାଲିକ ତା ପାଖରେ ନତମସ୍ତକ ପୂର୍ବକ ନିଜର ହକ୍‌କୁ ଅନୁରୋଧ ମାଧ୍ୟମରେ ଜଣାଇବାକୁ ପଡୁଛି ! ଏହି କ୍ରମରେ ପ୍ରତ୍ୟେକ ସ୍ଥାନରେ କାର୍ଯ୍ୟରତ ବିଭିନ୍ନ କର୍ମକର୍ତ୍ତାଙ୍କ ଭୂମିକାକୁ ନେଇ ସେମାନଙ୍କ ପଦବାଚ୍ୟ ପ୍ରକୃତ ଭାରତୀୟ ଭାଷା, ସଂସ୍କୃତି ଓ ଦାର୍ଶନିକ, ମାନବିକ ସଂବୋଧନାର୍ଥ ବ୍ୟବହାର ହେବା ଅତ୍ୟାବଶ୍ୟକ ଯାହା ଭାରତୀୟ ସମ୍ବିଧାନ ସଂଶୋଧନ କରିବା ପାଇଁ ତତ୍ପରତା ପ୍ରଦର୍ଶନ କରାଯାଉ। ତେବେହେଲେ ଯାଇ ଆମ ଦେଶ ଏକ ସୁଧାର ଦିଗରେ ଅଗ୍ରଗତି ହୋଇପାରିବ। ଅନ୍ୟଥା ସର୍ବକାଳ ଆମେ ଏକ କ୍ରୁର ଶାସନ ତନ୍ତ୍ରର କ୍ରୀତଦାସ ଭଳି ବଞ୍ଚିବା ଛଡା ସ୍ୱତନ୍ତ୍ରତା ଏଠାରେ ସ୍ୱପ୍ନ ହୋଇ ରହିଛି ରହିବ ମଧ୍ୟ।

ୟୁଟ୍ୟୁବ - ସାମାଜିକ ଜନମଞ୍ଚ(ଭାରତ)
ଛତ୍ରପୁର, ଗଂଜାମ- ୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଜାତୀୟ ଯୁବ ଦିବସର ଅନୁଚିନ୍ତା

**ସଂଯୁକ୍ତା ମହାପାତ୍ର**

ଭାରତର ପ୍ରଜ୍ଞାପୁରୁଷ, ବେଦ, ବେଦାନ୍ତର ପ୍ରବର୍ତ୍ତକ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଧର୍ମଗୁରୁ ଯୁବ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଯୁବ ଦିବସ ଭାବେ ପାଳନ କରିବା ନିମନ୍ତେ ଭାରତ ସରକାର ୧୯୯୪ ମସିହାରେ ଘୋଷଣା କରିଥିଲେ। ୧୯୮୫ ମସିହା ପରଠାରୁ ଭାରତ ଏବଂ ବିଶ୍ୱବ୍ୟାପୀ ଅବସ୍ଥିତ ରାମକୃଷ୍ଣ ମିଶନ କେନ୍ଦ୍ର ଦ୍ୱାରା ଏହି ଦିବସ ମହା ସମାରୋହରେ ପାଳନ କରାଯାଏ। ୧୯୬୩ ମସିହା ଜାନୁଆରୀ ୧୨ ତାରିଖ ଦିନ କଲିକତାସ୍ଥିତ ସିମଳାପଲ୍ଲୀ ଠାରେ ପିତା ବିଶ୍ୱନାଥ ଦତ୍ତ ଓ ମାତା ଭୁବନେଶ୍ୱରୀ ଦେବୀଙ୍କ ପ୍ରଥମ ସନ୍ତାନ ଭାବେ ସେ କୋଳ ମଣ୍ଡନ କରିଥିଲେ। ତାଙ୍କର ପିଲାଦିନର ନାମ ନରେନ୍ଦ୍ରନାଥ ଥିଲା ଓ ଶ୍ରଦ୍ଧାରେ ଡାକନାମ ଥିଲା 'ବିଲେ'। ପିଲାଟିଦିନରୁ ଧର୍ମପ୍ରାଣା ମାତାଙ୍କ ପ୍ରଭାବ ବିଲେଙ୍କ ଉପରେ ପଡିଥିବାରୁ ତାଙ୍କ ମନରେ ଧର୍ମଭାବନା ପରିଲକ୍ଷିତ ହେଉଥିଲା। ଦରିଦ୍ର ଲୋକଙ୍କ ପାଇଁ ତାଙ୍କ ପ୍ରାଣ କାନ୍ଦୁଥିଲା। ହନୁମାନଙ୍କର ସେ ପରମ ଭକ୍ତଥିଲେ। କଦଳୀ ହନୁମାନଙ୍କର ପ୍ରିୟ ଖାଦ୍ୟ। ତେଣୁ ହନୁମାନଙ୍କ ଦର୍ଶନ ନିମନ୍ତେ ଦିନେ ସେ କଦଳୀ ବଣରେ ଲୁଚି ରହିଥିଲେ। ମନରେ ଭଗବତ୍ ଦର୍ଶନର ଏକମାତ୍ର ଆକାଂକ୍ଷା ନେଇ ଦିନେ ଗୁରୁ ରାମକୃଷ୍ଣଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା। ଦୁହେଁ ହେଲେ ଗୁରୁଶିଷ୍ୟ। କାଳର କରାଳ ଗତିକୁ ଅଟକାଇ ସେମାନେ ହେଲେ ଅନ୍ଧକାରଗ୍ରସ୍ତ ଭାରତ ଆକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ। ଭାରତର ମହାନ୍ ସଂସ୍କୃତି ବେଦ,ବେଦାନ୍ତ ପ୍ରଚାରର ଉଦଗାଥା। ରାମକୃଷ୍ଣ ମିଶନ ପ୍ରତିଷ୍ଠା କରି ଗୁରୁ ରାମକୃଷ୍ଣ ପରମହଂସଙ୍କ ଭାବାଦର୍ଶ ସେ ପ୍ରଚାର କରିଥିଲେ।

ଭାରତର ସମୃଦ୍ଧ ସଂସ୍କୃତି ତାଙ୍କୁ ଅପାର ଆନନ୍ଦ ଦେଉଥିଲେ ବି ଜନସାଧାରଣଙ୍କ ମଧ୍ୟରେ ଠୁଳ ହୋଇଥିବା ଅଶିକ୍ଷା,କୁଶିକ୍ଷା,ଦାରିଦ୍ର୍ୟ ତାଙ୍କୁ ବ୍ୟଥିତ କରୁଥିଲା। ସେଥିପାଇଁ ୨୬ ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କରି ସେ ନରେନ୍ଦ୍ରରୁ ବିବେକାନନ୍ଦ ହୋଇ, ପରମ ବୀରତ୍ୱରେ ସାରାଭାରତ ବର୍ଷ ଭ୍ରମଣ କରି ଦୁର୍ନୀତି ରାକ୍ଷସ ବିରୁଦ୍ଧରେ ଯୁଦ୍ଧ ଡାକରା ଦେଇଥିଲେ। ଏହାର ବିନାଶ ପାଇଁ ସେ ସାଧାରଣ ପଲ୍ଲୀରୁ ରାଜପୁର ପର୍ଯ୍ୟନ୍ତ ତନ୍ନତନ୍ନ କରି ଖୋଜି ବୁଲିଥିଲେ। ସଚେତନତାର ବାର୍ତ୍ତା ପ୍ରଚାର କରି ଦକ୍ଷିଣର ମହୋଦଧି କୂଳରେ ପହଂଚିଲେ। ସେଠାରେ ଏକଦା ବିରସ,ବିବ୍ରତ ଭାବେ ବଙ୍ଗୋପସାଗରସ୍ଥ ଏକ ଶିଳା ଉପରେ ବସିଥିଲେ। ଚାରିପଟେ ଅନନ୍ତ ଜଳରାଶି ଘେରି ରହିଥିଲାବେଳେ ଦୃଷ୍ଟି ତାଙ୍କର ବହୁ ଦୂରକୁ ପ୍ରସାରିତ ହୋଇଗଲା। ଭାରତୀୟ ସଂସ୍କୃତିକ ବିଭବକୁ ପ୍ରଚାରକରିବା ନିମନ୍ତେ ଅନ୍ତଚେତନାରୁ ତାଙ୍କୁ ଡାକରା ଆସିବାରୁ ୧୮୯୩ରେ ଆମେରିକାର ଚିକାଗୋ ଠାରେ ଆୟୋଜିତ ବିଶ୍ୱ ଧର୍ମ ସଭାରେ ହିନ୍ଦୁ ଧର୍ମର ପ୍ରତିନିଧି ଭାବେ ସେ ଯୋଗଦେଲେ। ଯେଉଁ ଶିଳା ପରେ ସେ ବସିଥିଲେ, ତାହା ବିବେକାନନ୍ଦ ଶିଳା ଭାବେ ପରିଚିତ ହେଲା। ସମୟ ମିଳିଥିଲା ତାଙ୍କୁ କହିବା ପାଇଁ ମାତ୍ର ୧୦ ମିନିଟ୍। କିନ୍ତୁ ତିନିଦିନ ତିନିରାତି ଧରି ସନାତନ ହିନ୍ଦୁ ଧର୍ମର ଦର୍ଶନ ଏପରି ସେ ବ୍ୟାଖ୍ୟା କରିଥିଲେ ଯେ ସତେଯେମିତି ଗଛପତ୍ର ସ୍ଥିର ହୋଇଗଲା ତାଙ୍କ କଥା ଶୁଣିବା ପାଇଁ। ବିଶ୍ୱ ଚମତକୃତ ହେଲା। ସେ ହେଲେ ବିଶ୍ୱବିଜୟୀ।

ଭାତତବର୍ଷ ଥିଲା ତାଙ୍କ ଶୈଶବର ଦୋଳି, ଯୌବନର ଉପବନ ଆଉ ବାର୍ଦ୍ଧକ୍ୟରେ ବାରାଣସୀ। ତେଣୁ ବିଦେଶର ସମସ୍ତ ପ୍ରଲୋଭନ ତ୍ୟାଗକରି ଦେଶକୁ ଫେରି ସେ ଭାରତର ଆତ୍ମାକୁ ଦେଖି ପାରିଥିଲେ। ଦୁଃଖିନୀ ମାତାର ଦୁଃଖ ତାଙ୍କୁ ବିଚଳିତ କରିଥିଲା। ଏହାର ନିରାକରଣ ନିମନ୍ତେ ସେ କହିଥିଲେ "ଉତିଷ୍ଠିତଃ ଜାଗ୍ରତଃ।" ସେ ଜାଣିଥିଲେ ଦେଶର ପ୍ରାଣଶକ୍ତି ହେଲେ ଯୁବକମାନେ। ସେମାନେ ହେଲେ ମୃତ୍ୟୁହୀନ ଆତ୍ମା। ଶକ୍ତିର ଅସରନ୍ତି ଫୁଆର। ତେଣୁ ଯୁବଶକ୍ତି ଜାଗିଲେ ଦେଶ ଜାଗିବ। ଏହା ପ୍ରାଣେପ୍ରାଣେ ଅନୁଭବ କରି ସେ କହିଥିଲେ "ଦେଶର ଯୁବକମାନଙ୍କ ଉପରେ ମୋର ଗଭୀର ବିଶ୍ୱାସ ଅଛି । ଦଶବର୍ଷ ମୁଁ ସାରା ଦେଶରେ ବୁଲିଛି। ମୋର ସ୍ଥିର ଧାରଣା ଯେ ଭାରତର ଯୁବ ସମାଜରୁ ଯେଉଁ ଶକ୍ତି ଆସିବ,ତାହା ଭାରତକୁ ପୁନରାୟ ତା'ର ଯଥାର୍ଥ ଆଧ୍ୟାତ୍ମିକ ମହିମାରେ ଉଜ୍ଜୀବିତ କରିବ।"

ଆଜି ଆମଦେଶ ଯୁବାଭାରତ ଭାବେ ବିଶ୍ୱରେ ପରିଚିତ। ଏହି ଅବସରରେ ଯୁବା ସନ୍ନ୍ୟାସୀଙ୍କର ଯୁବସମାଜ ପ୍ରତି ଥିବା ଆହ୍ୱାନ ନିଶ୍ଚିତ ଗ୍ରହଣୀୟ। ଭାରତର ଜନ ସଂଖ୍ୟାର ଶତକଡା ଚାଳିଶି ପ୍ରତିଶତ ଯୁବକ ଓ ଯୁବତୀ। ଶକ୍ତିର ଉଦ୍ଦାମତାର ପ୍ରତୀକ ଏହି ଯୁବାଶକ୍ତି ଯଦି ବାଟବଣା ନହୋଇ ସଠିକ୍ ମାର୍ଗରେ ପରିଚାଳିତ ହୁଅନ୍ତି ତ ବିଶ୍ୱରେ ସର୍ବଶ୍ରେଷ୍ଠ ଶକ୍ତିଶାଳୀଦେଶ ହେବାରେ ଭାରତକୁ କେହି ଅଟକାଇ ପାରିବେ ନାହିଁ । ଏହା ସୁନିଶ୍ଚିତ ସତ୍ୟ। ତେଣୁ ବିବେକାନନ୍ଦ ହୁଅନ୍ତୁ ଯୁବମାନସର ଆଦର୍ଶ। ଏହା ହିଁ ଜାତୀୟ ଯୁବ ଦିବସ ପାଳନ ଅବସରରେ ଆମ ଯୁବ ସମାଜପାଇଁ ଆହ୍ୱାନ ହେଉ।

ମୋ୯୬୮୪୮୨୦୧୪

# ଶୃଙ୍ଖଳିତ ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ସତର୍କତା

**ଡାକ୍ତର ଶୁଭଶ୍ରୀ ମିଶ୍ର**

ନୂଆ ବର୍ଷ ଅତିବାହିତ ହେବାର ଗୋଟିଏ ସପ୍ତାହ ପର ସମୟ ବିତିଗଲାଣି। ଏ ସବୁ ଭିତରେ ନିଜ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀର ପୁନଃ ମୂଲ୍ୟାୟନ କରିବାର ପ୍ରକୃଷ୍ଟ ସମୟ ପହଞ୍ଚିଛି। ଅନେକ ଲୋକ ଏ ନେଇ ଅନେକ ସଂକଳ୍ପ ବା ରିଜୋଲିସନ କରିଥାନ୍ତି। ତେବେ କହିବାକୁଗଲେ ଏହି ଶୃଙ୍ଖଳିତ ଜୀବନଶୈଳୀ ପାଇଁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଜର ଦୃଢ଼ ମାନସିକତା। ନୂଆ ବର୍ଷ ଆସିଲେ ଆମେ ପୁରୁଣା ବଦଭ୍ୟାସ ଛାଡ଼ି ନୂଆ ସୁଅଭ୍ୟାସ ଲାଗି ସଂକଳ୍ପ ନେଉ। ଇଏ କେବଳ ଓଡ଼ିଶା କି ଭାରତର କଥା ନୁହେଁ, ପୃଥିବୀ ସାରା ଲୋକ ଏକ ଧାରାରେ ଅଭ୍ୟସ୍ତ। ନବ ବର୍ଷ ସଂକଳ୍ପ ବା ନିଉଇୟର ରିଜୋଲ୍ୟୁସନସ୍ ଗ୍ରହଣ କରିବା ଏକ ଲୋକପ୍ରିୟ ଚିନ୍ତାଧାରା। ତେବେ ଏକ ଆକଳନ ଅନସୁାରେ ୮୦% ଲୋକ ନୂଆ ବର୍ଷର ସଂକଳ୍ପ ବଜାୟ ରଖିବାରେ ବିଫଳ ହୁଅନ୍ତି ଏବଂ ଫେବୃଆରୀ ମାସର ମଧ୍ୟଭାଗ ପରେ ଅଧିକାଂଶ ଏଥିରୁ ଓହରି ଯାଆନ୍ତି। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ନିୟମିତ ବ୍ୟାୟାମ କରିବାର ସଂକଳ୍ପ ପ୍ରାୟତଃ ଫେଲ ମରିଯାଏ। ଖାଦ୍ୟପେୟ ଅଭ୍ୟାସରେ ସୁଧାର ଆଣିବା ସହ ଓଜନ କମାଇବାର ସଂକଳ୍ପ ଅଧିକାଂଶଙ୍କ କ୍ଷେତ୍ରରେ ପୂରଣ ହୋଇପାରେ ନାହିଁ। ଖର୍ଚ୍ଚ କମାଇ ଅଧିକ ଟଙ୍କ ସଞ୍ଚୟ କରିବାର ଯୋଜନା ବି ଲେ ମାରେ। ଖର୍ଚ୍ଚ ଦିନକୁ ଦିନ ବଢ଼ିବାରେ ଲାଗିଥାଏ। ସବୁଦିନ ସକାଳୁ ଉଠିବାର ସଂକଳ୍ପ ଅଧିକାଂଶଙ୍କ କ୍ଷେତ୍ରରେ ବିଫଳ ହୋଇଥାଏ। ଧୂମପାନ ଛାଡ଼ିବାର ପ୍ରତିଜ୍ଞା ବି ଏହି ଶ୍ରେଣୀର ଏକ ସଂକଳ୍ପ। ଚେନ ସ୍ମୋକରମାନେ ପ୍ରତି ବର୍ଷ ଜାନୁଆରୀ ପହିଲାରେ ଏହି ସଂକଳ୍ପ ନିଅନ୍ତି ବୋଲି କୁହାଯାଏ। ସେହିଭଳି ଦୈନନ୍ଦିନ ଜୀବନରେ ସମୟାନୁବର୍ତ୍ତୀ ହେବା ପାଇଁ ଅଳସୁଆ ସ୍ୱଭାବର ଲୋକେ ସଂକଳ୍ପ ନିଅନ୍ତି। କିଛି ଦିନ ମାନନ୍ତି, ତାପରେ ଯଥା ପୂର୍ବଂ ତଥା ପରଂ। କ୍ୟାରିଅର ବିକାଶ ଲାଗି ନୂଆ ନୂଆ କୌଶଳ ଓ ଶୃଙ୍ଖଳା ଅବଲମ୍ବନ କରିବାର ସଂକଳ୍ପ ବି ଅଧାରୁ ଅଟକିଯାଏ। ନିୟମିତ ମଦ୍ୟପାନରେ ଅଭ୍ୟସ୍ତ ବ୍ୟକ୍ତି ପରିବାର ଓ ବନ୍ଧୁବର୍ଗଙ୍କ ପ୍ରୋତ୍ସାହନରେ ମଦ ଛାଡ଼ିବା ସଂକଳ୍ପ ନିଅନ୍ତି। କିନ୍ତୁ ସମୟକ୍ରମେ ଅଧିକାଂଶ ଏହା ରଖିପାରନ୍ତି ନାହିଁ। କୌଣସି ଘଟଣାରୁ ଅନୁପ୍ରାଣୀତ ହୋଇ ସମସ୍ତଙ୍କୁ ସାହାଯ୍ୟ କରିବାର ସଂକଳ୍ପ ଅନେକ ନିଅନ୍ତି। କିନ୍ତୁ ସମୟ ଦେଇପାରନ୍ତି ନାହିଁ। ପରିବାର ବନ୍ଧୁଙ୍କ ସହ ଅଧିକ ସମୟ ବିତାଇବାର ସଂକଳ୍ପ ମଧ୍ୟ ବହୁ କ୍ଷେତ୍ରରେ ଫେଲ ମାରିଯାଏ। ପ୍ରଥମେ ସନ୍ତୁଳିତ ଆହାର ପାଇଁ ସଂକଳ୍ପ ରଖନ୍ତୁ। ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରକ୍ରିୟାକୃତ ବା ବଜାର କିଣା ଖାଦ୍ୟ ବଦଳର ତଟକା ପନିପରିବା, ଫଳମୂଳ ଓ ଶସ୍ୟବୀଜକୁ ଗୁରୁତ୍ୱ ଦିଅନ୍ତୁ। ପ୍ରତିଦିନ ସର୍ବନିମ୍ନ ଭାବେ ତିରିଶ ମିନିଟ ଶାରୀରିକ ପରିଶ୍ରମ କରିବା ପାଇଁ ସମୟ ରଖନ୍ତୁ କାରଣ ଏହା ଆପଣଙ୍କ ହୃତପିଣ୍ଡକୁ ସୁସ୍ଥ ରଖିବା ସହ ମନୋଭାବରେ ଉନ୍ନତି ଆଣି ସମଗ୍ର ଶକ୍ତି ସ୍ତରକୁ ବଢ଼ାଇଥାଏ। ସେହିପରି ପ୍ରତିଦିନ ବିଶୁଦ୍ଧ ଆଠରୁ ଦଶଗ୍ଲାସ ପାଣି ପିଇ ତମାମ ଶରୀରର ଜଳୀୟଅଂଶ ବଜାୟ ରଖନ୍ତୁ। କାରଣ ଏହା ବିଭିନ୍ନ ଶାରୀରିକ କ୍ରିୟାକୁ ସୁଗମ କରିବା ସହ ତ୍ୱଚାର କାନ୍ତୀ ବଢ଼ାଇଥାଏ ଓ ଶକ୍ତି ସ୍ତରକୁ ମଧ୍ୟ ଦୃଢ଼ ଅଭିବୃଦ୍ଧି କରିଥାଏ। ପ୍ରତିଦିନ ଆଠରୁ ଦଶ ଘଣ୍ଟା ଯିବା ପର୍ଯ୍ୟନ୍ତ ସୁନିଦ୍ରା ଯିବା ଯୋଜନା ରଖନ୍ତୁ। ନିୟମିତ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନିଜର ମୋବାଇଲ ଫୋନ, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଗ୍ୟାଜେଟର ପରଦାରେ ଦୃଷ୍ଟି ନିକ୍ଷେପ କରି ରହିବାର ସମୟକୁ ଧୀରେ ଧୀରେ ହ୍ରାସ କରିବାକୁ ପଡ଼ିବ। ଯାହାଦ୍ୱାରା ଆଖି ଉପରେ ପଡୁଥିବା ଚାପ କମି ପାରିବ ଓ ଦୃଷ୍ଟି ଶକ୍ତି ବୃଦ୍ଧି ହେବ। ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ପାଇଁ ବର୍ଯ୍ୟ ପଦାର୍ଥ ଫିଙ୍ଗିବାରେ ହ୍ରାସ, ପୁର୍ନବ୍ୟହାରକ୍ଷମ ପଦାର୍ଥର ବ୍ୟବହାର ଓ ଅଧିକ ଉଦ୍ଭିଦଯାତ ଖାଦ୍ୟ ଗ୍ରହଣ କରି ପରିବେଶ ଅନୁକୂଳ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେବାକୁ ସଂକଳ୍ପ କରିବା ଉଚିତ। ଏହାସହ ବଗିଚା କାମ ହେଉ ବା ରୋଷେଇ, ସଂଗୀତ ଶିକ୍ଷା ହେଉ ବା ଲେଖାପଢ଼ା ସବୁଥିରେ ମନ ପସନ୍ଦ କାର୍ଯ୍ୟରେ ନିଜକୁ ନିୟୋଜିତ ରଖନ୍ତୁ। ମାନସିକ ସ୍ତରରେ ସୁସ୍ଥ ରହିବା ସହ ସାମାଜିକ ସମ୍ପର୍କକୁ ପ୍ରାଧାନ୍ୟ ଦେବା

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ,
E-mail : drsubhashreemishra890@gmail.com

୫୬୧୧।

# ରୁଙ୍ଗଟା କମ୍ପାନୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ଯୋଡ଼ା,(ମହାଭାରତ) କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀର ସାନିନ୍ଦପୁର ଲୌହ ଏବଂ ବକ୍ସାଇଟ ଖଣି ତରଫରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଇଡା ବ୍ଲକ ଅନ୍ତର୍ଗତ ସାନିନ୍ଦପୁରର କ୍ରସ୍ ହାଟିଙ୍ଗ ଏବଂ କଂଟ୍ରାକଟର କଲୋନୀରେ ରକ୍ତହୀନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୁଙ୍ଗଟା କମ୍ପାନୀର ଡାକ୍ତର ତୁହିନା କନୱାର ରକ୍ତ ହୀନତା ରୋଗର ଲକ୍ଷଣ ଓ ତାର ନିରାକରଣ ଉପରେ ଲୋକମାନଙ୍କୁ ବୁଝାଇଥିଲେ । ଏହି ରୋଗ ହେଲେ ଗୋଡ ହାତ ଝିମ ଝିମ ହେବା, ତଳି ପାଦ ଛୁଞ୍ଚି ଫୋଡିଲା ପରି ଲାଗିବା, ଆଖିକୁ ଝାପ୍ସା ଦେଖାହେବା, ମୁଣ୍ଡ ବୁଲାଇବା ଇତ୍ୟାଦି ତାଙ୍କ ବକ୍ତାବ୍ୟାରେ କହିଥିଲେ । ଏହି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଡାକ୍ତଖାନା ଯାଇ ରକ୍ତ ପରୀକ୍ଷା କରିବା ସହ ଔଷଧ ସେବନ କରିବାକୁ ଉପଦେଶ ଦେଇଥିଲେ । ଏହି ସଚେତତା କାର୍ଯ୍ୟକ୍ରମରେ ସାନିନ୍ଦପୁର, ପୁରେହିବାହାଲ ଗାଁ ଲୋକମାନେ ଯୋଗ ଦେଇଥିଲେ । ଉକ୍ତ ଗାଁର ଲୋକମାନଙ୍କୁ ସ୍ୱଚ୍ଛତା କିଟ ପ୍ରଦାନ କରଯାଇଥିଲା । ସାନିନ୍ଦପୁର ଖଣି ପରିଚାଳକ ତଥା ଏଭିପି (ମାଇନିଙ୍ଗ) ଅନିଲ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତ□ବଧାନରେ ସ୍ୱଚ୍ଛତା କିଟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କମ୍ପାନୀର ଅତିରିକ୍ତ ଡିଜିଏମ(କାର୍ମିକ )ବିଷ୍ଣୁ ପଦ ଷଡ଼ଙ୍ଗୀ, ଡ଼ିଜିଏମ ସଞ୍ଜୟ କୁମାର ଆଚାର୍ଯ୍ୟ, ସିନିଅର ମ୍ୟାନେଜେର ସନ୍ତୋଷ ନାୟକ (ସିଏସଆର ମ୍ୟାନେଜେର ),ଉଜ୍ଜ୍ୱଳ କୁମାର ମଲ୍ଲିକ, ଫାର୍ମାସିଷ୍ଟ ସୁପ୍ରଭା ମହାନ୍ତ, ସାନିନ୍ଦପୁର ଗାଁର ସରସ୍ୱତୀ ନାଏକ ,ଚରଣ ମାହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ଓ ରୁଙ୍ଗଟାର ଏହି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା । ରୁଙ୍ଗଟାର ଏହିପରି ସିଏସଆର କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି କମ୍ପାନୀର ଯୁଗ୍ମ ପ୍ରେସିଡେ□ ( ମାନବ ସମ୍ବଳ ଏବଂ ଆଡମିନ ) ରାମୁ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ କହିଛନ୍ତ।

# ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ

## ୨ ବର୍ଷ ହେବ ବସିନି ରୋଗୀକଲ୍ୟାଣ ସମିତି ବୈଠକ

ଦଶରଥପୁର , (ମହାଭାରତ ):ସରକାର ଗରିବ ଜନସାଧାରଣ ମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରିବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ଭିତ୍ତି ଭୂମି ବିକାଶ ପାଇଁ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର କେତେକ ସ୍ଥାନରେ କିଛି ଅସାଧୁ କର୍ମଚାରୀ ଓ ଦୁର୍ନୀତି ଗ୍ରସ୍ତ ଠିକାଦାର ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି )କୁ କାୟାକଳ୍ପ ଟିମ ପରିଦର୍ଶନରେ ଆସିଥିବା ବେଳେ ଏଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁସଜ୍ଜିତ ଭାବେ ସଜା ଯାଇଥିବା ଦେଖିବା ପାଇଁ ମିଳିଥିଲା ସକାଳ ୯. ୩୦ ମିନିଟ ସମୟରେ କାୟାକଳ୍ପ ଟିମର ଅଧିକାରୀ ମାନେ ଆସି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବିନ୍ଦୁସାଗର ସାମଲ ଓ ସମସ୍ତ କର୍ମଚାରୀ ମାନେ କାୟକଳ୍ପ ଟିମର ଅଧିକାରୀ ମାନଙ୍କୁ ପାଛୋଟି ନେଇଥିଲେ ଏହାପରେ କାୟାକଳ୍ପ ଅଧିକାରୀ ମାନେ ସ୍ୱାସ୍ଥ୍ୟ କେନ୍ଦ୍ର ଭିତର ଓ ବାହାର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ବିଭିନ୍ନ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ



ଏଠାରେ ପ୍ରକାଶ ଥାଉକି ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଉଭୟନ କାର୍ଯ୍ୟ ପାଇଁ ସରକାର କୋଟି କୋଟି ଟଙ୍କା ଯୋଗେଇ ଦେଉଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ବିଭିନ୍ନ ସମସ୍ୟା ଦେଇ ଗତିକରୁଥିବା ବେଳେ ବର୍ଷସାରା ସ୍ୱାସ୍ଥ୍ୟକେନ୍ଦ୍ର ଭିତର ଏବଂ ବାହାର ଗୁଡିକ ଅପରିଷ୍କାର ହୋଇ ପଡିରହୁଥିବା ବେଳେ କାୟାକଳ୍ପ ଟିମ ଆଗମାନଙ୍କୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ଏତେ ତତ୍ପରତା କାହିଁକି ଓ କେଉଁ ସ୍ୱାର୍ଥରେ କାୟାକଳ୍ପ ଟିମ ଆସିବା ଆଗରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରଙ୍ଗ ଦେବାସହ ଅନ୍ୟାନ୍ୟ ସାଜସଜା କାର୍ଯ୍ୟ କରାଯାଇଛି ତାହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗି କଲ୍ୟାଣ ସମିତି ବୈଠକ ପ୍ରାୟ ୨ ବର୍ଷରୁ ଉର୍ଦ୍ଧ ହେବ ହୋଇନଥିବା ବେଳେ କାୟାକଳ୍ପ ଟିମ ଆସିବା ଆଗରୁ ସ୍ୱାସ୍ଥ୍ୟ କେନ୍ଦ୍ର ସାଜସଜା ଓ ରଙ୍ଗ ମରାରେ କେତେଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ଏହି ଟଙ୍କା ଖର୍ଚ୍ଚ କରିବା ପାଇଁ କିଏ ଅନୁମତି ଦେଇଛନ୍ତି। ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଗରିବ ଜନସାଧାରଣ ମାନଙ୍କୁ ଉତ୍ତତ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେତେକ ବିଭାଗୀୟ ଅଧିକାରୀ ମାନଙ୍କ ଲାଭ ଖୋର ମନୋବୃତି ପାଇଁ ସାଧାରଣ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି। ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ ବର୍ଷ ହେବ ରୋଗୀକଲ୍ୟାଣ ସମିତି ବୈଠକ ନବସିବା ଏବଂ ମେଡିକାଲ ପରିସରରେ ର୍ନିମାଣଧିନ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ ଟଙ୍କାର କାର୍ଯ୍ୟରେ ହୋଇଥିବା ବ୍ୟାପକ ଅନିୟମିତତା ସମ୍ପର୍କରେ ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେବାସହ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ମଙ୍ଗଳପୁର ଯୁକ୍ତଦୁଇ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ଦଶରଥପୁର , (ମହାଭାରତ ):ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ମଙ୍ଗଳପୁର ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟରେ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ରଶ୍ମି ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଉତ୍କଳିକା ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ପ୍ରଶିକ୍ଷଣ ଶିବିରର ବିବରଣୀ ପ୍ରଦାନ କରିଥିଲେ ଶେଷରେ ଅଧକ୍ଷା ଶ୍ରୀମତୀ ରଶ୍ମି ସାମଲ ଛାତ୍ରୀ ମାନଙ୍କୁ ସାଠିଫିକେଟ ପ୍ରଦାନ କରିବା ସହ ଏହି ଆତ୍ମ ସୁରକ୍ଷା କୌଶଳ ବାଳିକା ମାନଙ୍କ ମନରେ ଅଦମ୍ୟ ସାହସ ଓ ଆତ୍ମ ବିଶ୍ୱାସ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଲାଇବ୍ରେରୀଆନ ସୁଧାଂଶୁ ମୋହନ ଦାସ, କର୍ମଚାରୀ ଗୋପାଳ ଚନ୍ଦ୍ର ବେହେରା, ଉର୍ମିଳା ସାହୁ, ମିନତି ପଲେଇ, ରବିନାରାୟଣ ଦାସ, ଶାନ୍ତନୁ ପଣ୍ଡା, ଓ ଶରତ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉକ୍ତ ଉତ୍ସବରେ ଯୋଗଦେବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧାପିକା ଅରୁଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଘୁ ଖଣିଜ ବିଭାଗର ନିଷ୍କ୍ରିୟତା ଯୋଗୁଁ ସରକାର ହରାଉଛନ୍ତି ମାସିକ କୋର୍ଟି କୋଟି ଟଙ୍କା ରାଜସ୍ୱ

ଆସିକା (ମହାଭାରତ):ଗଞ୍ଜାମ ଜିଲ୍ଲାର ଜୀବନ ରେଖା କୁହାଯାଉଥିବା ଋଷିକୂଲ୍ୟା ଓ ବଡ଼ନଦୀ ବାଲି ମାଫିଆଙ୍କ ପାଇଁ ସୁନା ଇଲିସି ସଦୃଶ ।ଏହାର ବୁକୁ ଚିରି ବେଧଡ଼କ ବାଲି ଲୁଟିଚାଲିଛନ୍ତି ବାଲି ମାଫିଆୟ ଆସିକା ତହସିଲ ଇଲାକା ଋଷିକୂଲ୍ୟା ଓ ବଡ଼ନଦୀ ଅବବାହିକା ରେ ଅବସ୍ଥିତ। ଏହାର ବାଲି ସମଗ୍ର ଦକ୍ଷିଣ ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସରକାରୀ ଟେଣ୍ଡର ଅନୁଯାୟୀ ଆସିକାର ଋଷିକୂଲ୍ୟା ଓ ବଡ଼ନଦୀ ରୁ ଦୈନିକ ୨୫୦ସେମି ରୁ କମ ବାଲି ଉତ୍ତୋଳନ ର ସ୍ୱୀକୃତି ରହିଥିଲେ ମଧ ବାଲି ମାଫିଆ ଏଠାରୁ ଦୈନିକ ପ୍ରାୟ ୨୦୦ ଟ୍ରିପ ଅର୍ଥାତ ୩୨୦୦ ସେମିରୁ ଉର୍ଦ୍ଧ ବାଲି ଚୋରା ଚାଲାଣ ହେଉଛି ଯାହାର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ। ଯାହା ଦ୍ୱାରା ସରକାର ମାସିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ପ୍ରକାଶ ଥାଉକି ଆସିକା ତହସିଲ ଇଲାକାର ବଡ଼ନଦୀରେ ଗହଙ୍ଗୁ ବାଲି ଘାଟ ୧୦୦୦୦ ସେମି ବାଲି ସକାଶେ ୪୦ଲକ୍ଷ ଟଙ୍କା , ବାଙ୍ଗରଡ଼ା ୧୦୦୦୦ ସେମି ପାଇଁ ୬୮ଲକ୍ଷ ଟଙ୍କା , ଜଗଦଲପୁର ଘାଟ ୧୧୦୦୦ ସେମି ପାଇଁ ୨୯ଲକ୍ଷ ଟଙ୍କା ,ଧନିଯା ଘାଟ ୧୧୦୦୦ ସେମି ପାଇଁ ୪୩ଲକ୍ଷ ,ନରସିଂହପଲ୍ଲୀଘାଟ ୧୨୦୦୦ ସେମି ବାଲି ପାଇଁ ୪୩୦୦୦ ଟଙ୍କା ଓ ଋଷିକୂଲ୍ୟା ନଦୀରେ ମଙ୍ଗଳପୁର ଘାଟ ୫୦୦୦ସେମି ପାଇଁ ୧୬ଲକ୍ଷ ଟଙ୍କା। ଲିଜ୍ ରହିଛି ।ସରକାର ଙ୍କ ନିୟମ ମୁତାବକ ଆସିକା ତହସିଲ ଇଲାକାରୁ ବାର୍ଷିକ ୬୦,୦୦୦ସେମିରୁ କମ ବାଲି ଉଠାଣ ପାଇଁ ଲିଜ୍ ରହିଛ ।ସେହି ଅନୁପାତରେ ମାସିକ ୫୦୦୦ ସେମି ଓ ଦୈନିକ ୧୬୭ ସେମି ରୁ କମ ପରିମାଣର ବାଲି ଉଠାଣ ହେବାର ନିୟମ ରହିଛ। କିନ୍ତୁ ଏହି ସବୁ ବାଲି ଘାଟରୁ ଦୈନିକ ପ୍ରାୟ ୩୦୦ସେମି ରୁ ଉର୍ଦ୍ଧ ବାଲି ଚୋରା ଚାଲାଣ ହେଉଛି। ଯାହାକି ନିର୍ଦ୍ଧାରିତ ମୂଲ୍ୟରୁ ଢେର ଅଧିକ ହେବ। ଏଥିରୁ ଅନୁମେୟ ଆସିକା ତହସିଲ ରେ ଲିଜ୍ ଥିବା ୭ଟି ଘାଟରୁ କେତେ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି । ଏଠି ସାଧାରଣ ଜନତାଓ ବୁଦ୍ଧିଜୀବୀ ମାନଙ୍କ ମନରେ ପ୍ରଶ୍ନ ଉଠୁଛି ଆସିକା ତହସିଲ ଓ ଲଘୁଖଣିଜ ବିଭାଗ କରୁଛି କଣ ?କଣ ଖଣି ବିଭାଗର ନିଷ୍କ୍ରିୟତା ଯୋଗୁଁ ସରକାର କୋଟି କୋର୍ଟି ଟଙ୍କା ରାଜସ୍ୱ କ୍ଷତି ସହିବାକୁ ପଡିବ କେବଳ ମାସକୁ ଗୋଟିଏ । ଦୁଇଟି ଗାଡିକୁ ଜବତ କରି ୭୦ରୁ ୮୦ ହଜାର ଟଙ୍କା ଫାଇନ ଆଦାୟ କରି କାହିଁକି ଚୁପ ବସୁଛି ? ସରକାର ଙ୍କ ପକ୍ଷରୁ ଚଢ଼ାଉ ହେଉଛି କିନ୍ତୁ ଲକୁନା ରହୁଛି କେଉଁଠି ଯାହାଦ୍ୱାରା ବାଲି ଚୋରା ଚାଲାଣ ବନ୍ଦ ହେଉନି ।ପ୍ରକାଶ ଥାଉକି ଲଘୁ ଖଣିଜ ବିଭାଗ ପକ୍ଷରୁ ଏହି ସବୁ ଲିଜ୍ ଘାଟ ଗୁଡିକର ସୀମା ନିର୍ଦ୍ଧାରଣ କରିବା କଥା କିନ୍ତୁ ବିଭାଗୀୟ ଅଧିକାରୀ ମାନେ କେବଳ କାଗଜ ପତ୍ର ରେ ସୀମା ନିର୍ଦ୍ଧାରଣ କରିଛନ୍ତି ଅସଲରେ ସୀମା ବାଟରେ ସୀମା ରହିଛି କିନ୍ତୁ ବାଲି ମାଫିଆ ମାନେ ସମ୍ପୂର୍ଣ ବଡ଼ନଦୀ ଓ ଋଷିକୂଲ୍ୟା ର ବୁକୁ ଚିରି ଲୁଟ ଚଳାଇଛନ୍ତି। ଏହି ବାଲି ଚୋରା ଚାଲାଣ ଯୋଗୁଁ ବର୍ତ୍ତମାନ ଆସିକାର ବଡ଼ନଦୀ ପୋଲଟି ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥାରେ ଅଛି ।ତେବେ ଏହିପରି ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇବେ ନା ଲଘୁ ଖଣିଜ ରକ୍ଷା କରିବେ ଦିଗରେ ତ୍ୱରିତ ପଦକ୍ଷେପ ନେବେ। ଏହା ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଆଗାମୀ ଦିନରେ ଯଦି ଏହି ଚୋରା ବାଲି ଚାଲାଣ ବନ୍ଦ ନହେବ ତାହେଲେ ଅଞ୍ଚଳ ବାସୀ ରାଜରାସ୍ତା କୁ ଓଲହାଇ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି।

# ନାଲକୋ ମନ୍ଦିର ପ୍ରଶାସନ ପକ୍ଷରୁ ସାମୂହିକ ବ୍ରତ ପାଳିତ



ଅନଗୁଳ,(ମହାଭାରତ):ନାଲକୋନଗର ମନ୍ଦିର କମିଟି ପକ୍ଷରୁ ଚଳିତ ବର୍ଷ ଷଷ୍ଠ ଥର ପାଇଁ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତୋପନ। କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ନାଲକୋ ମନ୍ଦିର କମିଟି ର ସଭାପତି ସୁବ୍ରମନ୍ୟମ ନରେଲାଙ୍କ ତତ୍‌କ୍ଷବଧାନ ରେ ଏଭଳି ସାମୁହିକ ବ୍ରତ ଆୟୋଜନ କରାଯାଇଛି। ଅନଗୁଳ ଓ ଢେଙ୍କାନାଳ ଜିଲ୍ଲା ର ବିଭିନ୍ନ ଗ୍ରାମା□ଳରୁ ୭ଜଣ ଗରିବ ବିପିଏଲ ହିତାଧିକାରୀ ବ୍ରାହ୍ମଣ ପିଲାଙ୍କର ବିନାଖର୍ଚ୍ଚ ରେ ବ୍ରତୋପନ। କରାଯିବାର ବ୍ୟବସ୍ଥା କରାଯାଇଥିଲା ।ଏଥିଲାଗି ମନ୍ଦିର ପ୍ରାଙ୍ଗଣ ପଡ଼ିଆ ରେ ସ୍ୱତନ୍ତ୍ର ଭାବେ ୭ଟି ବେଦୀରେ ଏକା ସାଙ୍ଗରେ ୭ଜଣଙ୍କୁ ବ୍ରତ ହେବାର ବ୍ୟବସ୍ଥା କରାଯାଇଥିଲା। ବ୍ରତ ର ସମସ୍ତ ଖର୍ଚ୍ଚ ନାଲକୋ ମନ୍ଦିର ପ୍ରଶାସନ ତରଫରୁ କରାଯାଇଛି। ଗୁରୁବାର ସକାଳ ଠାରୁ ଆରମ୍ଭ କରି ଚାରି କର୍ମ, ବ୍ରତ କର୍ମ, ମୁଣ୍ଡନ, ପଞ୍ଚ ଗ୍ରାସ ଭିକ୍ଷା ଗ୍ରହଣ, ମନ୍ଦିର ପରିସର ରୁ ବ୍ରହ୍ମଚାରୀ ରୋଷଣୀ ତାରିଣୀ ମନ୍ଦିର ଛକ ପର୍ଯ୍ୟନ୍ତ ପରିକ୍ରମା କରି ମନ୍ଦିର ନିକଟ ବେଦୀକୁ ଆସିଥିଲେ ।ଛତିଆବଟ ରୁ ଆସିଥିବା ମୁଖ୍ୟ ପୁରୋହିତ ତାପସ ରଞ୍ଜନ ଶତପଥୀ ଙ୍କ ନେତୃତ୍ୱରେ ୭ଜଣ ପୁରୋହିତ ମଣ୍ଡଳି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।ପୂଜା କର୍ମରେ ପ୍ରଦୀପ୍ତ ପଣ୍ଡା, ମୃତୁଞ୍ଜୟ କର, ମନୋଜ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।ପ୍ରତ୍ୟେକ ବ୍ରତ ହେଉଥିବା ପରିବାର ଏବଂ ସଂପର୍କୀୟ ପାଇଁ ପ୍ରସାଦ ସେବନ ର ବ୍ୟବସ୍ତା କରାଯାଇଥିଲା ।ମନ୍ଦିର କମିଟିର କୋଷାଧ୍ୟକ୍ଷ ପି.କେ ତ୍ରିପାଠୀ, ସମ୍ପାଦକ ଏସ୍ .ଏ.ବାସୁ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ନାୟକ , ଉପ ସଭାପତି ସତ୍ୟବାଦି ମିଶ୍ର, ଭଣ୍ଡାର ପରିଚାଳକ ପର୍ଶୁରାମ ସ୍ୱାଇଁ, ତ୍ରିନାଥ ସାହୁ ବନୋଜ କୁମାର ମହଲା, ସଂଗ୍ରାମ କେଶରୀ ସାମନ୍ତରାୟ, ଜିଜିଏମ ସିପିପି ଅମରେନ୍ଦ୍ର ମିଶ୍ରଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ସହାୟତାରେ ମହାଆଡମ୍ବର ସହକାରେ କାର୍ଯ୍ୟ ସମ୍ପାଦନ ହୋଇଥିଲା।

# ରାୟଗଡା ଅତିରିକ୍ତ ଜିଲ୍ଲାପାଳ ଭାବେ ନିହାର ରଞ୍ଜନ କହଁର, ଓ. ପ୍ର. ସେ ଯୋଗଦାନ



ରାୟଗଡା(ମହାଭାରତ) : ରାୟଗଡା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ଶ୍ରୀ ନିହାର ରଞ୍ଜନ କହଁର, ଓ. ପ୍ର. ସେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ପୂର୍ବତନ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତଙ୍କ ଠାରୁ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁରଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ । ଶ୍ରୀ କହଁର ଏଥି ପୂର୍ବରୁ ଏହି ଜିଲ୍ଲାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଭାବେ ପାଖାପାଖି ଏକବର୍ଷ ଚାରି ମାସ ଧରି ନିଜ ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ । ବର୍ତମାନ ରାୟଗଡା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ବିକାଶରେ ଓ ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକ ସମସ୍ତ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବେ ବୋଲି ଶ୍ରୀ କହଁର ପ୍ରକାଶ କରିଛନ୍ତି ।ଏଥି ପୂର୍ବରୁ ଶ୍ରୀ କହଁର ସୁବର୍ଣ୍ଣପୁର ଜ଼ିଲ୍ଲା , ବୌଦ୍ଧ ଜ଼ିଲ୍ଲା , ବରଗଡ ଜ଼ିଲ୍ଲା , କନ୍ଧମାଳ ଜ଼ିଲ୍ଲା ଏବଂ ନରଙ୍ଗପୁର ଜ଼ିଲ୍ଲାରେ ବିଡ଼ିଓ, ତହସିଲଦାର, ଡିଡ଼ବ୍ଲୁଓ, ଉପଜିଲ୍ଲାପାଳ ଏବଂ ସିଡିଓ ତଥା ଇଓ ,ଜ଼ିଲ୍ଲା ପରିଷଦ ଭାବେ ବିଭିନ୍ନ ଦାୟିତ୍ୱ ସମ୍ପାଦ୍ତ କରିଛନ୍ତି ।

# କାଲିଠାରୁ ବାଦଶାହା ମ୍ୟାଜିକ ଦେଖିବେ ଅନୁଗୁଳ ବାସୀ

ଅନୁଗୁଳ,(ମହାଭାରତ): ଅନୁଗୁଳରେ ମଜା ମଜା ମ୍ୟାଜିକ ଦେଖାଇବାକୁ ପୁଣି ଆସିଛନ୍ତି ବାଦଶାହ ମ୍ୟାଜିକ କମ୍ପାନୀ। ଆସନା ୧୭ ତାରିଖ ସନ୍ଧ୍ୟାରେ ଅନୁଗୁଳ ସଭାଘରେ ଧୁମମଚାଇ ଆରମ୍ଭ କରିବ ମ୍ୟାଜିକ ସୋୟକମ୍ପାନୀ ପକ୍ଷରୁ ଦୈନିକ ଦୁଇଟି ଶୋ' ଅପରାହ୍ନ ୪ ଟା ଓ ସନ୍ଧ୍ୟା ୭ଟାରେ ଥିବା ବେଳେ କେବଳ ରବିବାରଦିନ ୩ଟି ସୋ ଆୟୋଜିତ ହେବ। ଏଥରକ ମୁଖ୍ୟ ଆକର୍ଷଣ ରହିଛି ୨୦ ଫୁଟିଆ ଡାଇନୋସର ଓ ଗଡଜିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଷ୍ଟେଜ ଉପରେ ବିଶାଳ ଡାଇନୋସର, ଗଡଜିଲା, ଗରିଲା ଆଦିଙ୍କ ସହ ଖେଳିବେ ଯାଦୁଗର ବାଦଶାହ ଖାନ। ଏଥିସହ ମାଇଣ୍ଡ ରିଡିଙ୍ଗ, ଇନ୍ଦ୍ରଜାଲ, ଡିଜିଟାଲ ମ୍ୟୁଜିକ ସାଙ୍ଗକୁ ମନରେ ଭ୍ରମ ସୃଷ୍ଟି କଲା ଭଳି ଚମତ୍କାର ଅଭିନୟ ଓ ମ୍ୟାଜିକର ଅପୂର୍ବ ମିଶ୍ରଣ ଦର୍ଶକଙ୍କୁ ଆକୃଷ୍ଟ କରିବ। ସୂଚନାଯୋଗ୍ୟ ଯେ ନୂଆ ନୂଆ ମ୍ୟାଜିକକୁ ନେଇ ପରୀକ୍ଷା ନିରୀକ୍ଷା କରୁଥିବା ବାଦଶାହଙ୍କ ସାରା ଦେଶରେ ବେଶ୍ ଚାହିଦା ରହିଛି। ରେଡକ୍ରସକୁ ସହାୟତା କରିବା ସହ ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି ଯାଦୁଗର ବାଦଶାହ। ଏହି ସୋ ଦେଖିବାପାଇଁ ଅନ୍ ଲାଇନ୍ ଓ ଅଫ ଲାଇନ ରେ ଟିକେଟ ବୁକ୍ କରିପାରିବେ। ଏହି ଅବସରରେ ସଂସ୍ଥାର ଜେନେରାଲ ମ୍ୟାନେଜର ଅଲିମ ଖାନ ଓ ଏ.କେ ଶର୍ମା ଉପସ୍ଥିତ ଥିଲେ।

# ବିଶେଷ ସତସଙ୍ଗ ସମାରୋହ ଅନୁଷ୍ଠିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ର ଫ୍ରେଣ୍ଡସ୍ କଲୋନୀ ତୃତୀୟ ଗଳି ଠାରେ ଥିବା ନବ ଜୀବନ ସଙ୍ଘ ଗଜପତି ଶାଖା ଆନୁକୂଲ୍ୟରେ ବିଶେଷ ସତସଙ୍ଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛ ।ମୁଖ୍ୟ ଅତିଥି ଭାବେ ଋଷି କେଶ ସ୍ଥିତ ଶିବାନନ୍ଦ ଆଶ୍ରମର ବରିଷ୍ଠ ସ୍ୟ ପୂଜ୍ୟ ସ୍ୱାମୀ ଦେବଭକ୍ତାନନ୍ଦ ସରସ୍ୱତୀ ମହାରାଜ ପ୍ରବଚନ ପ୍ରଦାନ କରିଛନ୍ତି ।ଅନ୍ୟଅତିଥିମାନେ ହେଲେ ସ୍ୱାମୀ ଗୁରୁ ଶରଣାନନ୍ଦ ସରସ୍ୱତୀ ମହାରାଜ,ସ୍ୱାମୀ ରାମଦାସାନନ୍ଦ ସରସ୍ୱତୀ ମହାରାଜ,ମହନ୍ତ ଶ୍ରୀ ରାମା ନନ୍ଦ ଦାସ ମହାରାଜ,ଶ୍ରୀ ବିପ୍ର ଚରଣ ପାତ୍ର, ସଂସ୍ଥାପକ, ଚିଦାନନ୍ଦ ଦିବ୍ୟଧାମ ଅଗସ୍ତି ନୂଆଁ ଗାଁ,ଛତ୍ରପୁର ଶ୍ରୀ ବିନ୍ଧେସ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବାନନ୍ଦ ଆଶ୍ରମରୁ ଆସିଥିବା ପ୍ରବକ୍ତା ପୂଜ୍ୟ ସ୍ୱାମୀ ଦେବ ଭକ୍ତା ନନ୍ଦ ସରସ୍ୱତୀ ମହାରାଜା ସନ୍ଧ୍ୟା ସମୟରେ ପ୍ରବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଂଘର ସମ୍ପାଦକ ପ୍ରସାଦ କୁମାର ନାୟକ, ଦେବେନ୍ଦ୍ର ନାଥ ପାଢ଼ୀ, କୋଷାଧ୍ୟକ୍ଷ ମୋହନ ଚୌଧୁରୀ, ଡକ୍ଟର ମଧୁସୂଦନ ନାୟକ, ମିନ କେତନ ବଂସୁ ପ୍ରମୂଖ ଉପସ୍ଥିତ ଥିଲେ ।ଏହି ପ୍ରବଚନରେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳି ଥିଲା।

# କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫ ତୃତୀୟ ଦିନ

## ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ହେଲା ବିଭିନ୍ନ ପ୍ରତିଯୋଗିତା



କଳାହାଣ୍ଡି/ମହାଭାରତ:ଭବାନୀପାଟଣା, :୨୭ତମ କଳାହାଣ୍ଡି ଉତ୍ସବ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଥିବାବେଳେ ଜିଲ୍ଲାର ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି। ଆଜି ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖୋଲା ମଞ୍ଚରେ ଅନୁଷ୍ଠିତ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ରଙ୍ଗୋଲି ପ୍ରତିଯୋଗିତାରେ ଆରତୀ ପୃଷ୍ଟି, ବୀଣାପାଣି ବର୍ଗର୍ତ୍ତି, ଜୟନ୍ତୀ ସିଂହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଇପ୍ସିତା ପଣ୍ଡା, ମମତା ତ୍ରିପାଠୀ, ମିନତୀ ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ। ଭଜନ ପ୍ରତିଯୋଗିତାରେ ସଙ୍ଗୀତା ରଥ, ମଧୁଛନ୍ଦା ମହାନ୍ତି, ଆନନ୍ଦିତା ଠାକୁର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବାବେଳେ ସସ୍ମିତା ରଥ, ସସ୍ମିତା ମହାନ୍ତି ନମିତା ମିଶ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। ମେହେନ୍ଦି ପ୍ରତିଯୋଗିତାରେ ବୀଣାପାଣି ବର୍ଗର୍ତ୍ତୀ, ରଞ୍ଜିତା ମିଶ୍ର, ସନ୍ଧ୍ୟାରାଣୀ ଗଡତିଆ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ ସୁଲୋଚନା ପାଢ଼ୀ, ମିନତୀ ବେହେରା, ମମତା ତ୍ରିପାଠୀ ବିଚାରକ ଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସ୍ୱାତୀ ସ୍ୱରୂପା ସାହୁ, ସରିତା ରାଣୀ ରଥ, ଇତିଶ୍ରୀ ପାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବାବେଳେ ଜାହ୍ନବୀ ସାହୁ, ଛନ୍ଦିତା ଦାସ, ମମତା ତ୍ରିପାଠୀ ବିଚାରକ ଥିଲେ। ସେହିପରି ରେମ୍ପ ସୋ ଆଜିର ପ୍ରମୁଖ ଆକର୍ଷଣ ସାଜିଥିଲା। ଆଜି ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିକାଶ ସ୍କୁଲର ଏକାଡେମୀକ ମୁଖ୍ୟ ବିଜୟା ଦିଶାରୀ, ସମ୍ମାନିତ ଅତିଥି ଭାବେ ଡା. ନିବେଦିତା ସାହୁ, ଶିକ୍ଷାବିତ ସବିତା ପଟନାୟକ, ବବିତା ପାଣିଗ୍ରାହୀ, ସଂଘମିତ୍ରା କାନୁନଗୋ, ମନୀଷା ପ୍ରିୟମ୍ବଦା ପ୍ରମୁଖ ମଂଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରଫେସର ଡ. ପ୍ରିୟା ଶଶିଧରନ, ସୁବେଦିତା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ଉପସମିତିର ଅଧକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାକୁ ସମିତିର ସମସ୍ତ ସଦସ୍ୟା ପରିଚାଳନା କରିଥିଲେ।

# ମର୍ଣ୍ଣିଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏକ ଦିବସିୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ




ପାରାଦୀପ(ମହାଭାରତ): ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ପାରାଦୀପ ର ମର୍ଣ୍ଣିଙ୍ଗ କ୍ରିକେଟ କ୍ଲବ ପକ୍ଷରୁ ଏକ ଦିବସିୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥାଏ । ଏଥିରେ ରାଜ୍ୟ ର ବିଭିନ୍ନ ପ୍ରାନ୍ତରୁ କ୍ରିକେଟ ଟିମ ଅଂଶଗ୍ରହଣ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ଜୟଦେବ ସଦନ ଛକ ପଡିଆ ଠାରେ ମର୍ଣ୍ଣିଙ୍ଗ କ୍ରିକେଟ କ୍ଲବ ର ୧୪ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଉତ୍କଣ୍ଠାପୂର୍ଣ୍ଣ ଫାଇନାଲ ମ୍ୟାଚ ରେ ଭୁବନେଶ୍ୱର ର ମା ମଙ୍ଗଳା କ୍ରିକେଟ କ୍ଲବ ଓ ଲାଇଫଲାଇନ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ରେ ମା ମଙ୍ଗଳା କ୍ରିକେଟ କ୍ଲବ ବିଜୟୀ ହୋଇ ଚମ୍ପିୟନ ହୋଇଥିବା ବେଳେ ଲାଇଫଟାଇମ କ୍ଲବ ରନର୍ସଅପ ହୋଇଥିଲେ ।ମକର ସଂକ୍ରାନ୍ତି ଦିନ ବଡ଼ପଡ଼ିଆ ମାର୍କେଟ ବନ୍ଦ ରହୁଥିବାରୁ ଏହି ଟୁର୍ଣ୍ଣାମେ□ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା । ଉଦଯାପନୀ ଉତ୍ସବରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଗୋଲେଖ ସାହୁ, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର, ଶ୍ରମିକ ନେତା ରାକେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ କୁ କ୍ଲବ ର ସଭାପତି ଭରଦ୍ୱାଜ ସାହୁ ଓ କ୍ଲବ ର ସଦସ୍ୟ ମାନେ ସଫଳତାର ସହ ପରିଚାଳନା କରିଥିଲେ । ଟୁର୍ଣ୍ଣାମେ□ ର ପରଦିନ ଆୟୋଜକ ମାନଙ୍କ ପକ୍ଷରୁ ସାଧାରଣରେ ମନୋରଞ୍ଜନ ପାଇଁ ମେଲୋଡି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମିଳିତ ନାଗରିକ କମିଟି ପକ୍ଷରୁ କନ୍ଧମାଳ ଗସ୍ତରେ ଥିବା ଉଚ୍ଚଶିକ୍ଷା ମନ୍ତ୍ରୀଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର



କନ୍ଧମାଳ:(ମହାଭାରତ): ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଯୁବ ବ୍ୟାପାର ଓ ଓଡିଆ ଭାଷା ସାହାତ୍ୟ ସଂସ୍କୃତି ମନ୍ତ୍ରୀ ମାନ୍ୟବର ସୂର୍ଯ୍ୟ ବଂଶୀ ସୂରଜ କନ୍ଧମାଳ ଗସ୍ତରେ ଆସି ସର୍କିଟ ହାଉସ ଠାରେ ପହଞ୍ଚି ୧୭ତାରିଖରେ ଦଳୀୟ କର୍ମୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେୟ ଫୁଲବାଣୀ ଷ୍ଟାଡିୟମ ଓ ଜିଲା କ୍ରିଡା ବିଭାଗ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲା ମିଳିତ ନାଗରିକ କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।ଫୁଲବାଣୀ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ,ପିଜି ପାଇଁ ସ୍ୱତନ୍ତ୍ର ବିଲଡିଂ, କଲେଜରେ ଅଡିଟୋରିଅମ, ଖେଳପଡିଆ ସହସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏଜେଓ ଉଚ୍ଚ ବିଦ୍ୟାଳୟ ଖେଳପଡିଆର ପଟ୍ଟା ପ୍ରଦାନ ,ବିଭିନ୍ନ ବ୍ଲକରେ ଯୁକ୍ତ ତିନି ବିଜ୍ଞାନ ବିଭାଗ ଖୋଲି ଅଧ୍ୟାପକ ନିଯୁକ୍ତି କରିବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ।ଜିଲାରେ ୧୦୦୦ସିଟି ବିଶିଷ୍ଟ ଏକ ଆଧୁନିକ ଅଡିଟୋରିଅମ ନିର୍ମାଣ,ବନ୍ଦ ଥିବା ପାଠାଗାର ଖୋଲିବା,ଜିଲାରେ ଏକ ଆଇନ ମହାବିଦ୍ୟାଳୟ ଖୋଲିବା, ମହିଳା ଫୁଟବଲ ଛାତ୍ରୀନିବାସ ପାଇଁ ଅନୁମତି ପ୍ରଦାନ,ଫୁଲବାଣୀ ଷ୍ଟାଡିୟମକୁ ରାଜ୍ୟସ୍ତରୀୟ ଖେଳ ପାଇଁ ପୂନଃ ନିର୍ମାଣ ,ସୁଇମିଙ୍ଗ ପୁଲ ସହ ବାଲିଗୁଡା ଜି ଉଦୟଗିରି ଷ୍ଟାଡିୟମର ଉନ୍ନତି କରଣ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।ବନ୍ଦ ଥିବା ପାଠାଗାର ଖୋଲିବା,ଥାନା ସାମନା ପାର୍କରେ ଜିଲାର ସ୍ୱାଧିନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା,ମାଆ ନାରାୟଣଙ୍କ ଯାତ୍ରାକୁ ରାଜ୍ୟ ସଂସ୍କୃତି ବିଭାଗ କ୍ୟାଲେଣ୍ଡରରେ ସ୍ଥାନିତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନରେ ମାନ୍ୟବର ଗ୍ରାମ୍ୟ ଉଉୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସର୍କିଟ ହାଉସରେ ପହଞ୍ଚିବା ପରେ ନାଗରିକ କମିଟି ପକ୍ଷରୁ ବାଲିଗୁଡା ସିନ୍ଧିଗାଁ, କଲାଡି ବଲସକୁମ୍ପା ଚକାପାଦ ରାସ୍ତା, ପାଣିସାଲ ବଘିଆପଡା ରାସ୍ତା ନିର୍ମାଣ, ପଞ୍ଚାୟତିରାଜ ବିଭାଗର ଖାଲିପଡିଥିବା ପଦବୀ ପୂରଣ,ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମିଳିତ ନାଗରିକ କମିଟି ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ର ଜିଲା ଉନ୍ନୟନ କାର୍ଯ୍ୟ ପାଇଁ ରୋଡ ମ୍ୟାପ ବୋଲି ମାନ୍ୟବର ମନ୍ତ୍ରୀ କହିବା ସହ ଏ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦୋକୁ କହିଥିଲେ।କମିଟିର ସଦସ୍ୟଙ୍କ ମଧ୍ୟରେ ପ୍ରମୋଦ ସାହୁ,ରାଜ କିଶୋର ପାଢୀ, ମଧୁସୂଦନ ସାହୁ,ଅମୀୟ ଦାସ ବିଶ୍ୱରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ଯୋଗ ଦେଇଥିଲେ।



## ମଣ୍ଡିରୁ ଉଠିଲା ଧାନ, ସରକାର ଙ୍କୁ ଚାଷୀ ଦେଲେ ଧନ୍ୟବାଦ



ଅସ୍ତରଙ୍ଗ(ମହାଭାରତ) :ଅସ୍ତରଙ୍ଗ ସେବା ସମବାୟ ସମିତି ଅଧିନସ୍ଥ ବନ୍ତୀଳ ସମିତି ରେ ରବିବାର ଦିନ ଖୋଲିଲା ଧାନ ମଣ୍ଡି।ପ୍ରଥମ ଦିନରେ ୬୨୫କ୍ୱିଣ୍ଟାଲ ଧାନ ଚାଷୀଙ୍କ ଠାରୁ କିଣା ଯାଇଛି। ମଣ୍ଡିରେ ଧାନ ଦେଲା ବେଳେ ଚାଷୀଙ୍କର ଯେପରି କୌଣସି ସମାସ୍ୟ ନହେବ ଏବଂ ମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ସେଥି ପ୍ରତି ଧାନ ଦେବାକୁ ବୋଡ଼ ଡ଼ାଇରେକ୍ଟର କୁଞ୍ଜ ବିହାରୀ ପ୍ରଧାନ ସମ୍ପାଦକ ହିମାଂଶୁ ଶେଖର ପରିଡ଼ା ଙ୍କୁ ପରାମର୍ଶ ଦେଇଥିଲେ। ଉଦଘାଟନ ଉତ୍ସବ ରେ ଡ଼ାଇରେକ୍ଟର ଶ୍ରୀ ପ୍ରଧାନ ଙ୍କ ସହିତ ସଭାପତି ମନୋରଞ୍ଜନ ପ୍ରଧାନ,ନୋଡାଲ ଅଧିକାରୀ ଅଉପୂର୍ଣ୍ଣା ସେନାପତି, ଆରଏମସି ଅନୁ ପାତ୍ର, ମାନ ର୍ନିଧାରକ ବିନୟ କୁମାର ବିଶ୍ୱାଳ, ସମ୍ପାଦକ ହିମାଂଶୁ ଶେଖର ପରିଡା,ଚାଷୀ ଦୁର୍ଯୋଧନ ଓଝା, ବିପିନ ନାୟକ, ଦିଲ୍ଲୀପ ପରିଡା ଦ୍ୱିଜବର ବାଘ ଙ୍କ ଉପସ୍ଥିତ ରେ ପୂଜାର୍ଚ୍ଚନା କରାଯାଇ ନଡ଼ିଆ ଭଙ୍ଗା ଯାଇ ମଣ୍ଡି ର ଶୁଭ ଉଦଘାଟନ କରାଯିବା ପରେ ୨୨ଚାଷୀଙ୍କ ଠାରୁ୬୨୫କ୍ୱିଣ୍ଟାଲ ଧାନ ଆଦାୟ କରାଯିବା ପରେ ମହିମା ରାଇସ ମିଲ ଦ୍ୱାରା କିଣାଯାଇଥିଲା। ବର୍ତ୍ତମାନ ନୂତନ ସରକାର ଙ୍କ ସମୟ ରେ ଚାଷୀ ଭାଇ ମାନେ ମଣ୍ଡି ରେ ଧାନ ଦେଇ ଖୁସି ଅନୁଭବ କରିବା ସହ ସରକାର ଙ୍କୁ ସାଧୁବାଦ ଜଣାଇଛନ୍ତି।

## ଅଷ୍ଟ ପ୍ରହର ନାମଯଜ୍ଞ ନିମନ୍ତେ ଶୁଭଖମ୍ବ ସ୍ଥାପନ

କୋକସରା,(ମହାଭାରତ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ଇନ୍ଦ୍ରାବତୀ ତଳ କଲୋନୀ ପୁରୁଣା ଷ୍ଟୋର ରୁମ୍ ଠାରେ ଆସନ୍ତା ଫେବୃଆରୀ ୧୦ ତାରିଖ ହେବାକୁ ଥିବା ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର ଭୂମିପୂଜନ ଓ ଶୁଭଖମ୍ବ ସ୍ଥାପନ କାର୍ଯ୍ୟ ଏକ ଭକ୍ତିମ। ପରିବେଶରେ ସମାପନ ହୋଇଛି। ମୁରଲୀଧର ବିଶି ଓ ତାଙ୍କ ଧର୍ମପତ୍ନୀ ସୁଭଦ୍ରା ବିଶି ନାମଯଜ୍ଞ କର୍ତ୍ତା। ଦାୟିତ୍ୱରେ ରହିଥିବା ବେଳେ ପୂଜକ ଉମାଶଙ୍କର ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।ଏହି ଶୁଭଖମ୍ବ ସ୍ଥାପନରେ ମନୋହର ବିଶି, ସୁଦର୍ଶନ ବେହେରା,ଅମିତ ପଣ୍ଡା, ବେଣୁଧର କାଣ୍ଡ, ବିପିନ୍ଦ୍ର ଶବର,କୁମୁଦକାନ୍ତ ବେହେରା, ଘନଶ୍ୟାମ ଦାସ, ମହେଶ୍ୱର କାଣ୍ଡ, ଯଶୋବନ୍ତ ନେଗୀ,ପରମେଶ୍ୱର କାଣ୍ଡ ସମେତ ମାଁ ଆଦିଶକ୍ତି ସଂକୀ□ନ ମଣ୍ଡଳୀ ଓ ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ



ଦାନଗଦୀ :(ମହାଭାରତ) ଦାନଗଦୀ ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ନୋଡାଲ ଓ ଉଚ୍ଚ ବିଦ୍ୟାଳୟର ତିନି ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବର ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ରୁ ଦଶମ ପ୍ରଯ୍ୟନ୍ତ ସମୁଦାୟ ପାଞ୍ଚଶହ ଛାତ୍ର ଛାତ୍ରୀ ବିଭିଉ ଖେଳରେ ଭାଗ ନେଇଥିଲା ବେଳେ ୧୫୦ ଜଣ ଛାତ୍ର ଛାତ୍ରୀ ପୁରସ୍କୃତ ହୋଇଥିଲେ। ଆଜିର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସରପଞ୍ଚ ମାନସ ରଣା, ଜୟକୃଷ୍ଣ ପୃଷ୍ଟି, ଗଙ୍ଗାଧର ପାତ୍ର, ଜୟକୃଷ୍ଣରଣା, ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର ରଣା, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଭୂୟାଁ, ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁନ୍ଦରୀ ବିରୁଆ, ସୁବାଷ ଚନ୍ଦ୍ର ସାହୁ, ସାମ୍ବାଦିକ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ, କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ସାହୁ ଏହି ଅବସରରେ ହୋଇଥିବା ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଅଭିଷେକ ବେହେରା ସହଯୋଗ କରିଥିଲେ। ବିଭିଉ ଖେଳ ରେ ଭାଗ ନେଇ ବିଜୟୀ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, କପ, ବିଭିଉ ପାଠ୍ୟଉପକାରଣ ଓ ପୁଷ୍ପ ଗୁଚ୍ଛ ଦେଇ ଉତ୍ସାହିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟର ଛାତ୍ର କାଳୀ ଚରଣ ସହର ଓ ଛାତ୍ରୀ ରୀମା ବହଳ ଚଳିତ ବର୍ଷ କ୍ରୀଡାରେ ଚାମ୍ପିୟନ ହୋଇଥିବା ବେଳେ ନୋଡାଲ ବିଦ୍ୟାଳୟର ଛାତ୍ର ରାମ ଚକିଆ ଓ ଛାତ୍ରୀ ଅର୍ପିତା ମହାପାତ୍ର ଚାମ୍ପିୟାନ ହୋଇଛନ୍ତ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ,ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

କୋରାପୁଟ(ମହାଭାରତ): କୋରାପୁଟ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉତ୍ସବ ପାଳନ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା।ପୂର୍ବରୁ ବିଭିଉ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ,କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଆୟୋଜନ କରାଯିବ। ୨୫ ତାରିଖ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଲୋକୀକରଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣତନ୍ତ୍ର ପାଳନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ ତେଣୁ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକମ କରାଯିବ। ୨୨ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅଭ୍ୟାସଗତ ପ୍ୟାରେଡ ଆୟୋଜନ କରାଯିବ। ୟ୨୬ ତାରିଖ ଦିନ ସକାଳ ୫ ଘଟିକା ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ଗାନ,ସକାଳ ୭ଟା ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୮ଟା ୩୦ ମିନିଟରେ ପୁଲିସ ପଡିଆ ଠାରେ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ନିଷ୍ପତି ନିଆଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିଉ ଉନ୍ନତି ମୂଳକ କାର୍ଯ୍ୟର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ କରାଯିବାକୁ ନିଷ୍ପତି ନିଆଯାଇଛି ।

## ଅଜଣା ଗାଡି ଧକ୍କା ରେ ଜଣେ ଯୁବକ ମୃତ

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଦେବଭୂମି ଛକ ଠାରେ ଅଜଣା ଗାଡି ଧକ୍କା ରେ ଜଣେ ଏକ୍ସଲି ଚାଳକ ରାଜୀବ ଗୌଡ଼ଙ୍କ ମୃତ୍ୟୁ ହୋଇଛି । ନିରାଳ ଗ୍ରାମର ରାଜୀବ ଦେବଭୂମି ଗ୍ରାମକୁ ରାଜ ମିସ୍ତ୍ରୀ କାମ କରିବା ସକାଶେ ଆସିଥିଲେ । କାମ ସାରି ସେ ନିଜ ଗ୍ରାମ ନିରାଳ କୁ ଫେରୁ ଥିବା ସମୟରେ ଦେବ ଭୂମି ଛକ ଠାରେ ଅଜଣା ଗାଡି ଧକ୍କା ଦେବାରୁ ସଂଜ୍ଞହୀନ ହୋଇ ରାସ୍ତା କଡରେ ପଡି ଯାଇଥିଲେ। ଖବର ପାଇ ଆସିକା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପଂହଁଚି ମୁର୍ମୁଷ ଅବସ୍ଥାରେ ରାଜୀବ ଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପୋଲିସ ଘଟଣା ସ୍ଥଳରେ ଯାଇ ଏକ୍ସଲ ଗାଡି କୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ଇନ୍ଦିରା ଡିଗ୍ରୀ କଲେଜର ୪୦ ତମ ବାର୍ଷିକୋତ୍ସ ପାଳିତ

ଜୁନାଗଡ଼,, ମହାଭାରତ,, : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ୪୦ ତମ ବାର୍ଷିକୋତ୍ସ ମହା ସମାରୋହରେ ପାଳିତ ହୋଇଛି।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦାନ କରିଥିଲେ।ସମ୍ମାନିତ ଅତିଥି ଭାବେ ସାଂସଦ ମାଳବିକା ଦେବୀ, ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ସୁଧୀର ପଟ୍ଟଯୋଶୀ,କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ,କଲେଜ ଗଭର୍ନିଂ ବଡ଼ି ମେମ୍ବର ବିଭୁତି ଭୂଷଣ ମେହେର, କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେର, ପ୍ରମୁଖ ମଞ୍ଚାସିନ ଥିଲେ।ଆଜି ମନ୍ତ୍ରୀଙ୍କ ଦ୍ୱାରା କଲେଜର ନିୟୁ ଏକାଡେମୀକ ବିଲ୍ଡିଂଗ ଉଦଘାଟିତ ହୋଇଥିଲା ବାର୍ଷିକୋତ୍ସରେ ଜୁନାଗଡ଼ ସହରର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ସମେତ କଲେଜ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



## ସରକାରୀ ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟର ସ୍ୱଦନ ପୁରସ୍କାର ବିତରଣ ଉତ୍ସବ



ଆସିକା(ମହାଭାରତ): ଆସିକା ବ୍ଲକ କଲେଜ ଛକ ସରକାରୀ ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟର ସ୍ୱଦନ ବାର୍ଷିକ ଉତ୍ସବ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପ୍ରତାପ କୁମାର ମହାପାତ୍ର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆସିକା ବିଜ୍ଞାନ କଲେଜ ର ଅଧକ୍ଷ ଡ଼ଃ. ଜୀବନାନନ୍ଦ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ପ୍ରଦୀପ ପ୍ରଜ୍ୱଳନ କରି ଥିଲା ବେଳେ ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରତିନିଧି ସନ୍ଦୀପ ପାଢ଼ୀ,ପୂର୍ବତନ କଲେଜ ଅଧକ୍ଷ ରାଧାଚରଣ ସାହୁ,ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରି ବିଭୁ ନନ୍ଦନ ପଣ୍ଡା, ସରପଞ୍ଚ ଜୟନ୍ତୀ ସାହୁ, ପୂର୍ବତନ ଶିକ୍ଷକ ଶରତ ଚନ୍ଦ୍ର ଖାଡେଙ୍ଗା,ଯୁଧିଷ୍ଠିର ଦୋରା,ସନ୍ତୋଷ କୁମାର ପ୍ରଧାନ, ପ୍ରସନ୍ତ କୁମାର ସାହୁ,କ୍ରୀଡା ଶିକ୍ଷକ ପଦ୍ମ ବିଶୋୟୀ , ଆମ୍ଭ ର ଅଧକ୍ଷ ବିଜୟ ସ୍ୱାଇଁ,ସମାଜସେବୀ ଭଗବାନ ସାହୁ,ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ,ପ୍ରମୁଖ ମଞ୍ଚାସିନ ରହିଥିଲେ ।ସମ୍ପ୍ରତି ବିଦ୍ୟାର୍ଥୀ ମାନେ ଜ୍ଞାନ ଆରୋହଣ ପାଇଁ କୌଣସି ସମୟସୀମା, ର୍ନିଦ୍ଧିଷ୍ଟ ବୟସ, ର୍ନିଦ୍ଧିଷ୍ଟ ସମୟ ର ଆବଶ୍ୟକତା ନାହିଁ. ନିଜ ଜୀବନକାଳ ମଧ୍ୟରେ ନିଜ ମାତାପିତା, ଗୁରୁଜନ, ଶୁଭେଚ୍ଛୁ ମାନଙ୍କ ପାଖରୁ ଜ୍ଞାନ ଶିକ୍ଷା ଲାଭ କରି ନିଜ ଜୀବନକାଳ ମଧ୍ୟରେ ସଦ ଉପଯୋଗ କରି ରାଷ୍ଟର ଜଣେ ଜଣେ ସୁ ନାଗରିକ ହେବା ପାଇଁ ଅତିଥି ମାନେ ବିଦ୍ୟାର୍ଥୀ ଏବଂ ଅଭିଭାବକ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ.ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପୂର୍ବରୁ ଚିତ୍ର, ବକ୍ତୃତା, କୁଇଜ, ପୁଚି, ଦୌଡ଼ଡିଆଁ, ସଂଗୀତ, ସ୍ଲୋସାଇକେଲ ଚାଳନା, ମୁଜିକାଲ ଚେିର, ଦୌଡ଼ ଆଦି ପ୍ରତିଯୋଗିତା ର ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ଦିଆଯାଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକ,ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ବିଦ୍ୟାଳୟ ର ବରିଷ୍ଠ କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅଶୋକ ପଟନାୟକ, ରାମ ଚନ୍ଦ୍ର ପ୍ରଧାନ, ଦେବାଶିଷ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ସେଠୀ, ରାହୁଲ ପଟନାୟକ, ବଳରାମ ବେହେରା, ଅନିଲ ଜେନା, ଲକ୍ଷ୍ମୀ ଜେନା, ଶିକ୍ଷୟତ୍ରୀ ପ୍ରଜ୍ଞାପରିମିତା ପଣ୍ଡା, ଶର୍ମିଷ୍ଠା ସାହୁ, ଗାୟତ୍ରୀ ବେହେରା, ସୁମିତ୍ରା କାର୍ଜି, ଇପ୍ସିତା ମଲ୍ଲିକ ସମେତ ବାସୁଦେବ ପ୍ରଧାନ, ରବୀନ୍ଦ୍ର କୁମାର ସ୍ୱାଇଁ, ଜୟଦେବ ପ୍ରଧାନ ସହଯୋଗ କରିଥିଲେ । ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସୁନ୍ଦର ସୁନ୍ଦର ବେଶ ପୋଷାକ ରେ ସାନସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ।

## ଦାନଗଦି ବ୍ଲକ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅବ୍ୟବସ୍ଥା,

କଳିଙ୍ଗ ନଗର (ବିପ୍ର): ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦାନଗଦି ବ୍ଲକର ବୁଦ୍ଧରାଜା ବିଦ୍ୟାଳୟଠାରେ ଭୀମଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି ।ଦାନଗଦି ବ୍ଲକ ବିଡିଓ ପ୍ରଦୀପ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ୍ର ବିଭିଉ ପ□ାୟତରୁ ଭିଉକ୍ଷମ ମାନେ ଆସିଥିଲେ। ଅସ୍ଥି ଓ ଶଲ୍ୟ ବିଭାଗ, ଚର୍ମ, ନାସା, ଗଳା, କଣ୍ଠ, ଭେଷଜ, ଚକ୍ଷୁ, ମାନସିକ ଅନଗ୍ରସର ଆଦି ବିଭାଗର ବିଭିଉ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ଚିହ୍ନଟ ହୋଇଥିଲା। ଶିବିରରେ ସମୁଦାୟ ୫୭୭ଜଣ ନାମ ପଞ୍ଜିକରଣ କରିଥିବା ବେଳେ ମୂଲ୍ୟାକନ ୫୧୭ ହୋଇଥିଲା ବେଳେ ସାହାଯ୍ୟ ଏବଂ ଉପକରଣ ୪୭ଜଣ ଚିହ୍ନଟ ,ଅନ୍ୟାନ୍ୟ ସହାୟତା ୧୦ ଚିହ୍ନଟ କରାଯାଇଥିଲା।ଉକ୍ତ ଶିବିରରେ ଜିଲ୍ଲା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ,ବ୍ଲକର ଅନ୍ୟ କର୍ମଚାରୀ ଓ ୨୩ ପଞ୍ଚାୟତରୁ ଆସିଥିବା ଭିଉକ୍ଷମ ଉପସ୍ଥିତ ଥିଲେୟ ବ୍ଲକର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବହୁ ଅବ୍ୟବସ୍ଥା ଭିତରେ ଆୟୋଜନ ହୋଇଥିବା ଅଭିଯୋଗ ହୋଇଛି। ଭିନ୍ନକ୍ଷମ ବସିବା ,ଘଣ୍ଟା ଘଣ୍ଟା ଅପେକ୍ଷା ସାଙ୍ଗକୁ ପାଣି ବ୍ୟବସ୍ଥା ଓ ବ୍ଲକ ବିଡିଓଙ୍କ ପ୍ରଚାର ପ୍ରସାର ଅଭାବରୁ ବହୁ ଭିଉକ୍ଷମ ଅନେକ ଭିନ୍ନକ୍ଷମ ଜାଣି ପାରିନାହାନ୍ତି ଏଥିପାଇଁ ଭତ୍ତା ରୁ ବଞ୍ଚିତ ହେଉଛନ୍ତି। ବହୁ ଭିଉକ୍ଷମ ନୂତନ ପଞ୍ଜିକରଣ ସକାଶେ ଶିବିରରୁ ଘରକୁ ଫେରିକି ଯାଇଥିଲେ ।ଏହାକୁ ପ୍ରଶାସନ ପକ୍ଷରୁ ଆଗକୁ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକଙ୍କ ଦାବି ହେଉଛି।

## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ




ଦେବଗଡ଼(ମହାଭାରତ): ଜ଼ିଲ୍ଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚ୍ଛ ଠାରେ ପା□ଦିନିଆ ଜ଼ିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଉଦଘାଟିତ ହୋଇଯାଇଛି । ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମା□ ରଞ୍ଜନ ବିଶ୍ୱାଳ, ଜ଼ିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ମାନ୍ୟବର ସାଂସଦ ଙ୍କ ନମିନୀ ଅରୁଣ କୁମାର ସାହୁ, କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ କ୍ଷୀରୋଦ ବିଶ୍ୱାଳ, ଅଗ୍ରଣୀ ବିହନ ସଂରକ୍ଷଣ ବିହନ ବରଗଡ଼ ସୁଦାମ ସାହୁ, ମୁଖ୍ୟ ଜ଼ିଲ୍ଲା କୃଷି ଅଧିକାରୀ ବିଭୁତି ଭୂଷଣ ଜେନା, ଜ଼ିଲ୍ଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, କୃଷି ର୍ନିବାହୀ ଯନ୍ତ୍ରୀ ଦିବ୍ୟ ଲୋଚନ ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହିତ କୃଷି ଓ କୃଷକ ବିକାଶ ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ ଆଧୁନିକ ଯନ୍ତ୍ରପାତି । ଜ୍ଞାନ କୌଶଳ ଉତ୍ପାଦନ କ୍ଷମତା ବଢ଼ାଉଛି ଏବଂ କୃଷି ଓ କୃଷକ ଙ୍କୁ ସଶକ୍ତ କରିବା ସହ କୃଷି ଯନ୍ତ୍ରପାତି ଓ ଯୁବ ଚାଷୀ ଙ୍କୁ ପ୍ରେରଣା ଯୋଗାଇ ଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜ଼ିଲ୍ଲା ରୁ କୃଷି କ୍ଷେତ୍ରରେ ଅଗ୍ରଣୀ ଚାଷୀ ପାଇଁ ବାରକୋଟ ବ୍ଲକ ର ରୁଚିତା ପ୍ରଧାନ, ରିଆମାଳ ବ୍ଲକ ରୁ ଲିପସା ରାଣୀ ବେହେରା, ତିଲେଇବଣି ବ୍ଲକ ରୁ ଦୀପାଳି ପଟେଲ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରିଥିଲେ । ପ୍ରଦର୍ଶନୀ ମେଳା ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜ଼ିଲ୍ଲା ଶିଳ୍ପ କେନ୍ଦ୍ରର ମୋଟ ୫୦ ଷ୍ଟଲ ଖୋଲାଯାଇଛି । ଜ଼ିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ାପଡ଼ା ବ୍ଲକ୍ ଶାଖା ଡ୍ରାଇଭର ମହାସଂଘ ସଦସ୍ୟ ମୋହନ ନାଏକଙ୍କ ଆକସ୍ମିକ ବିୟୋଗରେ ସମବେଦନା ଜ୍ଞାପନ

ହିନ୍ଦୋଳ(ମହାଭାରତ)ଓଡ଼ିଶା ଡ୍ରାଇଭର ମହାସଂଘ, ଢ଼େଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଶାଖା ମୋଟଙ୍ଗା ଗ୍ରାମ ପଞ୍ଚାୟତର ନଗାରୀ ନିବାସୀ ୫୦ ବର୍ଷୀୟ ମୋହନ ନାଏକ ନାମରେ ଜନୈକ ଡ୍ରାଇଭରଙ୍କ ହୃଦ୍ ଘାତ ଜନିତ ଅକସ୍ମାତ ମୃତ୍ୟୁ ହୋଇ ଯାଇଛି । ତାଙ୍କର ଅକାଳ ବିୟୋଗରେ ସମଗ୍ର ଅ□ଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ଏହି ଦୁଃଖଦ ଓ ଅଭାବନୀୟ ଘଟଣା ଖବର ପାଇବ୍ଲକ୍ ଶାଖା ଉପଦେଷ୍ଟା ଚି□ ରଞ୍ଜନ ଭାଇ, ପରିଚାଳନା କମିଟି ର କବିନ୍ଦ୍ର ଭାଇ, ଏକ୍ଟିଭ ମେମ୍ବର ସନ୍ତୋଷ ଭାଇ, ମୋଟଙ୍ଗା ଗ୍ରାମ ପଞ୍ଚାୟତ ସଭାପତି ଶିଶିର ଭାଇ ଓ ସହ ସଂପାଦକ ଶଙ୍କର୍ଷଣ ଭାଇ ସମେତ ଶତାଧିକ ଡ୍ରାଇଭର ଭାଇମାନେ ତାଙ୍କ ବାସ ଭବନ ରେ ବହୁ ମାତ୍ରାରେ ଯୋଗ ଦେଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶବ ସଂସ୍କାରରେ ଆନୁସଙ୍ଗିକ ସାହାର୍ଯ୍ୟ କରିଥିଲେ । ସୂଚନା ଯୋଗ୍ୟ ଯେ ମୃତ ମୋହନ ନାଏକ, ପଞ୍ଚାୟତ ପରିଚାଳନା କମିଟି ର ଜଣେ ଆଗ ଧାଡ଼ିର ସଦସ୍ୟ ଭାବେ ପରିଚିତ ଥିବାବେଳେ ଗ୍ରାମରେ ଜଣେ ପରୋପକାରୀ, ମେଳାପି ଓ ମିଷ୍ଟଭାଷୀ ଯୁବକ ଥିଲେ କ୍ଷତାଙ୍କର ଆକସ୍ମିକ ବିୟୋଗ ସମଗ୍ର ଅ□ଳକୁ ସ୍ତବ୍ଧ କରିଦେଇଛି ।

# ଦିଲ୍ଲୀ ପାଇଁ ବିଜେପିର ସଙ୍କଳ୍ପପତ୍ର

## ମହିଳାଙ୍କୁ ମାସିକ ୨୫ ଶହ ଟଙ୍କା, ହୋଲି-ଦିପାବଳୀରେ ମାଗଣା ସିଲିଣ୍ଡର

**ନୂଆଦିଲ୍ଲୀ,୧୭।୧(ମହାଭାରତ):** ଦିଲ୍ଲୀରେ ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ତାରିଖ ପାଖେଇ ଆସୁଛି । ଏଠାରେ ମୁଖ୍ୟ ପ୍ରତିଯୋଗିତା ଆମ ଆଦମୀ ପାର୍ଟି, ବିଜେପି ଏବଂ କଂଗ୍ରେସ ମଧ୍ୟରେ ହେବାକୁ ଯାଉଛି । ଏହି ସମୟରେ ସମସ୍ତ ଦଳ ସେମାନଙ୍କର ପ୍ରସ୍ତୁତିରେ ବ୍ୟସ୍ତ ଏବଂ ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ଗୋଟିଏ ପରେ ଗୋଟିଏ ବଡ଼ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି । ଏବେ ଭାରତୀୟ ଜନତା ପାର୍ଟି ମଧ୍ୟ ଆଜି (ଶୁକ୍ରବାର) ତାର ଘୋଷଣାପତ୍ର ପ୍ରକାଶ କରିଛି । ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ତିନି ଭାଗରେ ସଙ୍କଳ୍ପ ପତ୍ର ଜାରି କରିବ । ଏହି କ୍ରମରେ ପ୍ରଥମ ଭାଗ ଆଜି (ଶୁକ୍ରବାର) ଜାରି କରିଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦିଲ୍ଲୀର ଗରିବ ମହିଳାଙ୍କୁ ପ୍ରତି ମାସରେ ୨୫ ଶହ ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆଜି (ଶୁକ୍ରବାର) ଏକ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପିର ସଙ୍କଳ୍ପପତ୍ର ଜାରି କରିଛନ୍ତି । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦିଲ୍ଲୀ ବିଜେପି ରାଜ୍ୟ କାର୍ଯ୍ୟାଳୟରେ କହିଛନ୍ତି, ଘୋଷଣାପତ୍ର ପୂର୍ବରୁ ମଧ୍ୟ ଆସୁଥିଲା, କିନ୍ତୁ ଆପଣମାନେ ଭୁଲି ଯାଉଥିଲେ ଏବଂ ରାଜନୈତିକ ଦଳ ଗୁଡ଼ିକ ମଧ୍ୟ ସେମାନଙ୍କର କଥା ଭୁଲିଯାଉଥିଲେ । କିନ୍ତୁ ଏହା ରାଜନୈତିକ ସଂସ୍କୃତିରେ ପରିବ□ନ ଯେ ଆଜି ଘୋଷଣାପତ୍ର ପ୍ରକାଶ କରାଯାଉଛି । ଏହାକୁ 'ସଂକଳ୍ପ ପତ୍ର'ରେ ପରିଣତ କରାଯାଇଛି । ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସଂକଳ୍ପରୁ ସିଦ୍ଧିକୁ ଯିବାର ମନ୍ତ୍ର ଦେଇଛନ୍ତି । ବିଜେପିର ଟ୍ରାକ୍ ରେକର୍ଡ ହେଉଛି ଯେ ଏହା ଯାହା କହିଥିଲା ତାହା କରିଛି ଏବଂ ଯାହା କହିନଥିଲା ତାହା ମଧ୍ୟ କରିଛି । ତେଣୁ, ଭାରତ ଏବଂ ଦିଲ୍ଲୀର ଲୋକଙ୍କ ମନରେ ଗୋଟିଏ ବାକ୍ୟ ଘର କରି ବସିଛି ଯେ 'ମୋଦିଙ୍କ ଗ୍ୟାରେଣ୍ଟି ଅର୍ଥ ହେଉଛି ଗ୍ୟାରେଣ୍ଟି ପୂରଣ ହେବ' । ଆମେ ଗରିବଙ୍କ କଲ୍ୟାଣ, ସୁଶାସନ, ମହିଳା ସମ୍ମାନ, ବିକାଶ ପାଇଁ ଗ୍ୟାରେଣ୍ଟି ଦେଇଛୁ । ନଡ୍ଡା ଶୁକ୍ରବାର ଘୋଷଣା କରିଛନ୍ତି ଯେ, ଯଦି ଦିଲ୍ଲୀରେ ବିଜେପି ସରକାର ଗଠନ ହୁଏ, ତେବେ ରାଜ୍ୟର ଗରିବ ମହିଳାଙ୍କୁ ପ୍ରତିମାସରେ ୨୫ ଶହ ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ସିଲିଣ୍ଡର ଉପରେ ୫ଶହ ଟଙ୍କାର ସବସିଡି ଦିଆଯିବ ଏବଂ ହୋଲି ଏବଂ ଦୀପାବଳିରେ ଗୋଟିଏ ସିଲିଣ୍ଡର ମାଗଣା ଦିଆଯିବ । ଏହା ସହିତ, ଜେପି ନଡ୍ଡା ଏହା ମଧ୍ୟ କହିଛନ୍ତି ଯେ ବିଜେପି ସରକାର ଗଠନ ହେଲେ ମଧ୍ୟ ଦିଲ୍ଲୀରେ ଚାଲୁଥିବା ସମସ୍ତ ଜନକଲ୍ୟାଣକାରୀ ଯୋଜନା ଜାରି ରହିବ । ସେହି ସମସ୍ତ ଯୋଜନା ଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଉପାୟରେ ସୁଦୃଢ଼ କରାଯିବ ଏବଂ ସେଗୁଡ଼ିକୁ ଦୁର୍ନୀତି ମୁକ୍ତ ମଧ୍ୟ କରାଯିବ । ଜେପି ନଡ୍ଡା କହିଛନ୍ତି ଯେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟିର ଘୋଷଣାପତ୍ର ଦିଲ୍ଲୀର ଭୋଟରଙ୍କ ପରାମର୍ଶ ଉପରେ ପ୍ରସ୍ତୁତ କରାଯାଇଛି । ଆମେ ପ୍ରାୟ ୧ ଲକ୍ଷ ୮୦ ହଜାର ମତାମତ ପାଇଛୁ । ୧୨ ହଜାର ଛୋଟ ବଡ଼ ବୈଠକ ମାଧ୍ୟମରେ ଆଲୋଚନା କରାଯାଇଥିଲା ଏବଂ ୪୧ଟି LED ଭ୍ୟାନ୍ ମାଧ୍ୟମରେ ମତାମତ ସଂଗ୍ରହ କରାଯାଇଥିଲା । ନଡ୍ଡା କହିଛନ୍ତି ଯେ ଆଜି ମୁଁ ଆପଣଙ୍କ ସମ୍ମୁଖରେ ମୋର ସଂକଳ୍ପ ପତ୍ରର ପ୍ରଥମ ଅଂଶ ପ୍ରକାଶ କରୁଛି । ଦ୍ୱିତୀୟ ଏବଂ ତୃତୀୟ ଭାଗ ମଧ୍ୟ ଶୀଘ୍ର ଆପଣଙ୍କ ପାଇଁ ଆସିବ। ନିର୍ବାଚନ କମିଶନଙ୍କ ଅନୁଯାୟୀ, ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ଫେବୃଆରୀ ୫, ୨୦୨୫ରେ ଅନୁଷ୍ଠିତ ହେବ । ସେହି ସମୟରେ, ନିର୍ବାଚନ ଫଳାଫଳ ୮ ଫେବୃଆରୀ ୨୦୨୫ରେ ଘୋଷଣା କରାଯିବ ।



# ୩୫ ବନ୍ଧକ ବଦଳରେ ୧୦୦୦ ଆତଙ୍କବାଦୀ ଛାଡ଼

**ଗାଜା,୧୭।୧(ମହାଭାରତ):** ଗାଜାରେ ଶାନ୍ତି ଘୋଷଣା କରାଯାଇଛି । ଇସ୍ରାଏଲ ଓ ହମାସ ଯୁଦ୍ଧ ଶେଷ କରିବାକୁ ରାଜି ହୋଇଛନ୍ତି । କତାର ରାଜଧାନୀରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । କିନ୍ତୁ ହମାସ ସହ ହୋଇଥିବା ଚୁକ୍ତି ପାଇଁ ଇସ୍ରାଏଲକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ । ଶାନ୍ତି ଚୁକ୍ତି ଅଧୀନରେ ସ୍ଥିର ହୋଇଥିବା ଫର୍ମୁଲାରୁ ସ୍ପଷ୍ଟ ହେଉଛି ଯେ ଇସ୍ରାଏଲ ନିଜ ନାଗରିକଙ୍କୁ ବଞ୍ଚାଇବା ପାଇଁ ସବୁକିଛି ବାଜି ଲଗାଇଛି । ଜଣେ ୨ ବର୍ଷର ଇସ୍ରାଏଲ ବାଳକ ବଦଳରେ ୩୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ହାମାସ ଦାବି କରିଛି । ସେହିପରି ଜଣେ ମା' ଓ ତାଙ୍କ ପିଲାଙ୍କ ବଦଳରେ ୧୦୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ କୁହାଯାଇଛି । ଏହିପରି ୩୫ ଜଣ ବନ୍ଧକଙ୍କ ବଦଳରେ ମୋଟ ୧୦୦୦ ଆତଙ୍କବାଦୀଙ୍କୁ ଛାଡ଼ିବାକୁ ହମାସ ଦାବି କରିଛି । ତେବେ ଏହି ପିଲା ଓ ସେମାନଙ୍କ ମା' ସଂପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ହମାସ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ଦେଇନାହିଁ । ବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ଦୋହାରେ ହାମାସ ଓ ଇସ୍ରାଏଲ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପ ଶପଥ ଗ୍ରହଣ କରିବା ଦିନ କିଛି ଆତଙ୍କବାଦୀଙ୍କୁ ମୁକ୍ତ କରାଯାଇପାରେ । ଇସ୍ରାଏଲ ନିଜ ନାଗରିକଙ୍କ ସୁରକ୍ଷା ପାଇଁ କିଛି ବି କରିବ ବୋଲି ହାମାସ୍ ଭଲ ଭାବେ ଜାଣିଛି । ପୂର୍ବରୁ ବି ବନ୍ଧକଙ୍କ ବଦଳରେ ଇସ୍ରାଏଲ । ଇସ୍ରାଏଲ ତା'ର ନାଗରିକଙ୍କ ବଦଳରେ ଆତଙ୍କବାଦୀଙ୍କୁ ମୁକ୍ତ କରିସାରିଛି । ସେହି ଅଭିଜ୍ଞତାକୁ ଆଧାର କରି ହାମାସ ପୁଣି ଥରେ ଇସ୍ରାଏଲର ୩୫ ଜଣ ବନ୍ଧକଙ୍କ ବଦଳରେ ୧୦୦୦ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ଦାବି କରିଛି ।

# ଏଣିକି କୁକୁର, ବିଲେଇଙ୍କ ପରି ଘରେ ରଖିପାରିବେ ବାଘ-ସିଂହ

**ଇସଲାମାବାଦ,୧୭।୧(ମହାଭାରତ):** ସାଧାରଣତଃ ବିଲେଇ, କୁକୁର, ମାଙ୍କଡ଼ ଆଦି ପୋଷା ଜୀବଜନ୍ତୁ ଭାବେ ଘରେ ପାଳୁଥିବାର ଆମେ ଦେଖିଛେ । କିନ୍ତୁ, ଏକ ଏଭଳି ଦେଶ ରହିଛି, ଯେଉଁଠାରେ ବନ୍ୟପ୍ରାଣୀଙ୍କୁ ଘରେ ପୋଷା ଭାବେ ପାଳିବାକୁ ଅନୁମତି ଦେଇଛି । ଏଭଳି ଅଜବ ନିୟମ ଜାରି କରିଛି ପଡ଼ୋଶୀ ଦେଶ ପାକିସ୍ତାନ । ଏବେ ସିଂହ, ଚିତାବାଘ, ବାଘ ସମେତ ୫ଟି ବନ୍ୟଜନ୍ତୁଙ୍କୁ ଘରେ ରଖିବାକୁ ମିଳିଲା ଆଇନଗତ ସ୍ୱୀକୃତି । ନୂଆ ଆଇନ ଅନୁଯାୟୀ, ଘରେ ବନ୍ୟପ୍ରାଣୀ ରଖିବାକୁ ହେଲେ ପ୍ରଥମେ ଲାଇସେନ୍ସ ତିଆରି କରିବାକୁ ହେବ । ଏଥିପାଇଁ ଦେବାକୁ ପଡ଼ିବ ୫୦ ହଜାର ଟଙ୍କା । କେଉଁ ଦେଶରେ ଏହି ନିୟମ ଲାଗୁ ହୋଇଛି ଆସନ୍ତୁ ଜାଣିବା । ନୂଆ ନିୟମ ଅନୁଯାୟୀ, ପାକିସ୍ତାନ ଲୋକ ଏବେ ଘରେ ବାଘ, ଚିତାବାଘ ଓ ସିଂହ ଆଦି ବନ୍ୟ ଜୀବଜନ୍ତୁଙ୍କୁ ପୋଷା ଭାବେ ରଖିପାରିବେ । ଏହି ନିୟମ ପାକିସ୍ତାନର ପଞ୍ଜାବରେ ଲାଗୁ ହୋଇଛି । କ୍ୟାବିନେଟରେ ବନ୍ୟଜୀବ ଅଧିନିୟମ ୧୯୭୪ରେ ସଂଶୋଧନ ପରେ ଏହି ନିୟମ ଜାରି ହୋଇଛି । ଏହି ୫ଟି ବନ୍ୟଜନ୍ତୁଙ୍କ ମଧ୍ୟରେ ବାଘ, ଚିତାବାଘ, ସିଂହ, ପ୍ୟୁମା, ଜାଗୁଆର ଆଦି ପଶୁଙ୍କୁ ଘରେ ପୋଷା ଭାବେ ରଖିପାରିବେ । ପଞ୍ଜାବ ପ୍ରାନ୍ତର ବରିଷ୍ଠ ମନ୍ତ୍ରୀ ମରିୟମ୍ ଔରଙ୍ଗଜେବଙ୍କ କହିବାନୁସାରେ, ଗତ ୭୦ ବର୍ଷରେ ଏହି ବନ୍ୟଜନ୍ତୁଙ୍କୁ ପୋଷା ଭାବେ ରଖିବାକୁ କୌଣସି ଆଇନ ନଥିଲା । ଲୋକେ ବେଆଇନ ଭାବେ ରଖୁଥିଲେ । ସରକାର ଟିକଟକ୍ ଓ ଅନ୍ୟ ସୋସିଆଲ ମିଡିଆରେ ପ୍ଲାଟଫର୍ମ ଏହି ବନ୍ୟଜନ୍ତୁଙ୍କର ଫଟୋ ଓ ଭିଡିଓ ଦେଖାଇବା ଉପରେ ମଧ୍ୟ ପ୍ରତିବନ୍ଧକ ଲାଗୁ ହୋଇଥିଲା । ନିୟମ ଉଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଥିଲା । ବ□ମାନ ପାକିସ୍ତାନ ବନ୍ୟପ୍ରାଣୀ ବିଭାଗ ଏହି ପ୍ରାଣୀମାନଙ୍କୁ ଘରେ ରଖିବା ପାଇଁ ଲାଇସେନ୍ସ ଦେବ । ତେବେ ପ୍ରତି ବନ୍ୟଜନ୍ତୁଙ୍କ ପାଇଁ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ । ଏପରି ପ୍ରାଣୀମାନଙ୍କୁ ଘରେ ରଖିବା ପାଇଁ କିଛି ନିୟମ ମଧ୍ୟ ସ୍ଥିର କରାଯାଇଛି । ନୂତନ ଆଇନ ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଚେକ୍ପୋଷ୍ଟ ସ୍ଥାପନ କରାଯିବ ଏବଂ ରାତିରେ ଏହି ପ୍ରାଣୀମାନଙ୍କୁ ବୁଲାଇବା ସମ୍ପୂର୍ଣ୍ଣ ନିଷେଧ କରାଯିବ । ସିଂହ ପାଳନ କ୍ଷେତ୍ରରେ ପାକିସ୍ତାନକୁ ସର୍ବୋ□ମ ବୋଲି ବିବେଚନା କରାଯାଏ । ରାଜନେତାଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟକ୍ତିବିଶେଷ ସିଂହ ସହ ସେମାନଙ୍କ ଫଟୋ ପୋଷ୍ଟ କରୁଛନ୍ତି । ତେବେ ବ□ମାନ ଏମାନଙ୍କୁ ପୋଷା ଭାବେ ରଖିବାକୁ ହେଲେ ଟଙ୍କା ଦେବାକୁ ପଡ଼ିବ ।

## ଭାରତକୁ ବିଶ୍ୱବ୍ୟାଙ୍କର ପ୍ରଶଂସା

**ନୂଆଦିଲ୍ଲୀ,୧୭।୧(ମହାଭାରତ):** ବିଶ୍ୱ ବ୍ୟାଙ୍କ ଅର୍ଥନୀତିକୁ ପ୍ରଶଂସା କରିବା ସହ ଭାରତର ଜିଡିପି ବୃଦ୍ଧିକୁ ନେଇ ଏକ ନୂଆ ଆକଳନ କରିଛି । ଚଳିତ ବର୍ଷ ଭାରତର ଅର୍ଥନୀତି ୬.୫ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି । ସୁଦୃଢ଼ ଶ୍ରମ ବଜାର, ବର୍ଦ୍ଧିତ ଋଣ ଏବଂ ମୁଦ୍ରାସ୍ଫୀତି ହ୍ରାସ ଯୋଗୁଁ ଭାରତର ଘରୋଇ ଉପଭୋକ୍ତା ଅଭିବୃଦ୍ଧି ବୃଦ୍ଧି ପାଇବ ବୋଲି ବିଶ୍ୱବ୍ୟାଙ୍କ କହିଛି । ତେବେ ସରକାରୀ ଉପଭୋକ୍ତା ଅଭିବୃଦ୍ଧି ସୀମିତ ରହିପାରେ । ବିଶ୍ୱର ଅନ୍ୟାନ୍ୟ ଦେଶର ଅର୍ଥନୀତିକୁ ମଧ୍ୟ ବିଶ୍ୱ ବ୍ୟାଙ୍କ ଆକଳନ କରିଛି । ୨୦୨୫-୨୬ରେ ବିଶ୍ୱର ଅନ୍ୟ ଦେଶର ଅର୍ଥନୀତିର ଅଭିବୃଦ୍ଧି ହାର ୨.୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଏଭଳି ସ୍ଥିତିରେ ବିଶ୍ୱର ପ୍ରମୁଖ ଦେଶର ଅର୍ଥନୀତି ତୁଳନାରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ସ୍ପଷ୍ଟ ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ୬.୭ ପ୍ରତିଶତ ରହିବ ବୋଲି ଗ୍ଲୋବାଲ ଇକୋନୋମିକ୍ ପ୍ରୋସ୍ପେକ୍ଟସ୍ ରିପୋର୍ଟରେ ଆକଳନ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ସେବା କ୍ଷେତ୍ରରେ କ୍ରମାଗତ ସମ୍ପ୍ରସାରଣ ଏବଂ ଉତ୍ପାଦନ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଆଶା କରାଯାଉଛି । ଭାରତ ସରକାରଙ୍କ ଲଜିଷ୍ଟିକ୍ ଭି□ଭୂମି ସଂସ୍କାର ଏବଂ ଟିକସ ସଂସ୍କାର ପଦକ୍ଷେପ ଏହି କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହନ ଦେବ । ୨୦୨୫ ଓ ୨୦୨୬ରେ ବିଶ୍ୱ ଅର୍ଥନୀତି ୨.୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି ।

# ଦିଲ୍ଲୀ ଏମ୍ସରେ ଅବ୍ୟବସ୍ଥାକୁ ଦେଖି ଅସନ୍ତୋଷ ପ୍ରକାଶ କଲେ ରାହୁଲ

**ନୂଆଦିଲ୍ଲୀ,୧୭।୧(ମହାଭାରତ):** ଅଧ ରାତିରେ ଦିଲ୍ଲୀ ଏମ୍ସ ଗସ୍ତ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। ଏହି ଗସ୍ତ ସମୟରେ ସେ ହସ୍ପିଟାଲ ଆଖପାଖ ଥିବା ସଡ଼କ, ଫୁଟପାଥରେ ଶୋଇଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ । ତେବେ ରାଜଧାନୀ ଦିଲ୍ଲୀର ଏତେ ବଡ଼ ଡ଼ାକ୍ତରଖାନାରେ ଅବ୍ୟବସ୍ଥାକୁ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କ ଉପରେ ବର୍ଷିଛନ୍ତି ରାହୁଲ ଗାନ୍ଧୀ । ରାହୁଲ ଗାନ୍ଧୀଙ୍କ ଗସ୍ତକୁ ନେଇ କଂଗ୍ରେସ ପାର୍ଟିର ସୋସିଆଲ ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। କଂଗ୍ରେସ ପକ୍ଷରୁ ଭିଡ଼ିଓ ଓ ଫଟୋ ସେୟାର କରି କ୍ୟାପସନରେ ଲେଖାଯାଇଛି, ଚିକିତ୍ସା ପାଇଁ ମାସ ମାସ ଧରି ଅପେକ୍ଷା, ଚିକିତ୍ସାରେ ଅବହେଳା ଓ ସରକାରଙ୍କ ଅସମ୍ବେଦନଶୀଳ ହେଉଛି ଦିଲ୍ଲୀ ଏମ୍ସର ସତ । କଂଗ୍ରେସ ଆହୁରି ମଧ୍ୟ କହିଛି ଯେ, ଶହ ଶହ କିଲୋମିଟର ଦୂରରୁ ଆସୁଥିବା ରୋଗୀ ଏବଂ ତାଙ୍କ ପରିବାର ବର୍ଗ ଭୀଷଣ ଥଣ୍ଡାରେ ଫୁଟପାଥ୍ ରେ ଶୋଇବାକୁ ବାଧ୍ୟ ହେଉଛନ୍ତି । କେନ୍ଦ୍ର ଏବଂ ଦିଲ୍ଲୀ ସରକାର ରୋଗୀଙ୍କ ସମସ୍ୟା ବୁଝିବା ବଦଳରେ ସେମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ଦେଉଛନ୍ତି । କେବଳ ଏତିକି ନୁହେଁ ରୋଗୀ ଏବଂ ରୋଗୀ ସମ୍ପର୍କୀୟଙ୍କ ସହିତ ରାହୁଲ ଗାନ୍ଧି ଆଲୋଚନା କରିଛନ୍ତି । ତେବେ ପୋଷ୍ଟ ହୋଇଥିବା ଭିଡ଼ିଓରେ ରାହୁଲ ଗାନ୍ଧୀଙ୍କୁ ରୋଗୀ ଓ ତାଙ୍କ ପରିଜନଙ୍କ ସହିତ କଥାବା□ା ହେବାର ଦେଖିବାକୁ ମିଳିଛି। ଆଗକୁ ରାଜଧାନୀ ଦିଲ୍ଲୀ ବିଧାନସଭା ନିର୍ବାଚନ । ଏଭଳି ସମୟରେ ରାହୁଲ ଗାନ୍ଧିଙ୍କ ଦିଲ୍ଲୀ ଏମ୍ସ ଗସ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।



# ଜମ୍ମୁକାଶ୍ମୀରରେ ଭୟଙ୍କର ହେଉଛି ରହସ୍ୟମୟ ରୋଗ, ଗଲାଣି ୧୬ ଜୀବନ

**ନୂଆଦିଲ୍ଲୀ,୧୭।୧(ମହାଭାରତ):** ଜମ୍ମୁର ଏକ ଛୋଟ ଗାଁରେ ଏବେ ଭୟଙ୍କର ରୂପ ନେବାରେ ଲାଗିଛି ଏକ ରହସ୍ୟମୟ ରୋଗ । ଏହି ରୋଗ ଏପର୍ଯ୍ୟନ୍ତ ୧୬ ଜଣଙ୍କ ଜୀବନ ନେଇ ସାରିଲାଣି । ଏହାକୁ ଦେଖି ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଖେଳିଯାଇଛି । ସ୍ଥାନୀୟ କ□ୃପକ୍ଷଙ୍କୁ ମଧ୍ୟ ଏହା ବିସ୍ମିତ କରିଦେଇଛି । ତେବେ ସବୁଠୁ ବଡ କଥା ହେଉଛି ପ୍ରଥମ ମୃତ୍ୟୁର ଦୁଇ ମାସ ପରେ ମଧ୍ୟ ଏହାର କାରଣ ନିର୍ଣ୍ଣୟ କରିବାରେ ପ୍ରଶାସନ ଅସମର୍ଥ ଥିବା କିଛି ସୂତ୍ରରୁ ଜଣାପଡିଛି । ସଦ୍ୟ ରିପୋର୍ଟ ଅନୁଯାୟୀ, ଶୁକ୍ରବାର ଦିନ ଜଣେ ୬୦ ବର୍ଷୀୟା ବୃଦ୍ଧାଙ୍କର ଏହି ଅଜଣା ରୋଗ ଯୋଗୁଁ ମୃତ୍ୟୁ ଘଟିଛି । ଏହି ସମୟରେ ଅନ୍ୟ ଜଣେ ଝିଅ ଏବେ ବି ଜୀବନ ପାଇଁ ସଂଘର୍ଷ କରୁଛି । ସୂଚନା ଅନୁଯାୟୀ, ପୀଡିତ ମାନେ ରାଜୌରୀ ଜିଲ୍ଲାର କୋଟରଙ୍କା ମଣ୍ଡଳର ବଡହାଲ ଗ୍ରାମର । ଏଠାରେ ଗତ ବର୍ଷ ଡିସେମ୍ବରରୁ ଏପର୍ଯ୍ୟନ୍ତ ତିନୋଟି ପରିବାରର ୧୬ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଏଥି ମଧ୍ୟରୁ ରବିବାର ପରଠାରୁ ୭ ଜଣଙ୍କର ମୃତ୍ୟୁ ହୋଇଛି । ତେବେ ପ୍ରଶାସନ ପ୍ରଭାବିତ ପରିବାରର ତିନୋଟି ଘରକୁ ସିଲ୍ କରିଦେଇଛନ୍ତି । ସେମାନଙ୍କର ୨୧ ଜଣ ନିକଟ ସମ୍ପର୍କୀୟଙ୍କୁ କଡ଼ା ନଜର ରଖିବା ପାଇଁ ସରକାରୀ ଯତ୍ନ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ଅଧିକାରୀ ମାନେ କହିଛନ୍ତି ଯେ ଅତିରିକ୍ତ ଡେପୁଟି କମିଶନର ଦିଲ ମିରଙ୍କ ନେତୃତ୍ୱରେ ଏକ ଦଳ ଏହି ଅଭିଯାନ ଚଳାଇଥିଲା ଯେଉଁଥିରେ ସୁରକ୍ଷା କର୍ମୀଙ୍କୁ ଘଟଣାସ୍ଥଳରେ ନିୟୋଜିତ କରାଯାଇଥିଲା । ଅନ୍ୟପକ୍ଷରେ, ମୃତ୍ୟୁ ମାମଲା ଗୁଡ଼ିକର ତଦନ୍ତ ପାଇଁ ବୁଧଲ ପୋଲିସ ଅଧୀକ୍ଷକ ୱାଜାହତ ହୁସେନଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ସ୍ୱତନ୍ତ୍ର ତଦନ୍ତ ଦଳ (SIT) ଗଠନ କରାଯାଇଛି । ମୁଖ୍ୟ ସଚିବ ଅଟଳ ଦୁଲ୍ଲୁ ଜମ୍ମୁରେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ, ପରିସ୍ଥିତି ଉପରେ ସମସ୍ତ ଦିଗରୁ ନଜର ରଖାଯାଇଛି । ଏହି ମୃତ୍ୟୁର କାରଣ ଜାଣିବା ପାଇଁ ଅନେକ ସ୍ୱାସ୍ଥ୍ୟ ସଂସ୍ଥା ପୂର୍ବରୁ ତଦନ୍ତ ଚଳାଇଛନ୍ତି । ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ, ଭାଇରାଲ୍, ଜୀବାଣୁ କିମ୍ବା ଫଙ୍ଗାଲ୍ ସଂକ୍ରମଣର କୌଣସି ପ୍ରମାଣ ନାହିଁ କାରଣ ଖୋଜିବା ପାଇଁ ତଦନ୍ତ ଚାଲିଛି । ଯେକୌଣସି ସମ୍ଭାବ୍ୟ ଦିଗକୁ ତଦନ୍ତ କରିବା ପାଇଁ ଏକ SIT ଗଠନ କରାଯାଇଛି ।



# ମହାକୁମ୍ଭରେ ୧୨ ହଜାର ନାଗାସାଧୁ ନେବେ ଦୀକ୍ଷା

**ନୂଆଦିଲ୍ଲୀ,୧୭।୧(ମହାଭାରତ):** ମହାକୁମ୍ଭ-୨୦୨୫ରେ ବଛାବଛା ପ୍ରାଚୀନ ହିନ୍ଦୁ ଆଖଡ଼ା ଦ୍ୱାରା ପ୍ରାୟ ୧୨,୦୦୦ ନୂଆ ନାଗା ସାଧୁଙ୍କୁ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ କରାଯିବ । ଗଙ୍ଗାରେ ୧୦୮ ଥର ସ୍ନାନ କରିବା ପରେ ସେମାନେ ଜଙ୍ଗଲକୁ ଯାଇ କରିବେ କଠୋର ସାଧନା । ମୋଟ ୧୩ଟି ସ୍ୱୀକୃତିପ୍ରାପ୍ତ ହିନ୍ଦୁ ମଠ ମଧ୍ୟରୁ ମାତ୍ର ୭ଟି ଆଖଡ଼ାରେ ନାଗା ସାଧୁ ଅଛନ୍ତି । ଏମାନଙ୍କ ମଧ୍ୟରେ ଜୁନା ଆଖଡ଼ା, ନିରଞ୍ଜନୀ ଆଖଡ଼ା, ମହାନିର୍ବାଣୀ ଆଖଡ଼ା, ଅଟଳ ଆଖଡ଼ା, ଅଗ୍ନି ଆଖଡ଼ା, ଆନନ୍ଦ ଆଖଡ଼ା ଓ ଆବାହନ ଆଖଡ଼ା ରହିଛି । ଏହି ଆଶାୟୀ ନାଗା ସାଧୁମାନେ ନିଜ ପିତାମାତା ଏବଂ ଏପରିକି ନିଜ ପାଇଁ ପିଣ୍ଡଦାନ କରିବା ପରେ ସଂସାରିକ ଆକର୍ଷଣ ତ୍ୟାଗ କରିଥିବା ଆଖଡ଼ାର ସଦସ୍ୟ ହୋଇସାରିଛନ୍ତି । ନାଗା ସନ୍ନ୍ୟାସୀ ହେବାକୁ ଚାହୁଁଥିବା ଜଣେ ସାଧୁଙ୍କ କାର୍ଯ୍ୟକଳାପ ଉପରେ ଅନେକ ବର୍ଷ ଧରି ତୀକ୍ଷ୍ଣ ନଜର ରଖାଯାଇଥାଏ । ପୂଜା ଓ ଧାର୍ମିକ କାର୍ଯ୍ୟରେ ସମ୍ପୂର୍ଣ୍ଣ ସମର୍ପିତ ଥିବା ସାଧୁମାନଙ୍କୁ ହିଁ ନାଗା ସନ୍ନ୍ୟାସୀ କରାଯାଏ ବୋଲି ବିଭିନ୍ନ ଆଖଡ଼ାର ବରିଷ୍ଠ ସାଧୁମାନେ ଦାବି କରିଛନ୍ତି । ମହାକୁମ୍ଭର ଦ୍ୱିତୀୟ ଅମୃତ ସ୍ନାନ ବା ଶାହୀ ସ୍ନାନ ପୂର୍ବରୁ ନାଗା ସାଧୁମାନଙ୍କୁ ତିଆରି କରିବାର ପରମ୍ପରା ଆରମ୍ଭ ହୁଏ, କିନ୍ତୁ ଏହାର ପ୍ରସ୍ତୁତି ବହୁ ପୂର୍ବରୁ ଆରମ୍ଭ ହୋଇଥାଏ । ଚଳିତବର୍ଷ ମୌନୀ ଅମାବାସ୍ୟା ସ୍ନାନ ପର୍ବ ଜାନୁଆରୀ ୨୯ରେ ହେବାର ଥିବାରୁ ଜାନୁଆରୀ ୨୭ରୁ ଆଖଡ଼ାରେ ପୂଜା ଆରମ୍ଭ ହେବ । ପରମ୍ପରା ଅନୁଯାୟୀ ପ୍ରଥମ ଦିନ ମଧ୍ୟରାତ୍ରିରେ ସ୍ୱତନ୍ତ୍ର ପୂଜା କରାଯିବ । ଯେଉଁମାନେ ସାଧୁ ଭାବରେ ଦୀକ୍ଷା ଗ୍ରହଣ କରିଛନ୍ତି ଏବଂ ନାଗା ସନ୍ନ୍ୟାସୀ ହେବାକୁ ଯାଉଛନ୍ତି ସେମାନଙ୍କୁ ନିଜ ନିଜ ଗୁରୁଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ । ସାଧୁମାନେ ମଧ୍ୟରାତ୍ରିରେ ଗଙ୍ଗାରେ ୧୦୮ ଥର ସ୍ନାନ କରିବେ । ଏହି ସ୍ନାନବିଧି ପରେ ସେମାନଙ୍କୁ ଜଙ୍ଗଲ'କୁ ତପସ୍ୟା କରିବାକୁ ପଠାଯିବ ।

## ଇମ୍ରାନ୍ ଖାନ୍ଙ୍କୁ ୧୪ ବର୍ଷ ଜେଲ୍

**ନୂଆଦିଲ୍ଲୀ,୧୭।୧(ମହାଭାରତ):** ପାକିସ୍ତାନରୁ ଆସିଛି ଏକ ବଡ଼ ଖବର । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ମିଳିଛି ଜେଲ ଦଣ୍ଡାଦେଶ । ଇମ୍ରାନ ଖାନଙ୍କୁ ୧୪ ବର୍ଷ ଜେଲଦଣ୍ଡ ହୋଇଛି । କେବଳ ସେତିକି ନୁହେଁ ତାଙ୍କ ପତ୍ନୀଙ୍କୁ ମଧ୍ୟ ୭ ବର୍ଷ ସଜା ଶୁଣାଯାଇଛି । ଅଲକାଦିର ଟ୍ରଷ୍ଟ ମାମଲାରେ ଶୁଣାଣି । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଲାଗିଛି ଶକ୍ତ ଝଟକା । କ୍ଷମତାର ଦୁରୂପଯୋଗ ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି ପାକିସ୍ତାନ କୋର୍ଟ । ୨୦୨୩ରୁ ପାକିସ୍ତାନର ରାୱଲପିଣ୍ଡି ଜେଲରେ ବନ୍ଦୀ ଅଛନ୍ତି ଇମ୍ରାନ ଖାନ୍ । ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଦୁଇ ଶହରୁ ଅଧିକ ମାମଲାରେ ଅଭିଯୁକ୍ତ ଦର୍ଶାଯାଇ ଗିରଫ କରାଯାଇଛି । ପୂର୍ବରୁ ଅନେକ ମାମଲାରେ ଶୁଣାଣି କରାଯାଇ ତାଙ୍କୁ ଜେଲଦଣ୍ଡାଦେଶ ହୋଇସାରିଛି । ଏବେ ପୁଣି ଆଉ ଏକ ମାମଲାରେ ଇମ୍ରାନଙ୍କୁ ଜେଲ ଦେଣ୍ଡାଦେଶ ଶୁଣାଇଛନ୍ତି ପାକିସ୍ତାନର କୋର୍ଟ । ତେବେ ଇମ୍ରାନ ଖାନ ପାକିସ୍ତାନର ରାଜନୀତିକୁ ଫେରିବା ନେଇ କିଛି ଦିନ ବୟାନ ଦେଇଥିଲେ । ସେ କହିଥିଲେ, ସେହବାଦ ସରିଫଙ୍କ ଭଳି ସେ ମଧ୍ୟ ସେନାକୁ ବ୍ୟବହାର କରି କ୍ଷମତାକୁ ଫେରିପାରିବେ । ଏବେ କିନ୍ତୁ ଇମ୍ରାନଙ୍କୁ ଲାଗିଛି ଏକ ଶକ୍ତ ଝଟକା ।

# ରୁଷ ସେନାରେ ଥିବା ୧୨ ଭାରତୀୟ ମୃତ, ୧୬ ନିଖୋଜ

**ନୂଆଦିଲ୍ଲୀ,୧୭।୧(ମହାଭାରତ):** ରୁଷ ସେନାରେ ସାମିଲ ହୋଇ ରୁଷ ପାଇଁ ଲଢୁଥିବା ପ୍ରାୟ ୧୨ ଜଣ ଭାରତୀୟ ମୃତ୍ୟୁବରଣ କରିଥିବା ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସ୍ପଷ୍ଟ କରିଛି । ଏବେ ବି ରୁଷ ସେନାରେ ୧୮ ଭାରତୀୟ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୬ ଜଣ ନିଖୋଜ ଅଛନ୍ତି ବୋଲି ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ସେ କହିଛନ୍ତି, ଋଷସେନାରେ ୧୮ ଜଣ ଭାରତୀୟ ନାଗରିକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇନାହିଁ । ରୁଷିଆ ପକ୍ଷରୁ ସେମାନଙ୍କୁ ନିଖୋଜ ବୋଲି ଶ୍ରେଣୀଭୁକ୍ତ କରାଯାଇଛି । ଯେଉଁମାନେ ବାକି ଅଛନ୍ତି ସେମାନଙ୍କୁ ଶୀଘ୍ର ମୁକ୍ତ କରିବା ଏବଂ ପ୍ରତ୍ୟାବ□ନ କରିବାକୁ ଆମେ ଦାବି କରୁଛୁ । ଏଥିରେ ରୁଷସେନାରେ କାର୍ଯ୍ୟରତ ୧୨ ଜଣ ଭାରତୀୟ ନାଗରିକ ନିହତ ହୋଇଛନ୍ତି । କିଛିଦିନ ତଳେ ରୁଷ୍-ୟୁକ୍ରେନ ଯୁଦ୍ଧରେ କେରଳର ତ୍ରିଶୂରର ନାଗରିକ ବିନିଲ ବାବୁଙ୍କ ମୃତ୍ୟୁକୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ ତାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ମନ୍ତ୍ରଣାଳୟ ତାଙ୍କ ପରିବାର କୁ ସମବେଦନା ଜଣାଇବା ସହ ଭାରତୀୟ ଦୂତାବାସ ଋଷ କ□ୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି ଯାହାଦ୍ୱାରା ମୃତ ଭାରତୀୟଙ୍କ ମରଶରୀରକୁ ଯଥାଶୀଘ୍ର ଭାରତ ଅଣାଯିବ ବୋଲି ପ୍ରତିଶ୍ରୁତି ଦେଇଛି । ରୁଷ୍-ୟୁକ୍ରେନ ଯୁଦ୍ଧରେ ୧୨ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ନିଖୋଜ ଅଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ।

# 'ଦିଲ୍ଲୀ ମେଟ୍ରୋରେ ଛାତ୍ରମାନଙ୍କୁ ୫% ରିହାତି ମିଳିବା ଉଚିତ୍'

**ନୂଆଦିଲ୍ଲୀ,୧୭।୧(ମହାଭାରତି):** ପାଖେଇ ଆସୁଛି ଦିଲ୍ଲୀ ବିଧାନସଭା ନିର୍ବାଚନ । ଏନେଇ ସରଗରମ ରାଜନୀତି । ରାଜନୈତିକ ଦଳମାନେ ଜୋରଦାର କରୁଛନ୍ତି ନିର୍ବାଚନୀ ପ୍ରଚାର । ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ।

ଏହି ଚିଠି ମାଧ୍ୟମରେ ସେ ଦିଲ୍ଲୀ ମେଟ୍ରୋରେ ଛାତ୍ରମାନଙ୍କୁ ୫୦ ପ୍ରତିଶତ ରିହାତି ଦେବାକୁ ଦାବି କରିଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଛାତ୍ରଙ୍କ ସପକ୍ଷରେ ଦାବି ଉଠାଇଛନ୍ତି । ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ, ଦିଲ୍ଲୀ ମେଟ୍ରୋରେ ଉଭୟ କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କର ଅଂଶଧନ ଅଛି । ଏଭଳି ପରିସ୍ଥିତିରେ ଦିଲ୍ଲୀ ମେଟ୍ରୋରେ ଛାତ୍ରମାନେ ୫୦ପ୍ରତିଶତ ରିହାତି ମିଳିବା ଆବଶ୍ୟକ । ଏଥିପାଇଁ ଉଭୟ କେନ୍ଦ୍ର ଏବଂ ଦିଲ୍ଲୀ ସରକାର ଖର୍ଚ୍ଚ ବହନ କରିବା ଉଚିତ୍ । କେଜ୍ରିୱାଲ ଆହୁରି ମଧ୍ୟ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା ପାଇଁ ଆପ୍ ସରକାର ଯୋଜନା କରୁଛନ୍ତି । ତେବେ ଦିଲ୍ଲୀର ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏହି ଚିଠି ଲେଖିଥିବା କେଜ୍ରିୱାଲ କହିଛନ୍ତି । ଛାତ୍ରମାନେ ସେମାନଙ୍କ ବିଦ୍ୟାଳୟ ଏବଂ କଲେଜକୁ ଯିବା ପାଇଁ ମେଟ୍ରୋ ଉପରେ ନିର୍ଭର କରନ୍ତି । ସେମାନଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବାକୁ ଦିଲ୍ଲୀ ମେଟ୍ରୋରେ ଛାତ୍ରମାନଙ୍କ ପାଇଁ ୫୦ ପ୍ରତିଶତ ରିହାତି ପ୍ରଦାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଦିଲ୍ଲୀ ମେଟ୍ରୋ ହେଉଛି ଦିଲ୍ଲୀ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ୫୦:୫୦ ସହଯୋଗର ଏକ ପ୍ରକଳ୍ପ । ତେଣୁ ଉଭୟ ସରକାର ଏଥିପାଇଁ ଖର୍ଚ୍ଚର ଅଧା ବହନ କରିବେ । ତାଙ୍କର ପୂର୍ଣ୍ଣ ଆଶା ଅଛି ଯେ ପ୍ରଧାନମନ୍ତ୍ରୀ ଏହି ପ୍ରସ୍ତାବରେ ରାଜି ହେବେ ।



# ମହିଳା ପ୍ରିମିୟର ଲିଗ୍ ଖେଳସୂଚୀ ଘୋଷିତ

ନୂଆଦିଲ୍ଲୀ,୧୭।୧(ଏଜେନ୍ସି): ମହିଳା ପ୍ରିମିୟର ଲିଗର ନୂଆ । ସିଜନର କାଉଣ୍ଟଡାଉନ୍ ଆ ।ରମ୍ଭ ହୋଇଛି ଏବଂ ପ୍ରଶଂସକଙ୍କ ଅପେକ୍ଷା କିଛି ଦିନ ମଧ୍ୟରେ ଶେଷ ହେବାକୁ ଯାଉଛି ଡବ୍ଲୁପିଏଲର ତୃତୀୟ ସଂସ୍କରଣ ଫେବ୍ରୁଆ ।ରି ୧୪ରୁ ଆ ।ରମ୍ଭ ହେବାକୁ ଯାଉଛି ଏବଂ ଏହି ୫ ଦଳୀୟ ଲିଗ୍ ରେ ପୁଣି ଥରେ ଆ ।କ୍ସନ ଦେଖିବାକୁ ମିଳିବ ଟୁର୍ଣ୍ଣାମେଣ୍ଟ ଆ ।ରମ୍ଭ ହେବାକୁ ଆ ।ଉ କିଛି ସପ୍ତାହ ବାକି ଅଛି, କିନ୍ତୁ ଏହା ପୂର୍ବରୁ ଆ ।ଜି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି ।ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆ ।ଇ) ଗୁରୁବାର, ଜାନୁଆ ।ରୀ ୧୬, ଗୁରୁବାର ଡବ୍ଲୁପିଏଲ ୨୦୨୫ ର କାର୍ଯ୍ୟସୂଚୀ ଘୋଷଣା କରିଛି ଫେବ୍ରୁଆ ।ରି ୧୪ରୁ ଆ ।ରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମାର୍ଚ୍ଚ ୧୫ରେ ହେବ । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆ ।ଇ) ଏଥର ଡବ୍ଲୁପିଏଲର ପରିସର ବୃଦ୍ଧି କରିବାକୁ ଏକ ବଡ଼ ନିଷ୍ପ□ ନେଇଛି । ଲିଗର ପ୍ରଥମ ସିଜନ କେବଳ ମୁମ୍ବାଇର ଦୁଇଟି ଭିନ୍ନ ଭିନ୍ନ ପଡ଼ିଆ ।ରେ ଖେଳାଯାଇଥିବା ବେଳେ ପୂର୍ବ ସିଜନ ବେଙ୍ଗାଲୁରୁ ଓ ଦିଲ୍ଲୀରେ ଖେଳାଯାଇଥିଲା ଏବେ ପ୍ରଥମ ଥର ପାଇଁ ବିସିସିଆ ।ଇ ଲିଗ୍କୁ ୨ ପରିବ□ ୪ଟି ଭେନ୍ୟୁକୁ ବୃଦ୍ଧି କରିବାକୁ ନିଷ୍ପ□ ନେଇଛି ଏଥର ଏହି ଲିଗ୍ ଲକ୍ଷ୍ନୌ, ମୁମ୍ବାଇ, ଭଦୋଦରା ଏବଂ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ, ଯେଉଁଠାରେ ୩୦ ଦିନ ମଧ୍ୟରେ ୨୨ଟି ମ୍ୟାଚ୍ ଖେଳାଯିବ

# ଖୋ ଖୋ ବିଶ୍ୱକପ୍‌ଃ ଅଷ୍ଟ୍ରେଲିଆ ।ର ନେତୃତ୍ୱ ନେଉଛନ୍ତି ଭାରତୀୟ ମା

ନୂଆଦିଲ୍ଲୀ,୧୭।୧(ଏଜେନ୍ସି): ଦିଲ୍ଲୀରେ ଚାଲିଥିବା ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ । ମହିଳା ଦଳର ନେତୃତ୍ୱ ନେଉଥିବା ଜଣେ ଭାରତୀୟ ମା ଆ ।କର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ସୋନମ ଗର୍ଗ ନାମକ ଏହି ମହିଳା ଜଣକ ହେଉଛନ୍ତି ଜଣେ ୯ବର୍ଷୀୟ ବାଳକର ଜନନୀ ତେବେ ନିଜ ଗତି ଓ ଫୂ□ରେ ସମସ୍ତଙ୍କୁ ଚକିତ କରୁଛନ୍ତି ସୋନମ । ପିଲାଦିନେ ଖୋ ଖୋ ଖେଳୁଥିଲେ ପୁରୁଣା ଦିନର ସେହି କଳା କେଶଳକୁ ଉପଯୋଗ କରି ଆ ।ଜି ନିଜ ଜନ୍ମିତ ଦେଶରେ ପାଳିତ ଦେଶ ପକ୍ଷରୁ ବିଶ୍ୱକପ୍ ଖେଳିବାର ଗେରବ ଅର୍ଜନ କରିଛନ୍ତି

ଖାଲି ସେତିକି ନୁହେଁ, ସବୁ ମାଙ୍କ ପାଇଁ ପ୍ରେରଣାର ଉତ୍ସ ବି ପାଲଟିଛନ୍ତି । ଚଣ୍ଡିଗଡ଼ର ପାଣି ପବନରେ ବଡ଼ ହୋଇଥିବା ସୋନମ ବିବାହ ପରେ ଅଷ୍ଟ୍ରେଲିଆ । ଚାଲିଯାଇଥିଲେ । ଗତ ୧୦ବର୍ଷ ହେବ ସେଠାରେ ସେ ରହି ଆ ।ସୁଛନ୍ତି ।ପେସାରେ ଜଣେ ଅର୍ଥଶାସ୍ତ୍ରୀ ଥିବା ସୋନମ କହିଛନ୍ତି, ୨୦-୨୨ବର୍ଷ ତଳେ ମୁଁ ଖୋ ଖୋ ଖେଳୁଥିଲି ଯେତେବେଳେ ଖୋ ଖୋ ବିଶ୍ୱକପ୍ କଥା ଶୁଣିଲି, ବହୁତ ଖୁସି ହୋଇଯାଇଥିଲି ସଙ୍ଗେସଙ୍ଗେ ପିଲା ବେଳ କଥା ମନେ ପଡ଼ିଯାଇଥିଲା ଏଣୁ ଅଷ୍ଟ୍ରେଲିଆ । ଖୋ ଖୋ କମିଟି ସହ ଯୋଗାଯୋଗ କରି ସେମାନଙ୍କ ଦଳରେ ସାମିଲ ହୋଇଯାଇଥିଲି କିଛି ଦିନ ପରେ ମୁଁ ଦଳର ଅଧିନାୟିକା ନିଯୁକ୍ତ ହୋଇଥିଲି । ଖେଳାଖେଳି, ଆ ।ହ୍ୱାନଭରା ପେସା ଏବଂ ସାଧାରଣ ଜୀବନ ସହ କିଭଳି ସନ୍ତୁଳନ ରକ୍ଷା କରୁଛନ୍ତି ବୋଲି ହୋଇଥିବା ପ୍ରଶ୍ନରେ ସେ ଉ□ର ଦେଇଛନ୍ତି ଯେ ମୋର ଏକ ୯ବର୍ଷର ପୁଅ ଅଛି ପୂର୍ଣ୍ଣକାଳୀନ ଚାକିରି, ଘର ଓ ଖୋ ଖୋ ଖେଳିବା ଆ ।ଦେ ସହଜ ହେଉନି ତେବେ ସ୍ୱାମୀ ଓ ପୁଅର ଦୃଢ଼ ସମର୍ଥନ ପାଇଁ ମୁଁ ଏକସଙ୍ଗରେ ଏତେଗୁଡ଼ିଏ କାର୍ଯ୍ୟ କରିପାରୁଛି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ଲାଗି ମୁଁ ଚାକିରିରୁ କିଛି ଦିନ ଛୁଟି ନେଇଛି ପୁଅର ଗ୍ରୀଷ୍ମ ଛୁଟି ଚାଲିଛି ସ୍ୱାମୀ ଘରୁ କାମ କରୁଛନ୍ତି ମୋ ଅନୁପସ୍ଥିତିରେ ସେ ହିଁ ଆ ।ମ ପୁଅର ଦେଖାଶୁଣା କରୁଛନ୍ତି ମୋ ପୁଅ କ୍ରିକେଟ୍ ପାଇଁ ପୂରା ପାଗଳ ମୋ ପାଇଁ ତାକୁ ଏବେ ଖୋ ଖୋ ମଧ୍ୟ ଭଲ ଲାଗିଲାଣି ଇଂଲଣ୍ଡଠାରୁ ହାରିବା ପରେ ସେ ଏହାର ଭିଡିଓ ଦେଖି କାନ୍ଦି ପକାଇଥିଲା ।

ଅଷ୍ଟ୍ରେଲିଆ ।ର କ୍ରୀଡ଼ା ସଂସ୍କୃତିକୁ ସୋନମ ଭୂୟସୀ ପ୍ରଶଂସା କରିଛନ୍ତି ଖୋ ଖୋ ସେଠାରେ ସେତେଟା ଲୋକପ୍ରିୟ ନଥିଲେ ମଧ୍ୟ ମାତ୍ର ୨ରୁ୩ମାସ ଭିତରେ ଦଳ ଗଠନ କରି ସେମାନେ ବିଶ୍ୱକପ୍‌କୁ ପଠାଇଛନ୍ତି ଅଷ୍ଟ୍ରେଲିଆ । ଦଳରେ ଭାରତ ସହ ଫିଲିପାଇନ୍ସ, ଆ ।ୟର୍ଲାଣ୍ଡ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶର ଖେଳାଳି ଅଛନ୍ତି ଏହା ଏକ ବିବିଧତାଭରା ଦଳ କ୍ରୀଡ଼ା କ୍ଷେତ୍ରରେ ଭାରତ କରୁଥିବା ଉନ୍ନତି ନେଇ ମଧ୍ୟ ସେ ବେଶ୍ ଖୁସି ଅଛନ୍ତି ତେବେ ଭରତୀୟ କ୍ରିକେଟ୍ ଦଳ ଯେତେବେଳେ ବର୍ଡର-ଗାଭାସ୍କର ଟ୍ରଫି ହାରିଥିଲା, ତାଙ୍କ ମନରେ ମିଶ୍ରିତ ଭାବନା ଆ ।ସିଥିଲା ମୁଁ ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିଲା ବେଳେ ଅଷ୍ଟ୍ରେଲିଆ ।ର ନାଗରିକ ।ଏଣୁ ଖୁସି ହେବି କି ଦୁଃଖୀ ତାହା ଜାଣି ପାରି ନଥିଲି ବୋଲି କହିଛନ୍ତି ।ଅଷ୍ଟ୍ରେଲିଆ । ଖୋ ଖୋ ଦଳର ନେତୃତ୍ୱ ନେଇ କିନ୍ତୁ ସେ ବେଶ୍ ଉଲ୍ଲସିତ ଅଛନ୍ତି ।ଅଷ୍ଟ୍ରେଲିଆ । କ୍ରିକେଟ୍ ଦଳର ଲଡୁଆ । ପ୍ରବୃ□କୁ ବେଶ୍ ପସନ୍ଦ କରୁଥିବା ସୋନମ ହେଉଛନ୍ତି ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କର ଜଣେ ବଡ଼ ପ୍ରଶଂସକ ବୁମ୍‌ରାଙ୍କ ଶାନ୍ତ ଓ ସରଳ ବ୍ୟକ୍ତିତ୍ୱ ତାଙ୍କୁ ସବୁଠୁ ବେଶି ପ୍ରଭାବିତ କରେ ବୋଲି ମତ ରଖିଛନ୍ତି ସେ ।

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ

# ଇଗଲ କ୍ରିକେଟ କ୍ଲବ୍ ବିଜୟୀ



ଖୋର୍ଦ୍ଧା,୧୭।୧: ଓଡ଼ିଶା କ୍ରିକେଟ ଆ ।ସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ । ମିନି ଷ୍ଟାଡିୟମରେ କ୍ରିକେଟ ଆ ।ସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ଦ୍ୱିତୀୟ ଦିବସ ଖେଳରେ ଇଗଲ କ୍ରିକେଟ କ୍ଲବ୍ ଗୁରୁଜଙ୍ଗ ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍ କୁ ୪୪ ରନ ରେ ପରାସ୍ତ କରିଛି ଟସ୍ ରେ ହାରି ଇଗଲ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭର ରେ ୯ ୱିକେଟ୍ ହରାଇ ୨୩୨ ରନ କରିଥିଲେଦଳ ତରଫରୁ ଦିପ୍ତାନ୍ସୁ ଦାସ ଅପରାଜିତ ୯୧ ରନ,ତୀର୍ଥଙ୍କର ସାହୁ ୬୦ ରନ ଓ ୟସବନ୍ତ ପ୍ରଧାନ ୨୫ ରନ ସଂଗ୍ରହ କରିଥିଲେ ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍ ପକ୍ଷ ରୁ ଆ ।ଶୁତୋଷ ସିଂ ୩ ଟି ଓ ସିଁତେଶ ବାରିକ ୨ ଟି ୱିକେଟ୍ ନେଇଥିଲେଜବାବରେ ବ୍ଲୁ ବାର୍ଡ ଗୁରୁଜଙ୍ଗ ଦଳ ୩୨.୨ ଓଭର ରେ ସମସ୍ତ ୱିକେଟ୍ ହରାଇ ୧୮୮ ରନ ରେ ସୀମିତ ରହିଥିଲେ । ଦଳ ତରଫରୁ ରୁଦ୍ର ମଲ୍ଲିକ ୮୮ ରନ,ଆ ।ଶୁତୋଷ ସିଂ ୨୭ ରନ ଓ ବିସ୍ମୟ ସାହୁ ୨୩ ରନ ସଂଗ୍ରହ କରିଥିଲେଇଗଲ କ୍ଲବ୍ ତରଫରୁ ତୀର୍ଥଙ୍କର ସାହୁ ୩ ଟି ଓ ଦିପ୍ତାଂସୁ ଦାସ ୨ ଟି ୱିକେଟ୍ ଅକ୍ତିଆ ।ର କରିଥିଲେ । ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ । ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରଞ୍ଜନ ରାୟ ଏବଂ ଦେବପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ୧୮/୦୧/୨୫ କେ ଟି ଗ୍ଲୋବାଲ କ୍ଲବ୍ ବନାମ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବବୋଲି ଚଣ୍ଡୀ ପ୍ରସାଦ ଆ ।ଚାର୍ଯ୍ୟ ଜଣାଇଛନ୍ତି ।

# ଅଲିବାଗ ଯିବା ବାଟରେ ପ୍ରଶଂସକଙ୍କ ଉପରେ ରାଗିଗଲେ ବିରାଟ

ମୁମ୍ବାଇ: ଲଣ୍ଡନରୁ ଭାରତ ଫେରିଲେ ଷ୍ଟାର କ୍ରିକେଟର ବିରାଟ କୋହଲି ଅଲିବାଗରେ ବିରାଟ ଓ ପତ୍ନୀ ଅନୁଷ୍କା ଶର୍ମା ନିଜର ଘର ତିଆ ।ରି କରୁଥିବା ବେଳେ ଘର କାମ ତଦାରଖ ପାଇଁ ଦୁହେଁ ଭାରତ ଆ ।ସିଛନ୍ତି ଏହି ସମୟରେ ପ୍ରଶଂସକ ଘେରିଯିବାରୁ ବିରାଟ ରାଗିଯାଇଥିବା ଜଣାଯାଇଛି ଏହାର ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ବିରାଟ ନିଜ ପ୍ରଶଂସକଙ୍କୁ ବିରକ୍ତ ହୋଇ ବାଟ ଛାଡ଼ିବାକୁ କହୁଛନ୍ତି ।ଭିଡିଓରେ ଦେଖାଯାଇଛି ଯେ, ବିରାଟ ଏକ ଧଳା ରଙ୍ଗର ସାର୍ଟ, କଳା ଚଷମା ପିନ୍ଧି କାନ୍ଧରେ ବ୍ୟାଗରେ ଧରି ଅଲିବାଗ ଅଭିମୁଖେ ଯାଉଛନ୍ତି କିଛି ପ୍ରଶଂସକ ତାଙ୍କ ସହ ଫଟୋ ଉଠାଇବାକୁ ଆ ।ସୁଛନ୍ତି ଏହା ଦେଖି ବିରାଟ ଜଣେ ଯୁବକଙ୍କୁ ଠେଲି ଦେବା ସହ ସାମ୍ନାରେ ଥିବା ପ୍ରଶଂସକଙ୍କୁ ମୋଟ ବାଟ ରୋକ ନାହିଁ ବୋଲି କହୁଛନ୍ତି ।

# ସପା ସାଂସଦଙ୍କ ସହ ରିଙ୍କୁ ସିଂହଙ୍କ ନିର୍ବନ୍ଧ !

ନୂଆଦିଲ୍ଲୀ,୧୭।୧(ଏଜେନ୍ସି): ଭାରତୀୟ ଟିମ୍‌ର ଯୁବ ଷ୍ଟାର୍ କ୍ରିକେଟର ରିଙ୍କୁ ସିଂହଙ୍କ ନିର୍ବନ୍ଧ ହୋଇଛି ।ସମାଜବାଦୀ ପାର୍ଟି ସାଂସଦ ପ୍ରିୟା ସରୋଜଙ୍କ ସହ ରିଙ୍କୁଙ୍କ ନିର୍ବନ୍ଧ ସରିଥିବା ମିଡିଆ । ରିପୋର୍ଟରେ ଦାବି କରାଯାଉଛି । ଖୁବଶୀଘ୍ର ରିଙ୍କୁ ସିଂହ ଏବଂ





ପ୍ରିୟା ସରୋଜ ବିବାହ ବନ୍ଧନରେ ବାନ୍ଧି ହେବେ । ରିପୋର୍ଟ ଅନୁସାରେ ରିଙ୍କୁ ସିଂହଙ୍କ କୋଚ୍ ମସୂଦ ଜଫର ଅମିନି ରିଙ୍କୁଙ୍କ ନିର୍ବନ୍ଧ କଥାକୁ ସ୍ପଷ୍ଟ କରିଛନ୍ତି । ସୋସିଆ ।ଲ୍ ମିଡିଆ ।ରେ ମଧ୍ୟରେ ରୁଙ୍କୁ ସିଂହଙ୍କୁ ଅନେକ ଶୁଭେଚ୍ଛା ଜଣାଇଛନ୍ତି । ତେବେ ଉଭୟଙ୍କ ପରିବାର ପକ୍ଷରୁ ବ□ମାନ ସୁଦ୍ଧା ଆନୁଷ୍ଠାନିକ ଭାବେ ଏନେଇ କୌଣସି ଘୋଷଣା ହୋଇ ନାହିଁ ।

ରିପୋର୍ଟ ଅନୁସାରେ ମସୂଦ ଜଫର୍ ଅମିନି କହିଛନ୍ତି ଯେ ଗତକାଲି (ଜାନୁଆ ।ରୀ ୧୬)ରେ ପ୍ରିୟା ସରୋଜଙ୍କ ବାପା ତୁଫାନୀ ସରୋଜ ଅଲିଗଡ଼ ଆ ।ସିଥିଲେ ଅଲିଗଡ଼ ଓଜୋନ ସିଟିରେ ଏହି କାର୍ଯ୍ୟକ୍ରମ ହୋଇଥିଲା ପରିବାର ଲୋକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା ଉ□ର ପ୍ରଦେଶ ଟିମର କ୍ୟାମ୍ପ ବ□ମାନ ଲକ୍ଷ୍ନୌ ଚାଲିଛି ୟୁପି ଟିମ୍‌ର ଜଣେ ଖେଳାଳି ନାଁ ଗୋପନ ରଖିବା ସ□ରେ ଦୁହିଁଙ୍କ ନିର୍ବନ୍ଧ ହୋଇ ସାରିଥିବା ସୂଚନା ଦେଇଥିବା .ର ରିପୋର୍ଟରେ କୁହାଯାଇଛି ।

୨୬ ବର୍ଷୀୟ ପ୍ରିୟା ସରୋଜ ୨୦୨୪ ଲୋକସଭା ନିର୍ବାଚନରେ ମଛଲୀସହର ଆ ।ସନରୁ ସମାଜବାଦୀ ପାର୍ଟି ଟିକଟରେ ବିଜୟ ହୋଇଥିଲେ । ପ୍ରିୟା ସରୋଜଙ୍କ ଜନ୍ମ ୧୯୯୮ ନଭେମ୍ବର ୨୩ରେ ବାରାଣସୀରେ ହୋଇଥିଲା । ପ୍ରିୟା ନିଜ ସ୍କୁଲ ଶିକ୍ଷା ନୂଆ ।ଦିଲ୍ଲୀ ସ୍ଥିତ ଏୟାରଫୋର୍ସ ଗୋଲ୍ଡେନ ଜୁବଲୀ ଇଷ୍ଟିଚ୍ୟୁଟ୍‌ରୁ ଶେଷ କରିଥିଲେ । ଏହାପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ କରିଥିଲେ । ପରେ ସେ ନୋଏଡାରୁ ଏମିଟି ବିଶ୍ୱବିଦ୍ୟାଳୟରୁ ଏଲ୍ଏଲବି ଡିଗ୍ରୀ ହାସଲ କରିଥିଲେ ପ୍ରିୟା ସରୋଜଙ୍କ ବାପା ତୁଫାନୀ ସରୋଜ ତିନି ଥରର ଲୋକସଭା ସାଂସଦ । ତୁଫାନୀ ସରୋଜ ବ□ମାନ କେରାକତ ଆ ।ସନରୁ ସମାଜବାଦୀ ପାର୍ଟିରେ ବିଧାୟକ ଅଛନ୍ତି । ଅନ୍ୟପଟେ ଭାରତୀୟ ଟିମ୍‌ର ଷ୍ଟାର୍ କ୍ରିକେଟର ରିଙ୍କୁ ସିଂହ ଟିମ୍ ଇଣ୍ଡିଆ ପାଇଁ ୨ଟି ଦିନିକିଆ । ଏବଂ ୩୨ଟି ଟି-୨୦ ମୁକାବିଲା ଖେଳିଛନ୍ତି । ଟି-୨୦ ଇଣ୍ଟରନ୍ୟାସନାଲରେ ରିଙ୍କୁ ସିଂହ ୪୬.୦୯ ହାରରେ ୫୦୭ ରନ୍ କରି କରିଛନ୍ତି । ମୋଟ ଉପରେ ରିଙ୍କୁ ସିଂହ ୫୦ ପ୍ରଥମ ଶ୍ରେଣୀ, ଲିଷ୍ଟ ଏ'ରେ ୬୨ ଏବଂ ଟି-୨୦ରେ ୧୫୦ ମ୍ୟାଚ୍ ଖେଳିଛନ୍ତି ।

## ମୁମ୍ବାଇ ରଣଜୀ ଶିବିରରେ ଜୟସ୍ୱାଲ, ରୋହିତଙ୍କ ସମ୍ମତିକୁ ଅପେକ୍ଷା

ମୁମ୍ବାଇ,୧୭।୧(ଏଜେନ୍ସି): ଭାରତୀୟ ଓପନର୍ ଯଶସ୍ୱୀ ଜୟସ୍ୱାଲ ବୁଧବାର ଆ ।ଗାମୀ ରଣଜୀ ମ୍ୟାଚ୍ ଲାଗି ମୁମ୍ବାଇ ଶିବିରରେ ଯୋଗ ଦେଇଛନ୍ତି ହେଲେ ଅଭ୍ୟାସ ଶିବିରର ପ୍ରଥମ ଦିନରେ ଝାଳବୁହା ଅଭ୍ୟାସ କରିଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମା କିନ୍ତୁ ଦଳ ପକ୍ଷରୁ ରଣଜୀ ଖେଳିବା ନେଇ କେଣସି ସମ୍ମତି ଦେଇନାହାନ୍ତି ମୁମ୍ବାଇ ଅଧିନାୟକ ଅଜିଙ୍କ୍ୟ ରାହାଣେଙ୍କ ସହ ମଙ୍ଗଳବାର ।ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ବହୁ ସମୟ ଧରି ବ୍ୟାଟିଂ କରିଥିବା ରୋହିତ ପୁଣି ଥରେ ଦିନେ ଦୁଇଦିନ ମଧ୍ୟରେ ଅଭ୍ୟାସକୁ ଫେରିବାର ସମ୍ଭାବନା ରହିଛି ତେଣୁ ସେ ୨୩ରୁ ଆ ।ରମ୍ଭ ହେବାକୁ ଥିବା ଜାମ୍ମୁ କାଶ୍ମୀର ବିପକ୍ଷରେ ରଣଜୀ ଖେଳିବାର ରହିଛି ୨୦ ତାରିଖରେ ମୁମ୍ବାଇ ଦଳ ଘୋଷଣା ହେବାକୁ ଥିଲା ବେଳେ ରୋହିତଙ୍କ ସମ୍ମତିକୁ ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ) ଅପେକ୍ଷା ରହିଛି ଜୟସ୍ୱାଲ ବୁଧବାର ସକାଳେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ବ୍ୟାଟିଂ କରିଥିଲେ ।

# କୋଟାକ ଭାରତୀୟ କ୍ରିକେଟ୍ ଦଳର ବ୍ୟାଟିଂ ପ୍ରଶିକ୍ଷକ

ମୁମ୍ବାଇ,୧୭।୧(ଏଜେନ୍ସି): ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଦାବିକୁ ସମ୍ମାନ ଜଣାଇ ବିସିସିଆ ।ଇ ଗୁରୁବାର ପୂର୍ବତନ ରଣଜୀ ତାରକା ସୀତାଂଶୁ କୋଟାକଙ୍କୁ ଭାରତୀୟ କ୍ରିକେଟ୍ ଦଳର ବ୍ୟାଟିଂ ପ୍ରଶିକ୍ଷକ ନିଯୁକ୍ତ କରିଛି କୋଟାକ ସଂପ୍ରତି ଭାରତୀୟ ଏ ଦଳର ମୁଖ୍ୟ ପ୍ରଶିକ୍ଷକ ଅଛନ୍ତି । ତେବେ ଇଂଲଣ୍ଡ ବିପକ୍ଷ ସୀମିତ ଓଭର ଶୃଙ୍ଖଳା (୫ ଟ୍ୱେଣ୍ଟି-୨୦, ୩ ଦିନିକିଆ ।)ରେ ସେ ଭାରତୀୟ ଦଳର ବ୍ୟାଟିଂ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିବେ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ୍ ଶୃଙ୍ଖଳାରେ ଭାରତୀୟ ବ୍ୟାଟରମାନେ ଦୁର୍ବଳ ପ୍ରଦର୍ଶନ କରିବା ପରେ ଜଣେ ନିୟମିତ ବ୍ୟାଟିଂ ପ୍ରଶିକ୍ଷକ ନିଯୁକ୍ତ କରିବାକୁ ବିସିସିଆ ।ଇକୁ ଗମ୍ଭୀର ଅନୁରୋଧ କରିଥିଲେ ବିସିସିଆ ।ଇ ଶେଷରେ ତାଙ୍କର ଏହି ଅନୁରୋଧକୁ ରଖିଛି କୋଟାକ ଭାରତୀୟ ଏ ଦଳ ସହ କାର୍ଯ୍ୟ କରିବା ସହ ତାଙ୍କର ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମିରେ କାର୍ଯ୍ୟ କରିବାର ଢେର ଅଭିଜ୍ଞତା ରହିଛି ।



ସେହିଭଳି ୨୦୨୩ ଅଗଷ୍ଟ ମାସରେ ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଆ ।ୟର୍ଲାଣ୍ଡ ଗସ୍ତ କରିଥିବା ଭାରତୀୟ ଦଳର ମଧ୍ୟ ସେ ପ୍ରଶିକ୍ଷକ ଥିଲେ ୫୨ବର୍ଷୀୟ ବାମହାତୀ ପ୍ରଥମଶ୍ରେଣୀ କ୍ରିକେଟର୍ ସୀତାଂଶୁ ରଣଜୀ ସହ ଏକାଧିକ ଘରୋଇ କ୍ରିକେଟ୍ ପ୍ରତିଯୋଗିତାରେ ସେରାଷ୍ଟ୍ରର ନେତୃତ୍ୱ ନେଇଛନ୍ତି । ଘରୋଇ କ୍ରିକେଟ୍‌ର ଅନ୍ୟତମ ସଫଳ ବ୍ୟାଟର୍ ଭାବେ ପରିଚିତ ସେ ୧୯୯୨-୯୩ରୁ ୨୦୧୩ ପର୍ଯ୍ୟନ୍ତ ଦୁଇ ଦଶନ୍ଧି ଧରି ଘରୋଇ କ୍ରିକେଟ୍‌ରେ ସକ୍ରିୟ ଥିଲେ ଏହି ସମୟ ମଧ୍ୟରେ ୧୩୦ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୪୧.୭୬ ହାରରେ ୮୦୬୧ ରନ୍ କରିଛନ୍ତି ।

ଅବସର ପରେ ପ୍ରଶିକ୍ଷଣ ଜଗତରେ ପାଦ ଥାପିଥିବା ଏହି ଅଭିଜ୍ଞ କ୍ରିକେଟର୍ ନିଜ ଘରୋଇ ଦଳ ସେରାଷ୍ଟ୍ରରୁ ପ୍ରଶିକ୍ଷକ ଜୀବନ ଆ ।ରମ୍ଭ କରିଥିଲେ ଗତ ଚାରିବର୍ଷ ଧରି କିନ୍ତୁ ଏନ୍‌ସିଏର ବ୍ୟାଟିଂ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରି ଆ ।ସୁଛନ୍ତି ଭାରତୀୟ ଏ ଦଳର ପ୍ରଶିକ୍ଷକ ଭାବେ ବାଂଲାଦେଶ, ଦକ୍ଷିଣ ଆ ।ଫ୍ରିକା ଓ ଅଷ୍ଟ୍ରେଲିଆ । ଗସ୍ତ କରିଛନ୍ତି । ୨୦୧୭ ମସିହାରେ ସେ ଗୁଜରାଟ ଲାୟନ୍ସ ଆ ।ଇପିଏଲ୍ (ଭାଙ୍ଗି ସାରିଥିବା) ଦଳର ସହକାରୀ ପ୍ରଶିକ୍ଷକ ମଧ୍ୟ ଥିଲେ କୋଟାକଙ୍କ ନିଯୁକ୍ତି ପରେ ଭାରତୀୟ ପ୍ରଶିକ୍ଷକ ମଣ୍ଡଳି ଏକପ୍ରକାର ପୂର୍ଣ୍ଣ ହୋଇଛି ।ଏଥିରେ ମୁଖ୍ୟପ୍ରଶିକ୍ଷକ ଗମ୍ଭୀରଙ୍କ ସହ ଦକ୍ଷିଣ ଆ ।ଫ୍ରିକାର ମର୍ଣ୍ଣି ମର୍କେଲ (ବୋଲିଂ ପ୍ରଶିକ୍ଷକ), ଅଭିଷେକ ନାୟର (ବ୍ୟାଟିଂ ପ୍ରଶିକ୍ଷକ), ରିୟାନ ଟେନ୍ ଡସଜେଟ୍ (ସହକାରୀ ପ୍ରଶିକ୍ଷକ), ଟି. ଦିଲୀପ (ଫିଲ୍ଡିଂ ପ୍ରଶିକ୍ଷକ) ରହିଛନ୍ତି ।

# ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ୍ ଇଣ୍ଡିଆରେ ମତଭେଦ

ମୁମ୍ବାଇ୧୭।୧(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି ଆ ।ରମ୍ଭ ହେବାକୁ ଆ ।ଉ ମାତ୍ର ୪ ସପ୍ତାହ ବାକି ଫେବ୍ରୁଆ ।ରୀ ୨୯ ତାରଖରୁ ଆ ।ରମ୍ଭ ହେବ ଟୁର୍ଣ୍ଣାମେଣ୍ଟ ଫେବ୍ରୁଆ ।ରୀ ୨୦ରେ ଟିମ୍ ଇଣ୍ଡିଆ । ତାର ପ୍ରଥମ ମ୍ୟାଚ୍ ବାଂଲାଦେଶ ବିରୋଧରେ ଖେଳିବ । ହେଲେ ଗୁରୁତ୍ୱପୂର୍ଣ୍ଣ ଆ ।ଇସିସି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତୀୟ ଦଳରେ ଅସ୍ଥିରତା ଦେଖା ଦେଇଛି ଅଧିନାୟକ ରୋହିତ ଶର୍ମା ଏବଂ ଗୌତମ ଗମ୍ଭୀରଙ୍କ ମଧ୍ୟରେ ବିବାଦ ଖବର ସାମ୍ନାକୁ ଆ ।ସିଛି ହେଡ୍ କୋଚଙ୍କ କଠୋର ମନୋଭାବ ଖେଳାଳିଙ୍କୁ ନାପସନ୍ଦ ଜଣାପଡ଼ିଛି ଗୌତମ ଗମ୍ଭୀର ଇସ୍ତଫା ଦେବା ନେଇ ମଧ୍ୟ ଜାତୀୟ ଗଣମାଧ୍ୟମରେ ବଜୁଛି ୮ ବର୍ଷ ପୂର୍ବେ ଚାମ୍ପିଅନ୍ସ ଟ୍ରଫି ସମୟରେ ଭାରତୀୟ ଦଳ ପୂର୍ବତନ ମୁଖ୍ୟ ପ୍ରଶିକ୍ଷକଙ୍କ ସହିତ ଏପରି ମଧ୍ୟ ହୋଇଥିଲା ।

ଗୌତମ ଗମ୍ଭୀରଙ୍କ ସାମ୍ନାରେ ଖେଳାଳିଙ୍କ ଖରାପ ପ୍ରଦର୍ଶନ ଅପେକ୍ଷା ଦଳରେ ବିଦ୍ରୋହ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଅନେକ ଖେଳାଳି ତାଙ୍କର କାମ କରିବାର ଶୈଳୀକୁ ପସନ୍ଦ କରୁନାହାନ୍ତି । ଅଷ୍ଟ୍ରେଲିଆ । ଗସ୍ତ ସମୟରେ ହେଡ୍ କୋଚ୍ ଏବଂ ଅଧିନାୟକଙ୍କ ମଧ୍ୟରେ ମଧ୍ୟ ମତଭେଦ ଖବର ଆ ।ସିଥିଲା କେବଳ ଏତିକି ନୁହେଁ, ବିସିସିଆ ।ଇ ସହିତ ଆ ।ଲୋଚନା କରି ଖେଳାଳିଙ୍କ ପାଇଁ କଠୋର ନିୟମ ଲାଗୁ କରିବାକୁ ଯାଉଛନ୍ତି ତେବେ ମୁଖ୍ୟ ପ୍ରଶିକ୍ଷକଙ୍କ ଏଭଳି କଠୋର ମନୋଭାବ ଚାମ୍ପିଅନ୍ସ ଟ୍ରଫି ପାଇଁ ଘାତକ ହୋଇପାରେ ବୋଲି କୁହାଯାଉଛି ତେଣୁ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇପାରେ ବୋଲି କୁହାଯାଉଛି । ୮ ବର୍ଷ ପୂର୍ବରୁ ଟିମ୍ ଇଣ୍ଡିଆରେ ଏଭଳି ସ୍ଥିତି ପୂର୍ବରୁ ଦେଖିବାକୁ ମିଳିଥିଲା । ୨୦୧୭ରେ, ଅନିଲ୍ କୁମ୍ବଲେଙ୍କୁ ତାଙ୍କର କଠୋର ମନୋଭାବ ଯୋଗୁଁ ଚାମ୍ପିଅନ୍ସ ଟ୍ରଫି ପରେ ଇସ୍ତଫା ଦେବାକୁ ପଡିଥିଲା । ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ଆଗରେ ମୁଣ୍ଡ ନୁଆ ।ଇଁବାକୁ ପଡିଲା । ଭାରତୀୟ ଦଳର ଅଭିଜ୍ଞ ସ୍ପିନର ଅନିଲ କୁମ୍ବଲେ ଜୁନ୍ ୨୦୧୬ରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ନିଯୁକ୍ତିକୁ କ୍ରିକେଟ୍ ପରାମର୍ଶଦାତା କମିଟିର ସଦସ୍ୟ ଥିବା ସୌରଭ ଗାଙ୍ଗୁଲି, ସଚିନ ତେନ୍ଦୁଲକର ଏବଂ ଭିଭିଏସ ଲକ୍ଷ୍ମଣଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିମାନେ ସବୁଜ ସଙ୍କେତ ଦେଇଥିଲେ । ମାତ୍ର କୁମ୍ବଲେ ଏବଂ ସେତେବେଳର ଅଧିନାୟକ ବିରାଟ୍ କୋହଲିଙ୍କ ମତଭେଦ ସୃଷ୍ଟି ହୋଇଥିଲା । ଚାମ୍ପିଅନ୍ସ ଟ୍ରଫି ପରେ ପ୍ରଶିକ୍ଷକ ପଦରୁ ଓହରି ଯାଇଥିଲେ ଅନିଲ୍ କୁମ୍ବଲେ ।

# ନୀତୀଶ ରେଡ୍ଡୀଙ୍କୁ ପୁରସ୍କାର ଦେଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ



ହାଇଦ୍ରାବାଦ: ଆ ।ନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟିଲେ ଭାରତୀୟ କ୍ରିକେଟ ଟିମ୍‌ର ଯୁବ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ସେ ତାଙ୍କ ବାପା ମୁଥ୍ୟାଲା ରେଡ୍ଡୀଙ୍କ ସହିତ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଅଫିସ୍‌କୁ ଯାଇ ତାଙ୍କୁ ସାକ୍ଷାତ୍କାର କରିଛନ୍ତି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଷ୍ଟ୍ରେଲିଆ ।ରେ ଡେବ୍ୟୁ ଟେଷ୍ଟ ସିରିଜରେ ଚମତ୍କାର ପ୍ରଦର୍ଶନ ପାଇଁ ନୀତୀଶଙ୍କୁ ସମ୍ମାନିତ କରିଛନ୍ତି ୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ।

ଏନେଇ ମୁଖ୍ୟମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ସେ ଲେଖିଛନ୍ତି ଦକ୍ଷ ଓ ଯୁବ ଓ ଆ ।ମ ନିଜର କ୍ରିକେଟର ନୀତିଶ କୁମାର ରେଡ୍ଡୀଙ୍କୁ ଭେଟିଲି ଆ ।ଜି ନୀତୀଶ ତେଲୁଗୁ ସମ୍ପ୍ରଦାୟର ଏକ ଉଜ୍ଜ୍ୱଳ ତାରକା, ଯିଏ ବିଶ୍ୱ ସ୍ତରରେ ଭାରତ ପାଇଁ ଗର୍ବ ଆ ।ଣି ପାରିଛନ୍ତି ତାଙ୍କ କ୍ରିକେଟ୍ ଯାତ୍ରାରେ ଅତୁଟ ସମର୍ଥନ ପାଇଁ ତାଙ୍କ ବାପାମାଙ୍କୁ ମଧ୍ୟ ମୁଁ ଖୁବ୍ ପ୍ରଶଂସା କରୁଛି ଆ ।ଗକୁ ଆ ।ହୁରି ଶତକ ମାରନ୍ତୁ ଓ ଆ ।ଗାମୀ ବର୍ଷଗୁଡ଼ିକରେ ଅନେକ ସଫଳତା ପାଆନ୍ତୁ ଏହା ମୋର କାମନା ।

ଏହା ପୂର୍ବରୁ ଅଷ୍ଟ୍ରେଲିଆ । ସିରିଜ୍ ପରେ ନୀତୀଶ ରେଡ୍ଡୀ ତିରୁପତି ମନ୍ଦିର ଯାଇଥିଲେ, ଏବଂ ଆ ।ଣ୍ଠେଇ ଆ ।ଣ୍ଠେଇ ସେ ପାହାଚ ଚଢ଼ିଥିଲେ ଯାହାର ଭିଡିଓ ସେ ଇନଷ୍ଟାରେ ବି ଶେୟାର କରିଥିଲେ ନିକଟରେ ଅଷ୍ଟ୍ରେଲିଆ । ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫିରେ ନୀତୀଶ ରେଡ୍ଡୀ ନିଜର ଚମତ୍କାର ପ୍ରଦର୍ଶନ କରିଥିଲେ ଏହାସ□ େବି ରୋହିତଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ । ଦଳ ପାଞ୍ଚଟି ଟେଷ୍ଟରେ ୧-୩ରେ ପରାସ୍ତ ହୋଇଥିଲା ।

ପୂର୍ବରୁ ରେଡ୍ ବଲ୍‌ରେ କୌଣସି ଅଭିଜ୍ଞତା ନଥିବା ସ□େ ମଧ୍ୟ ସମସ୍ତ ପାଞ୍ଚଟି ଟେଷ୍ଟ ମ୍ୟାଚ୍ ଖେଳି ନୀତୀଶ ଭାରତର ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିବା ବ୍ୟାଟର ହୋଇଥିଲେସେ ପ୍ରାୟତଃ ଅଷ୍ଟମ ନମ୍ବରରେ ବ୍ୟାଟିଂ କରିବାକୁ ଆ ।ସି ୩୭.୨୫ ହାରରେ ୨୯୮ ରନ୍ ସଂଗ୍ରହ କରିଥିଲେ ।

ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ (ଏମସିଜି)ରେ ସେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳୁଥିବା ବେଳେ ଚମତ୍କାର ପ୍ରଦର୍ଶନ କରିଥିଲେ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ୧୧୪ ରନ୍ କରିଥିଲେ ତାଙ୍କର ଏହି ସଫଳତା ବେଳେ ତାଙ୍କ ପରିବାର ତାଙ୍କ ବାପା ମୁଥିୟାଲୁ ରେଡ୍ଡୀ, ମାତା ମାନସା, ଭଉଣୀ ତେଜସ୍ୱୀ ଏବଂ ମାମୁ ସୁରେନ୍ଦ୍ର ସମସ୍ତେ ଉପସ୍ଥିତି ରହିଥିଲେ । କେବଳ ବ୍ୟାଟିଂ ନୁହେଁ ବୋଲିଂରେ ବି ଭଲ ପ୍ରଦର୍ଶନ କରିଥିଲେ ନୀତୀଶ ୪୪ ଓଭରରେ ପାଞ୍ଚଟି ୱିକେଟ୍ ନେଇଥିଲେ । ମାତ୍ର ୩୨ ରନ୍‌ଦେଇ ୨ ୱିକେଟ୍‌ନେବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା । ଅଷ୍ଟ୍ରେଲିଆ ।ରୁ ସେ ବିଶାଖାପାଟନମ୍ ଫେରିବା ପରେ ତାଙ୍କ ପ୍ରଶଂସଙ୍କ ସହିତ ପୂରା ଆ ।ନ୍ଧ୍ରପ୍ରଦେଶ ତାଙ୍କୁ ସଙ୍ଗୋଳି ନେଇଥିଲା ।

# ବୁମ୍‌ରାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ

ମୁମ୍ବାଇ,୧୭।୧: ଅଷ୍ଟ୍ରେଲିଆ ।ରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟ୍ରଫିର ସମସ୍ତ ପାଞ୍ଚଟି ଯାକ ଟେଷ୍ଟ୍ ମ୍ୟାଚ୍ ଖେଳିଥିବା ତାରକା ଦ୍ରୁତ ବୋଲର ଯଶପ୍ରୀ ବୁମ୍‌ରା କେବଳ ଇଂଲଣ୍ଡ ଶୃଙ୍ଖଳା ନୁହେଁ ଚାମ୍ପିଅନ୍ସ ଟ୍ରଫିରେ ମଧ୍ୟ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ମାତ୍ରାଧିକ କାର୍ଯ୍ୟଭାର ଯୋଗୁଁ ବୁମ୍‌ରାଙ୍କ ପିଠିରେ ଏବେ ଦରଜ ରହିବା ସହ ଅସହ୍ୟ ଯନ୍ତ୍ରଣା ହେଉଛି ସେଥିପାଇଁ ଡାକ୍ତରମାନେ ତାଙ୍କୁ ସଂପୂର୍ଣ୍ଣ ବେଡ୍ ରେଷ୍ଟ୍ ପାଇଁ ପରାମର୍ଶ ଦେଇଛନ୍ତି ତେବେ କେତେ ଦିନ ପାଇଁ କ୍ରିକେଟ୍ ପଡ଼ିଆ ।କୁ ନଓହ୍ଲାଇ ବିଶ୍ରାମ ନେବାକୁ କହିଛନ୍ତି, ସେକଥା ସ୍ପଷ୍ଟ ହୋଇନି ଏହା କିନ୍ତୁ ଭାରତୀୟ ଦଳକୁ ଚିନ୍ତାରେ ପକାଇଛି । ବୁମ୍‌ରାଙ୍କୁ ଦଳରେ ସାମିଲ କରିବା ପୂର୍ବରୁ ବିସିସିଆ ।ଇ ଡାକ୍ତରମାନେ ତାଙ୍କ ପିଠି ଯନ୍ତ୍ରଣାର ପୁନଃଆ ।କଳନ କରିବେ ବୋଲି ଜଣାପଡ଼ିଛି ।

# ଅଷ୍ଟ୍ରେଲିଆନ୍ ଓପନ୍ ଦ୍ୱିତୀୟ ରାଉଣ୍ଡରେ ବାଲାଜୀ

ମଲ୍‌ବର୍ଣ୍ଣ,୧୭।୧: ଭାରତୀୟ ଟେନିସ୍ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଏବଂ ତାଙ୍କ ମେକ୍ସିକାନ୍ ସାଥୀ ମିଗୁଏଲ୍ ଆ ।ଞ୍ଜେଲ ରିଜ୍-ଭାରେଲା ଚଳିତ ଅଷ୍ଟ୍ରେଲିଆ ।ନ୍ ଓପନ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ଯୁଗଳ ପ୍ରଥମ ରାଉଣ୍ଡ୍ ମୁକାବିଲାରେ ଏହି ଭାରତ-ମେକ୍ସିକୋ ଯୋଡ଼ି ସିଧାସଳଖ ୬-୪, ୬-୩ ସେଟ୍‌ରେ ନେଦରାଲାଣ୍ଡସ ଓ କାଜାଖସ୍ତାନର ରବିନ ହାସେ ଓ ଆଲେକଜାଣ୍ଡର ନେଦୋଭିସୋଭ୍‌ଙ୍କୁ ହରାଇଛନ୍ତି । ତେବେ ଭାରତୀୟ ଯୋଡ଼ି ବିଜୟ ସୁନ୍ଦର ପ୍ରଶାନ୍ତ ଓ ଜୀବନ ନେନ୍ଦୁଚେଝିଆ ।ନ୍ ୨-୬, ୨-୬ ସେଟ୍‌ରେ ବ୍ରାଜିଲ୍‌ର ଓର୍‌ଲାଣ୍ଡୋ ଲୁଜ୍ ଓ ଫ୍ରାନ୍ସର ଗ୍ରିଗୋରି ଜାକ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି । ବିଦେଶୀ ସାଥୀଙ୍କୁ ନେଇ ଖେଳୁଥିବା ଭାରତୀୟ ଖେଳାଳି ରିତିକ୍ ବୋଲିପାଲି ଓ ଅନିରୁଦ୍ଧ ଚନ୍ଦ୍ରଶେଖରଙ୍କ ଅଭିଯାନ ଶେଷ ହୋଇଛି । ରିତିକ୍ ଓ ଆ ।ମେରିକାର ସେଗେରମାନ୍ ୧-୭, ୧-୬ ସେଟ୍‌ରେ ଷଷ୍ଠ ମାନ୍ୟତାପ୍ରାପ୍ତ ଫିନ୍‌ଲାଣ୍ଡ-ବ୍ରିଟେନ୍ ଯୋଡ଼ି ହାରି ହେଲିଓଭାରା-ହେନରି ପାଟେନ୍‌ଙ୍କଠୁ ଏବଂ ଅନିରୁଦ୍ଧ ଓ ପୋଲାଣ୍ଡର କାରୋଲ ଡ୍ରିସ୍କି ୬-୭, ୬-୨, ୬-୭ ସେଟ୍‌ରେ ବୋସନିଆ ।ର ଡାମିର ଜୁମୁର ଓ ଗ୍ରିସ୍‌ର ପେଟ୍ରୋସ ସିସିପାସ୍‌ଙ୍କଠୁ ହାରି ଯାଇଥିଲେ । ପୂର୍ବରୁ ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରି ନିଜ ନିଜ ସାଥୀଙ୍କ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ । ତେଣୁ ବାଲାଜୀ ଏକାକୀ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଯୁଗଳରେ ଭାରତର ଆ ।ଶା ଉଜ୍ଜୀବିତ ରଖିଛନ୍ତି ।

ବିଶ୍ୱର ଏକ ନମ୍ବର ପୁରୁଷ ଖେଳାଳି ୟାନିକ୍ ସିନ୍ନର ଓ ଦୁଇ ନମ୍ବର ମହିଳା ଖେଳାଳି ଇଗା ସ୍ୱିତେକ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ଏକକ ମୁକାବିଲାରେ ଇଟାଲି ତାରକା ସିନ୍ନର ୪-୬, ୬-୪, ୬-୧, ୬-୩ ସେଟ୍‌ରେ ଅଷ୍ଟ୍ରେଲୀୟ ।ଇଲ୍ଡ କାର୍ଡ ଟ୍ରିଷ୍ଟାନ ସ୍କୁଲ୍‌କାଟେଙ୍କୁ ହରାଇଛନ୍ତି ଲଗାତାର ୧୬ ବିଜୟ ସହ ସିନ୍ନର ଅଷ୍ଟ୍ରେଲିଆ ।ନ୍ ଓପନ୍ ମୁକୁଟ ବଜାୟ ରଖିବା ଦିଗରେ ଗୋଟିଏ ପାଦ ଆ ।ଗକୁ ବଢ଼ାଇଛନ୍ତି । ଅନ୍ୟ ପୁରୁଷ ଏକକ ତାରକା ଖେଳାଳି ଆ ।ମେରିକାର ଟେଲର ଫ୍ରିଜ୍, ଡେନ୍‌ମାର୍କର ହୋଲଗର ରୁନେ ଦ୍ୱିତୀୟ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି । ଫ୍ରିଜ୍ ସିଧାସଳଖ ୬-୨, ୬-୧, ୬-୦ ସେଟ୍‌ରେ ଚିଲିର କ୍ରିଷ୍ଟିଆ ।ନ୍ ଗାରିନ୍‌ଙ୍କୁ ଏବଂ ରୁନେ ୭-୬, ୨-୬, ୬-୩, ୭-୬ ସେଟ୍‌ରେ ଇଟାଲିର ମାତିଓ ବେରେତିନିଙ୍କୁ ହରାଇଛନ୍ତି ।

ମହିଳା ଏକକରେ ୫ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ପୋଲାଣ୍ଡ ଲଳନା ସ୍ୱିତେକ ସିଧାସଳଖ ୬-୦, ୬-୨ ସେଟ୍‌ରେ ସ୍ଲୋଭାକିଆ ।ର ରେବିକା ସ୍ରାମକୋଭାଙ୍କୁ ହରାଇଛନ୍ତି । ପରବ□ୀ ରାଉଣ୍ଡରେ ସେ ୨୦୨୧ ୟୁଏସ୍ ଓପନ୍ ବିଜୟିନୀ ଇମ୍ମା ରାଡୁକାନୁଙ୍କୁ ଭେଟିବେ ବ୍ରିଟିସ୍ ଲଳନା ୨୨ ବର୍ଷୀୟା ରାଡୁକାନୁ ୬-୦, ୬-୩ ସେଟ୍‌ରେ ଆ ।ମେରିକାର ଇଭା ଜୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି ।

ସେହିପରି ଚତୁର୍ଥ ମାନ୍ୟତାପ୍ରାପ୍ତ ଯସ୍ମିନ ପାଓଲିନ୍, ୩ ଗ୍ରାଣ୍ଡ ସ୍ଲାମ୍ ଫାଇନାଲିଷ୍ଟ ଓନ୍ସ ଜାବିଉର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଇଟାଲିର ପାଓଲିନ୍ ୬-୨, ୬-୩ ସେଟ୍‌ରେ ମେକ୍ସିକୋର ରେନାଟା ଜାରାଜୁଆ ।ଙ୍କୁ ଏବଂ ବିଶ୍ୱର ପୂର୍ବତନ ଦୁଇ ନମ୍ବର ଜାବିଉର ୭-୫, ୬-୩ ସେଟ୍‌ରେ କଲମ୍ବିଆ ।ର କାମିଲା ଓସୋରିଓଙ୍କୁ ହରାଇଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ